R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭୩
ତିଥି : ଅଷ୍ଟମୀ
୦୮ ଜୁଲାଇ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 273
08 July 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଭାରତରୁ ବ୍ରହ୍ମୋସ କିଣିବ ଇଣ୍ଡୋନେସିଆ



- ମୋଦୀ, ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହ ଆଲୋଚନା
- ସବାଙ୍ଗ ବନ୍ଦର ବିକାଶ କରିବେ ଉଭୟ ରାଷ୍ଟ୍ର
- ଇଭିଏମ୍ ପ୍ରଚଳନ ନେଇ ଭାରତ ଯୋଗାଇବ ସହାୟତା
- ବିଭିନ୍ନ ପ୍ରସଙ୍ଗରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା

ନୂଆଦିଲ୍ଲୀ, ୦୭ ।୭ : ଭାରତରୁ ବ୍ରହ୍ମୋସ ମିଶାଇଲ ଇଣ୍ଡୋନେସିଆ କିଣିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୟା ସୁବିୟାନ୍ତୋଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପୋର ଏହି ନିଷ୍ପତ୍ତି ନିଆଯାଇଛି । ଆଲୋଚନା ସମୟରେ ବାଣିଜ୍ୟ ବିନିଯୋଗ, ପ୍ରତିରକ୍ଷା, ସାମୁଦ୍ରିକ ସହଯୋଗ, ଡିଜିଟାଲ, ଆର୍ଥିକ ପ୍ରଯୁକ୍ତି ବିଦ୍ୟା, ଶକ୍ତି, ସ୍ୱାସ୍ଥ୍ୟସେବା, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃର୍ତ୍ତିକା, ସଂସ୍କୃତି, ପର୍ଯ୍ୟଟନ, କୃଷି ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦାନ ପ୍ରଦାନକୁ ଅନ୍ତର୍ଭୁକ୍ତ କରିଥିବା ବ୍ୟାପକ ରଣନୀତିର ସହଭାଗିତା ଦିଗରେ ସମୀକ୍ଷା କରାଯାଇଥିଲା ।

ଭାରତରୁ ବ୍ରହ୍ମୋସ କିଣିବାରେ ଇଣ୍ଡୋନେସିଆ ହେଉଛି ତୃତୀୟ ରାଷ୍ଟ୍ର । ଏହା ପୂର୍ବରୁ ଦୁଇ ରାଷ୍ଟ୍ର ଭାରତ ସହ ଚୁକ୍ତି କରିଛନ୍ତି । ଉଭୟ ଦେଶ ମଧ୍ୟରେ ବଢୁଥିବା ସହଭାଗିତାଯୋଗୁ ପ୍ରତିରକ୍ଷା କ୍ଷେତ୍ରରେ ରପ୍ତାନୀ ବୃଦ୍ଧି ପାଇବ । ଉଭୟ ଦେଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସାବାଙ୍ଗ ବନ୍ଦରର ବିକାଶ ପାଇଁ ରାଜି ହୋଇଛନ୍ତି । ଏହି ଚୁକ୍ତି ଦକ୍ଷିଣ-ପୂର୍ବ ଏସିଆରେ ଭାରତର ପାଦଚିହ୍ନକୁ ସ୍ପଷ୍ଟ କରିବ । ଉଭୟ ଦେଶ ସବାଙ୍ଗ ବନ୍ଦରର ବିକାଶ ଲାଗି ରାଜି ହୋଇଛନ୍ତି । ଏହି ବନ୍ଦରଟି ସୁମାତ୍ରା ଉତ୍ତରର ଦ୍ୱିପରେ ( ୯ ପୃଷ୍ଠାରେ)

## ୱାୟନାଡରେ ଭୂସ୍ଖଳନ : ୨ ମୃତ, ୭ ନିଖୋଜ



ନୂଆଦିଲ୍ଲୀ, ୦୭ ।୭ : କେରଳର ୱାୟନାଡରେ ଭୂସ୍ଖଳନ ଓ ଲଗାଣ ବର୍ଷା ଯୋଗୁ ଘଟିଛି । ଟନେଲ ନିର୍ମାଣ ଚାଲିଥିବାବେଳେ ଏହି ଭୂସ୍ଖଳନ ଘଟିବା ଯୋଗୁ ଦୁଇ ଶ୍ରମିକଙ୍କର ମୃତ୍ୟୁ ହୋଇଥିବାବେଳେ ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ୭ ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ମଧ୍ୟାହ୍ନ ୧୨.୩୦ରେ ଏହି ଭୂସ୍ଖଳନ ହୋଇଥିଲା । ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ କରାଯାଇଛି ।

ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କାଦୁଅ ମିଶା ପାଣି ମାଡ଼ି ଆସିଥିଲା । ଫଳରେ କିଛି ଲୋକ ତଳେ ପୋତି ହୋଇଯାଇଛନ୍ତି । ପାଣି ମାଡ଼ିଆସୁଥିବା ଦେଖି ଲୋକମାନେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଥିଲେ । ୱାୟନାଡରେ ଆଙ୍କାମୋପାଇଲ-କାଲାଡ଼ି-ମେପାଡ଼ି ଟନେଲ ରାସ୍ତା ଚାଲିଥିଲା । ଏହି ସମୟରେ ଦୁର୍ଘଟଣା ଘଟିଥିଲା । ସେଠାରେ ଉଦ୍ଧାର କାର୍ଯ୍ୟ ଜୋରଦାର ଚାଲିଛି । ସମଗ୍ର ୱାୟନାଡ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ଆଇଏମ୍‌ଡି ରେଡ୍ ଆଲର୍ଟ ଜାରି କରିଛି । ୨୦୨୪ ଭୂସ୍ଖଳନ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ମୁଣ୍ଡାକିର୍‌ର ଅତି (୯ ପୃଷ୍ଠାରେ)

## ତିନିଦିନ ପାଗ ଶୁଖିଲା, ୧୧ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୦୭ ।୭ (ସବ୍ୟୁ) : ରାଜ୍ୟରେ ସପ୍ତାହେ ହେବ ପ୍ରବଳ ବର୍ଷା ହୋଇଥିବାବେଳେ ଆଗାମୀ ତିନିଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିପାରେ । କାଁଭାଁ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ସେଭଳି ବଡ଼ ବର୍ଷାର କୌଣସି ଆକଳନ କରାଯାଇ ନାହିଁ । ଆସନ୍ତା ୧୦ ତାରିଖରୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି । ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଅବପାତଟି ଦୁର୍ବଳ ହୋଇ ୱେଲମାର୍କ ଲୋ ପ୍ରେସରରେ ପରିଣତ ହେବା ସହ ପୂର୍ବ ମଧ୍ୟପ୍ରଦେଶ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ରହିଛି । ତେବେ ଓଡ଼ିଶାରେ ସେଭଳି ବଡ଼ ବର୍ଷା ଆଉ ନାହିଁ । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେସ୍ଥାନେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ ।

ଗତ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ ସୋମବାର ଝାରସୁଗୁଡ଼ାରେ ସର୍ବାଧିକ ୬୦.୮ ମିମି ବର୍ଷା ହୋଇଥିବାବେଳେ ସମ୍ବଲପୁରରେ ୫୮.୮ ମିମି, ବରଗଡ଼ରେ ୫୨.୪ ମିମି, ସୁନ୍ଦରଗଡ଼ରେ ୫୦.୬ ମିମି, ନୂଆପଡ଼ାରେ ୪୭ ମିମି, ଦେବଗଡ଼ରେ ୩୦ ମିମି, ରାଉରକେଲାରେ ୧୮.୯ ମିମି, ବୌଦ୍ଧରେ ୭ ମିମି ବର୍ଷା ରେକର୍ଡ଼ କରାଯାଇଛି । ମଙ୍ଗଳବାର ରାଜ୍ୟରେ କାଁଭାଁ ସ୍ଥାନକୁ ଛାଡ଼ିଦେଲେ ସେଭଳି ବର୍ଷା ହୋଇ ନଥିବା ଜଣାପଡ଼ିଛି । ଆସନ୍ତା ତିନିଦିନ ପାଇଁ ଆକାଶ ସାମାନ୍ୟ ମେଘାଚ୍ଛନ୍ନ ରହିବା ସହ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

## ଲଘୁଚାପ ବର୍ଷା : ବନ୍ୟାରେ ଭାସିଗଲେ ୪



ଠାକୁରମୁଣ୍ଡା/ବେତନଟି/ପାଟଣା/ ବାଙ୍କୀ, ୦୭ ।୭ (ସବ୍ୟୁ) : ଲଘୁଚାପ ବର୍ଷା ଜନିତ କାରଣରୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ଆସିଛି । ଏହି ବନ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟାରେ ୪ ଜଣ ଭାସି ଯାଇଥିବା ଖବର ମିଳିଛି । କେନ୍ଦୁଝର ଜିଲା ସାହାର ପଡ଼ା ବ୍ଲକ ତେଲ ନଦୀର ବଢ଼ି ପାଣିରେ ଭାସି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଘୋଲକୁଣ୍ଡ ଗ୍ରାମର ସାଧୁ ଚାମ୍ପିଆ । ସେ ସୋମବାର ସନ୍ଧ୍ୟାରେ ରେ ସେ ଝିଅ ଘରୁ ଫେରୁଥିଲେ । ଏହି ସମୟରେ ନୂଆପଡ଼ା ଘାଟ ନିକଟ ତେଲ ନଦୀର ବଢ଼ି ପାଣି ଅତିକ୍ରମ କରୁଥିବା ସମୟରେ ପ୍ରଖର ସ୍ରୋତରେ ଭାସିଯାଇଥିଲେ ।

ମଙ୍ଗଳବାର ସକାଳେ ନୂଆପଡ଼ା ଘାଟ ନିକଟରେ ଏକ ଗଛରେ ଲାଖି ରହିଥିବା ଖବର ପାଇ ଠାକୁରମୁଣ୍ଡା ଥାନା ପକ୍ଷରୁ ଅଗ୍ନିଶମ ବାହିନୀ ସହାୟତାରେ ସାଧୁଙ୍କ ମୃତ ଶରୀର ଉଦ୍ଧାର କରାଯାଇଥିଲା । ସାଧୁର ପୁଅ ଯୋଗେଶ୍ୱର ଠାକୁରମୁଣ୍ଡା ଥାନାରେ ଏତଲା ଦାଏର କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଉଦ୍ଧାର ପରେ ତଦନ୍ତ ଜାରି ରଖିଛି । ସେହିପରି ମୟୂରଭଞ୍ଜ ଜିଲା ବୁଢାବଳଙ୍ଗ ନଦୀରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ବୁଢାବଳଙ୍ଗ ନାର୍ଖା ବ୍ରିଜ ତଳେ ଗାଧୋଇବା ବେଳେ ଭାସି ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିବା ଜଣାପଡିଛି । ନିଖାଜ ଯୁବକ ଜଣକ ବାଲେଶ୍ୱରର ବୋଲି ସୂଚନା ମିଳିଛି ।ମିଳିଥିବା ସୂଚନା ମୁତାବକ, ବାଲେଶ୍ୱରରୁ ୩ଜଣ ସାଙ୍ଗ ବୁଢାବଳଙ୍ଗ ନଦୀର ନାର୍ଖା ବ୍ରିଜକୁ ଗାଧୋଇବାକୁ ଆସିଥିଲେ । ଗାଧୋଇବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପାଣି ସ୍ରୋତରେ ଭାସି ଯାଇଥିଲେ । ଖବର ପାଇ ବୈଶିଙ୍ଗା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କସହ ଡ୍ରାଫ ଟିମ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ ସୁଦ୍ଧା ପାଣିର ସ୍ରୋତ ଏତେ ତୀବ୍ରତର ( ୯ ପୃଷ୍ଠାରେ)

## ବନ ସୁରକ୍ଷା, ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଦେଶରେ ତୃତୀୟ

### ବିକାଶ, ପରିବେଶ ବିରୋଧୀ ନୁହଁନ୍ତି ବରଂ ପରିପୂରକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୭ ।୭ (ସବ୍ୟୁ) : ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ । ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ । ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଞ୍ଚଳରେ ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି । ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ । ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି । 'ଆମ ଜଙ୍ଗଲ ଯୋଜନା' ଅଧୀନରେ (୯ ପୃଷ୍ଠାରେ)

### ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟି ବୈଠକ

## ସମନ୍ୱିତ ପ୍ରୟାସରେ ବିକାଶ ଲାଗି ପ୍ରତିବଦ୍ଧତା



ଭୁବନେଶ୍ୱର, ୦୭ ।୭ (ସବ୍ୟୁ) : ପୂର୍ବାଞ୍ଚଳ ପରିଷଦ ସ୍ଥାୟୀ କମିଟିର ୧୫ତମ ବୈଠକ ଆଜି ଭୁବନେଶ୍ୱର ଲୋକସେବାଭବନସ୍ଥିତ ରାଜ୍ୟ କନଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ କେନ୍ଦ୍ର ଗୃହମନ୍ତ୍ରାଳୟ ଅଧୀନସ୍ଥ ଆନ୍ତଃ-ରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଥିଲା । ଆୟୋଜକ ରାଜ୍ୟ ଭାବେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । (୯ ପୃଷ୍ଠାରେ)

## ମହାନଦୀ ଜଳ ପରିଚାଳନାରେ ଛତିଶଗଡ଼ର ଅସହଯୋଗ



ସମ୍ବଲପୁର, ୦୭ ।୭ (ସବ୍ୟୁ): ମହାନଦୀ ଓଡିଶାର ଜୀବନରେଖା । ଏଥିଯୋଗୁଁ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଶସ୍ୟଶ୍ୟାମଳା ହୋଇପାରିଛି । ଛତିଶଗଡ଼ ଉପରମୁଣ୍ଡରେ ଅନୁମତି ବିନା ଏକାଧିକ ଆନିକଟ୍ ଓ ବ୍ୟାରେଜ ନିର୍ମାଣ କରିଛି । କଲମା, ସାରଡ଼ିହି, ବସନ୍ତପୁର, ମିରାଉନି, ସିଓନିନାରାୟଣ ଏବଂ ସାମୋଦା ଆଦି ବ୍ୟାରେଜ ଯୋଗୁଁ ଓଡ଼ିଶାକୁ ଜଳପ୍ରବାହ ପୂର୍ବାପେକ୍ଷା ହ୍ରାସ ପାଇଛି । ଏସବୁ ବ୍ୟାରେଜ ଅଣମୌସୁମୀ ସମୟରେ ଜଳପ୍ରବାହକୁ ରୋକିବାରେ ବେଶ ସକ୍ଷମ ହୋଇପାରିଛି । ଫଳରେ ଗ୍ରୀଷ୍ମଦିନେ ଓଡିଶାରେ ଜଳସମସ୍ୟା ଦେଖାଯାଉଛି । ୨୦୧୬ ମସିହା ଠାରୁ ଦୁଇ ରାଜ୍ୟ ମଧ୍ୟରେ ଜଳବିବାଦ ମୁଣ୍ଡ ଟେକିଛି । ଏହାର ସମାଧାନ ପାଇଁ ୨୦୧୮ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରାଯାଇଛି । ତେବେ ଏପର୍ଯ୍ୟନ୍ତ ଜଳ ବଣ୍ଟନ ନେଇ ଉଭୟ ରାଜ୍ୟ ମଧ୍ୟରେ କୌଣସି ଚୁକ୍ତି ହୋଇନାହିଁ । ଏଭଳିସ୍ଥଳେ ମହାନଦୀ ଜଳ ପରିଚାଳନାରେ ଛତିଶଗଡ଼ ଅସହଯୋଗ କରୁଥିବା ଜଣାପଡିଛି ।

ଛତିଶଗଡ଼ ସରକାର ଉପରମୁଣ୍ଡରେ ଏକାଧିକ ପ୍ରକଳ୍ପ ନିର୍ମାଣ କରିଛି । ଏଥିଯୋଗୁଁ ଓଡିଶାକୁ ଖରାଦିନେ ଆବଶ୍ୟକ ଜଳ ମିଳୁନାହିଁ । ଏପରିକି ମୌସୁମୀ ସମୟରେ ମଧ ଛତିଶଗଡ଼ କୌଣସି ସୂଚନା ନଦେଇ ତଳମୁଣ୍ଡକୁ ପାଣି ଛାଡୁଛି । ମନଇଚ୍ଛା ଗେଟ୍ ଖୋଲୁଥିବା ବେଳେ ଓଡିଶା ପକ୍ଷରୁ ଗେଜ୍ ପଏଣ୍ଟ ମାଧ୍ୟମରେ ଜଳ ସମ୍ପର୍କିତ ତଥ୍ୟ ହାସଲ କରାଯାଉଛି । ଗତ ୨ଦିନ ହେବ ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଛି । ଫଳରେ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଡ୍ୟାମର ଜଳସ୍ତର ୬୦୭.୮୭ଫୁଟ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ୨୬ହଜାର୨୯୪ ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୨୮ ହଜାର୯ ୯୫ଘନଫୁଟ ଜଳ ନିଷ୍କାସିତ ହେଉଛି । ଜଳସ୍ତର ଆଶାନୁରୂପକ ବୃଦ୍ଧି ପାଉଥିବା ବେଳେ ଉପର କେନ୍ଦ୍ରୀୟ କମିଟି ନିଷ୍ପତି ଅନୁଯାୟୀ ଆସନ୍ତା ୯ତାରିଖ ପୂର୍ବାହ୍ନ ୧୧ଟାରେ ହୀରାକୁଦ ଡ୍ୟାମର ଗେଟ୍ ଖୋଲାଯିବ । ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଜୁଲାଇ ଶେଷ ସୁଦ୍ଧା ୬୦୭ଫୁଟ ରହିବାର ନିୟମ ରହିଛି । ଅନ୍ୟପଟେ କଲମା ବ୍ୟାରେଜର ମୋଟ ୪୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ଜଣାପଡିଛି । ଛତିଶଗଡ ଜଳ ସମ୍ପର୍କିତ ତଥ୍ୟ ଓଡ଼ିଶାକୁ ଦେଉନଥିବା ବେଳେ ଜଳ ପରିଚାଳନାରେ ଅସୁବିଧା ହେଉଥିବା ହୀରାକୁଦ ବନ୍ଧ ମଣ୍ଡଳ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚୌଧୁରୀ କହିଛନ୍ତି । ତେବେ ଓଡ଼ିଶା ଏବଂ ଛତିଶଗଡରାଜ୍ୟ ଆପୋଷ ଆଲୋଚନା ଦ୍ୱାରା ଏହାର ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ୫ କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୦୭ ।୭ (ସବ୍ୟୁ) : ବିମାନବନ୍ଦରରୁ ୫ କୋଟିର ମାରିଜୁଆନା ଜବତ କରିଛି ଡିଆର୍‌ଆଇ ଓ କଷ୍ଟମ୍ ବିଭାଗ । ଦୁଇଜଣ ଯାତ୍ରୀଙ୍କୁ ଯାଞ୍ଚ କରିବା ବେଳେ ସେମାନଙ୍କ ଲଗେଜରୁ ୧୧ କେଜି ମାରିଜୁଆନା ଜବତ ହୋଇଥିଲା । ଯାହାର ମୂଲ୍ୟ ୫କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଦୁଇ ବିମାନ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ।

ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ବିମାନରେ ଆସିଥିବା ଦୁଇଜଣ ଯାତ୍ରୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନରେ ଓହ୍ଲାଇ ଆସିବା ସମୟରେ ତାଙ୍କୁ ଜଗି ରହିଥିବା ଡିଆର୍‌ଆଇ ଓ କଷ୍ଟମ୍ ଟିମ୍ ଯାଞ୍ଚ କରିଥିଲା । ଯାଞ୍ଚ କରିବା ବେଳେ ତାଙ୍କ ଲଗେଜରୁ ୧୧କେଜି ମାରିଜୁଆନା ମିଳିଥିଲା ।

ଭୁବନେଶ୍ୱର ବିମାନବନ୍ଦର ଦେଇ ଆକାଶ ପଥରେ (୯ ପୃଷ୍ଠାରେ)

### ସୌମ୍ୟ ହତ୍ୟା ମାମଲା

## ଅଭିଯୁକ୍ତଙ୍କୁ ଜେଲ୍‌ରେ ଜେରା

ଭୁବନେଶ୍ୱର, ୦୭ ।୭ (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ପିଟି ପିଟି ହତ୍ୟା କରିଥିଲେ । ସେହି ମାମଲାରେ ଗିରଫ ୨୦ ଅଭିଯୁକ୍ତ ଝାରପଡା ଜେଲ୍‌ରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ବାଲିଅନ୍ତା ଥାନା ପୋଲିସ ଗିରଫ କରିଥିଲା । ତାଙ୍କ ମଧ୍ୟରୁ ୮ଜଣଙ୍କୁ ଜେରା କରିବା ପାଇଁ ଡିଏସ୍‌ପି ରନିପ୍ରଭା ଶତପଥୀଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ମଙ୍ଗଳବାର ଜେଲ୍‌କୁ ଯାଇଥିଲେ ।

ସୌମ୍ୟ ହତ୍ୟାର ଦୁଇ ମାସ ବିତିଗଲାଣି । ମେ' ୭ ତାରିଖରେ ଦୁର୍ଘଟଣାକୁ କେନ୍ଦ୍ରକରି ସୌମ୍ୟଙ୍କୁ ଦୁର୍ବୃତ୍ତମାନେ ପିଟି ପିଟି ହତ୍ୟା କରିଥିଲେ । ସୌମ୍ୟଙ୍କ ବିରୋଧରେ ବାଲିଅନ୍ତା ଥାନାରେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହୋଇଛି । ସେହି ଦୁଷ୍କର୍ମ ଉଦ୍ୟମକୁ କେନ୍ଦ୍ରକରି ତାଙ୍କୁ ଅଭିଯୁକ୍ତମାନେ ପିଟି ପିଟି ହତ୍ୟା କରିଥିଲେ । ସ୍କୁଟରରେ ଯାଉଥିବା ଦୁଇଜଣ ଯୁବତୀଙ୍କ ସହ ସୌମ୍ୟ ବସିଥିବା ବାଇକ୍ ଦୁର୍ଘଟଣା ହୋଇଥିଲା । ସେହି ବାଇକ୍‌କୁ ସୌମ୍ୟର ସାଙ୍ଗ ଓମ୍ ଚଲାଉଥିଲେ । ଦୁର୍ଘଟଣା ପରେ ସୌମ୍ୟ ଦୁଇ ଯୁବତୀଙ୍କ ମଧ୍ୟରୁ ଜଣଙ୍କୁ ଟଣାଓଟଣା କରି ଦୁଷ୍କର୍ମ ଉଦ୍ୟମ କରିଥିବା ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଥିଲା । ବାଲିଅନ୍ତା ଥାନା ପୋଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିଲା । ପ୍ରାଥମିକ ଭାବେ ପୋଲିସ ୧୧ଜଣଙ୍କୁ ଗିରଫ କରିଥିଲା । ସରକାର ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍ ୯ଜଣଙ୍କୁ ଗିରଫ କରିଛି ।


କ୍ରାଇମ୍‌ବ୍ରାଞ୍ଚ ଦୁଇଟି ମାମଲାର ତଦନ୍ତ କରୁଥିବା ବେଳେ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ଓ ସୌମ୍ୟହତ୍ୟା (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ସଫଳ ବ୍ୟକ୍ତିଙ୍କୁ ଲୋକ ସବୁବେଳେ ଇର୍ଷା କରନ୍ତି । ଅନେକ ସେଲିବ୍ରେଟିଙ୍କ ନାଁରେ ଆସିଥିବା ଅଭିଯୋଗ ସବୁ ମିଛ ହୋଇଥାଏ । ମୋର ଏକାଧିକ ଥର ଏହି ଅନୁଭବ ରହିଛି ।

**ଶିବ ଠାକରେ, ବିଗ୍‌ବସ୍ ବିଜେତା**



ଅଭିଷେକ ତୁମେ ଯେବେ ବି ଯେଉଁ ଭୂମିକାରେ ଅଭିନୟ କରିଛ, ତାବା ବେଶ୍ ଚାଲେଞ୍ଜିଂ ହୋଇଥାଏ । ଘୁମରରେ ମଧ୍ୟ ତୁମେ ଖୁବ ଭଲ କାମ କରିଥିଲ ।

**ଅମିତାଭ ବଚ୍ଚନ, ଅଭିନେତା**



ଯେକୌଣସି ଚରିତ୍ରରେ ଅଭିନୟ କରିବା ପୂର୍ବରୁ ମୁଁ ଏହି ଚରିତ୍ରକୁ ଭଲ ଭାବେ ବୁଝିଥାଏ । ପ୍ରଥମରୁ ଏଭଳି କରିବା ପାଇଁ ମୋତେ ବହୁତ ସମସ୍ୟାର ସାମନା କରିବାକୁ ପଡୁଥିଲା ।

**ଅଭିଷେକ ବାନାର୍ଜୀ, ଅଭିନେତା**

## ମନସୁନରେ ଘରକୁ ରଖନ୍ତୁ ସଫା



ଗରମ ଦିନ ପରେ ବର୍ଷା ଋତୁ ଆଶ୍ୱସ୍ତି ଆଣିଦେଇଥାଏ ସତ, ହେଲେ ଏହି ସମୟରେ ବାୟୁମଣ୍ଡଳରେ ଆର୍ଦ୍ରତା ବଢୁଥିବାରୁ ଏବଂ ସ୍ଥାନେ ସ୍ଥାନେ ପାଣି ଜମୁଥିବାରୁ ଏହା ପୋକଜୋକ, ମଶା ଓ ଅସରପାଙ୍କ ବଂଶବୃଦ୍ଧି ପାଇଁ ସବୁଠାରୁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ । ବିଶେଷଜ୍ଞଙ୍କ ଅନୁସାରେ, ବର୍ଷା ଯୋଗୁଁ ନାଳନର୍ଦ୍ଦମା ଓ ମାଟି ଭିତରେ ପାଣି ପଶିଯିବାରୁ ଏହି କୀଟପତଙ୍ଗମାନେ ଘରର ରୋଷେଇ ଘର, ବାଥରୁମ୍ ଓ ଅନ୍ଧାରୁଆ ଯାଗାକୁ ପଶି ଆସନ୍ତି । ଯେଉଁଠି ସେମାନଙ୍କୁ ସହଜରେ ଖାଦ୍ୟ ଓ ପାଣି ମିଳିଯାଏ । ଘରେ ରଖାଯାଇଥିବା ମିଠା ଜାତୀୟ ଜିନିଷ, ତେଲିଆ ଓ ମସଲାଯୁକ୍ତ ବଳକା ଖାଦ୍ୟ, କଟା ଫଳ ଏବଂ ଡଷ୍ଟବିନ୍‌ରେ ଥିବା ଆବର୍ଜନା ଏମାନଙ୍କୁ ଅଧିକ ଆକର୍ଷିତ କରିଥାଏ । ଯାହାଦ୍ୱାରା ଘର ଅପରିଷ୍କାର ହେବାସହ ଖାଦ୍ୟ ବିଷାକ୍ତ ସହ ଟାଇଫଏଡ୍, କଲେରା, ଡାଇରିଆ ଓ ଆଲର୍ଜି ଭଳି ଗମ୍ଭୀର ସଂକ୍ରମଣର ଆଶଙ୍କା ବଢ଼ିଯାଏ । ତେବେ ଏଥିରୁ ରକ୍ଷା ପାଇବା ପାଇଁ ବଜାରରେ ମିଳୁଥିବା କେମିକାଲ୍ ସ୍ପ୍ରେର ଅତ୍ୟଧିକ ବ୍ୟବହାର ଶ୍ୱାସକ୍ରିୟାରେ ସମସ୍ୟା ଓ ଆଲର୍ଜି ସୃଷ୍ଟି କରିପାରେ, ତେଣୁ ଏହାର ବିକଳ୍ପ ଭାବେ କେତେକ ସହଜ ଘରୋଇ ଉପାୟ ଆପଣାଯାଇପାରେ । ଯେପରିକି ବୋରିକ୍ ପାଉଡରକୁ ଚିନି ବା ଅଟା ସହ ମିଶାଇ ଅସରପା ଆସୁଥିବା ସ୍ଥାନରେ ରଖିବା, ଲବଙ୍ଗ, ନିମ୍ବ ତେଲ, ପୋଦିନା କିମ୍ବା ବେକିଂ ସୋଡା ବ୍ୟବହାର କରିବା ଏବଂ ଫିନାଇଲ୍ ବଦଳରେ ପାଣିରେ ଲୁଣ ଓ ଭିନେଗାର ମିଶାଇ ପୋଛା ମାରିବା ଦ୍ୱାରା ପୋକଜୋକ ସହଜରେ ଦୂରେଇ ଯାଆନ୍ତି । ଯଦି ଏସବୁ ସତ୍ତ୍ୱେ ବି ଘରେ ପୋକଜୋକଙ୍କ ସଂଖ୍ୟା କମୁନାହିଁ ଏବଂ ସେମାନଙ୍କ ଅଣ୍ଡା ବା ମଳ ଦେଖିବାକୁ ମିଳୁଛି, ତେବେ ତୁରନ୍ତ ପ୍ରଫେସନାଲ୍ ପେଷ୍ଟ କଣ୍ଟ୍ରୋଲ୍‌ର ସାହାଯ୍ୟ ନେବା ଆବଶ୍ୟକ ।

## ବାଛୁରୀ ବିବାହ

ରାଜସ୍ଥାନର ପାଲି ଜିଲ୍ଲା ଅନ୍ତର୍ଗତ ବାଡ଼ସା ଗ୍ରାମରେ ଏକ ଅନନ୍ୟ ତଥା ନିଆରା ବିବାହ ଦେଖିବାକୁ ମିଳିଛି, ଯେଉଁଠାରେ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ଏକ ଅଣ୍ଡିରା ବାଛୁରୀ ଓ ମାଇ ବାଛୁରୀଙ୍କର ବିବାହ କରାଇଛନ୍ତି । ଏହି ପାରମ୍ପରିକ ବିବାହ ଉତ୍ସବଟି 'ପାଟ ବିଛାଇବା' ରୀତିରୁ ଆରମ୍ଭ ହୋଇଥିବା ବେଳେ ଉଭୟ ବାଛୁରୀଙ୍କୁ ଚୁନରୀ ପିନ୍ଧାଇ ତିଳକ ଲଗାଯାଇଥିଲା । ଏହାପରେ ଗଣପତି ପୂଜା ସହ ବର ଓ ଓସ୍ତ ଗଛର ପୂଜାର୍ଚ୍ଚନା କରାଯାଇଥିଲା । ବିବାହ ସମୟରେ ମହିଳାମାନେ ମଙ୍ଗଳ ଗୀତ ଗାନ କରିଥିଲେ ଏବଂ ଦ୍ୱିତୀୟ ଦିନରେ ବ୍ୟାଣ୍ଡ-ବାଜା ସହ ଏକ ଭବ୍ୟ ଶୋଭାଯାତ୍ରା ବାହାର କରାଯାଇଥିବା ବେଳେ ତୃତୀୟ ଦିନରେ ମନ୍ଦିର ପ୍ରାଙ୍ଗଣରେ ବେଦ ମନ୍ତ୍ର ଧ୍ୱନି ମଧ୍ୟରେ ଉଭୟଙ୍କର ହାତଗଣ୍ଠି ପଡ଼ିଥିଲା । ଗୋ-ସଂରକ୍ଷଣ ଏବଂ ସ୍ଥାନୀୟ ଲୋକ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଅଭିନବ ବିବାହରେ 'କନ୍ୟାଦାନ' ସ୍ୱରୂପ ସଂଗୃହିତ ହୋଇଥିବା ହଜାର ହଜାର ଟଙ୍କାର ରାଶିକୁ ଗ୍ରାମବାସୀମାନେ ସ୍ଥାନୀୟ ଗୋଶାଳାକୁ ଦାନ କରିଦେଇଛନ୍ତି । ଯାହାଫଳରେ ଏହି ଅର୍ଥକୁ ଗୋମାତାଙ୍କ ସେବା, ସୁରକ୍ଷା ଏବଂ ସେମାନଙ୍କ ଖାଦ୍ୟପେୟ ତଥା ନଡ଼ା-କୁଣ୍ଡାର ବ୍ୟବସ୍ଥା ପାଇଁ ବ୍ୟବହାର କରାଯାଇପାରିବ ।



## ୱେଟରରୁ ସୁପରଷ୍ଟାର



ପିଲାଦିନୁ ସିନେମାକୁ ଭଲ ପାଉଥିବା ଜଣେ ଯୁବକ ଯେବେ ବଲିଉଡରେ କ୍ୟାରିୟର ଗଢ଼ିବାକୁ ପାଦ ଥାପିଥିଲେ, ସେତେବେଳେ ତାଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଅନେକ ପ୍ରତ୍ୟାଖ୍ୟାନ ଓ କାଷ୍ଟିଂ କାଉଚ୍ ଭଳି ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା । ଏପରିକି ଦିନେ କାମ ସନ୍ଧାନରେ ଜଣେ ପ୍ରୋଡ୍ୟୁସରଙ୍କ ଘରକୁ ଯିବା ସମୟରେ ତାଙ୍କ ପଛରେ କୁକୁର ଲଗାଯାଇଥିଲା । ତେବେ ଏତେ ସବୁ ସଂଘର୍ଷ ପରେ ବର୍ତ୍ତମାନ ସେ ବଲିଉଡର ଅନ୍ୟତମ ଶୀର୍ଷ ସୁପରଷ୍ଟାର୍ ପାଲଟିଛନ୍ତି, ସେ ହେଉଛନ୍ତି ରଣବୀର ସିଂ । କ୍ୟାରିୟରରେ 'ଧୁରନ୍ଧର', 'ଧୁରନ୍ଧର ୨', 'ପଦ୍ମାବତ' ଏବଂ 'ବାଜିରାଓ ମସ୍ତାନୀ' ଭଳି ଅନେକ ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି । ଏହି ସଫଳତା ପଛରେ ଲୁଚି ରହିଛି ଏକ କଠିନ ସଂଘର୍ଷର କାହାଣୀ । ସେ ଆମେରିକାର ଇଣ୍ଡିଆନା ୟୁନିଭର୍ସିଟି ବ୍ଲୁମିଂଟନରେ ଟେଲିକମ୍ୟୁନିକେସନ ପଢୁଥିବା ସମୟରେ ନିଜ ଖର୍ଚ୍ଚ ତୁଲାଇବା ପାଇଁ 'ଷ୍ଟାରବକ୍ସ' କଫି ହାଉସରେ ୱେଟର ଓ ସର୍ଭର ଭାବେ ପାର୍ଟ-ଟାଇମ୍ ଚାକିରି କରିବା ସହ ଅଧିକ ପଇସା ରୋଜଗାର କରିବା ପାଇଁ ବଟର ଚିକେନ୍ ମଧ୍ୟ ବିକ୍ରି କରୁଥିଲେ । ଅନେକ ପରିଶ୍ରମ ପରେ ନିଜ ପ୍ରତିଭା ବଳରେ ଆଜି ସେ ବଲିଉଡର ସୁପରଷ୍ଟାର ତାଲିକାରେ ସାମିଲ ହୋଇ ପାରିଛନ୍ତି ।

## ମଲ୍‌ରେ ଧାନ ରୋପଣ

ଚୀନର ନିଙ୍ଗବୋ ସହରରେ ଥିବା ଏକ ଶପିଂ ମଲ୍‌ରେ ଏକ ଅନନ୍ୟ ଧାନ ରୋପଣ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଯେଉଁଥିରେ ଅଂଶଗ୍ରହଣ କରିବା ପାଇଁ ୧,୦୦୦ରୁ ଅଧିକ ଲୋକ ନିଜର ପଞ୍ଜୀକରଣ କରିଥିଲେ । ଚୀନର ପ୍ରସିଦ୍ଧ ଫାର୍ମି ରିଆଲିଟି ଶୋ' 'ବିକମ୍ ଏ ଫାର୍ମର' ଦ୍ୱାରା ଅନୁପ୍ରାଣିତ ହୋଇ ଆୟୋଜକମାନେ ସହରରେ ରହୁଥିବା ଲୋକଙ୍କୁ ଚାଷ କାର୍ଯ୍ୟ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନର ପ୍ରକ୍ରିୟା ସମ୍ପର୍କରେ ଅନୁଭୂତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ନିଆରା ପ୍ରୟାସ କରିଥିଲେ । ଏହି ପ୍ରତିଯୋଗିତା ପାଇଁ ମଲ୍ ଭିତରକୁ ପ୍ରାୟ ୫,୦୦୦ ଧାନ ଗଛ ଏବଂ ୪୦ ଟନ୍ ମାଟି ଅଣାଯାଇ ମଲ୍‌ର ମଧ୍ୟଭାଗକୁ ଏକ ଅସ୍ଥାୟୀ ଧାନ କ୍ଷେତରେ ପରିଣତ କରାଯାଇଥିଲା । ଯେଉଁଠାରେ ପ୍ରତିଯୋଗୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସଠିକ୍ ଭାବେ ଧାନ ରୋପଣ କରିବାକୁ ପଡ଼ିଥିଲା ଏବଂ କଠିନ ନିୟମ ଯୋଗୁଁ ପ୍ରତି ୧୦ ଜଣଙ୍କ ମଧ୍ୟରୁ କେବଳ ଜଣେ ପ୍ରତିଭାଗୀ ହିଁ ପରବର୍ତ୍ତୀ ରାଉଣ୍ଡକୁ ଯାଇପାରିଥିଲେ । ଏହି ଆୟୋଜନକୁ ନେଇ ସୋସିଆଲ ମିଡିଆରେ କିଛି ଲୋକ ଧାନ ଗଛ ନଷ୍ଟ ହେବା ସମ୍ପର୍କରେ ପ୍ରଶ୍ନ ଉଠାଇଥିବା ବେଳେ ଆୟୋଜକମାନେ ଏହାର ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ପ୍ରତିଯୋଗିତା ଶେଷ ହେବା ପରେ ଏହି ସମସ୍ତ ଗଛକୁ ପୁନର୍ବାର ପ୍ରକୃତ ଚାଷ ଜମିରେ ରୋପଣ କରାଯିବ ।




## ଅଟା ଖେଚୁଡ଼ି

ସାମଗ୍ରୀ - ଏକ କପ୍ ଅଟା, ଛୋଟ ଛୋଟ କଟା ମନପସନ୍ଦର ପରିବା, ୨ ଚାମଚ ଘିଅ, ଜୀରା, ହଳଦୀ, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ ।

ପ୍ରଣାଳୀ - ପ୍ରଥମେ ଏକ ପାତ୍ରରେ ଅଟାରେ ପାଣି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ପ୍ୟାନରେ ଘିଅ ଗରମ କରି ଏଥିରେ ଜୀରା ଫୁଟାନ୍ତୁ । ଏଥିରେ ପରିବା ପକାଇ ଭାଜନ୍ତୁ । ଭାଜିବା ସମୟରେ ହିଁ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ ମିଶାନ୍ତୁ । ଏହି ପରିବରେ ପୂର୍ବ ପ୍ରସ୍ତୁତ ମିଶ୍ରଣକୁ ପକାଇ ଭାଜନ୍ତୁ । ଏହି ମିଶ୍ରଣକୁ ଭଲକରି ମିଶାନ୍ତୁ, ଯେପରି ଅଟାରେ ସମସ୍ତ ପରିବା ଓ ମସଲା ମିଶିଯିବ । ଏହାପରେ ଏଥିରେ ଟିକେ ଅଧିକ ପାଣି ଦେଇ ଘୋଡାଇ ଦିଅନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଏହାକୁ ବନ୍ଦ କରି ଦିଅନ୍ତୁ, ପ୍ରସ୍ତୁତ ହୋଇଗଲା ଅଟା ଖେଚୁଡ଼ି ।



## ଇତିହାସ

୧୪୯୭- ସମୁଦ୍ର ମାର୍ଗରେ ଭାରତ ପାଇଁ ୟୁରୋପରୁ ଭାସ୍କୋଡାଗାମାଙ୍କ ଯାତ୍ରା ଆରମ୍ଭ ।
୧୬୯୩- ନ୍ୟୁୟର୍କ ପୋଲିସ ପୋଷାକକୁ ମଞ୍ଜୁରୀ ।
୧୮୮୯- ଆମେରିକୀୟ ଖବରକାଗଜ ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍‌ର ପ୍ରକାଶନ ଆରମ୍ଭ ।
୧୯୧୪- ମହାନ ବାମପନ୍ଥୀ ନେତା ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦବୀରେ ଦୀର୍ଘ ସମୟ ଧରି କାର୍ଯ୍ୟରତ ଜ୍ୟୋତି ବସୁଙ୍କ ଜନ୍ମ ।
୧୯୭୨- ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜନ୍ମ ।
୨୦୦୨- ଦକ୍ଷିଣ ଆଫ୍ରିକାରେ ଅଶ୍ୱେତ କ୍ରିକେଟରଙ୍କ ପାଇଁ କୋଟା ପ୍ରଣାଳି ଶେଷ ।
୨୦୦୩- ସୁଡାନ୍ ଏୟାରୱେଜ ଦୁର୍ଘଟଣାରେ ସମସ୍ତ ୧୧୬ ଯାତ୍ରୀଙ୍କ ପ୍ରାଣହାନୀ ।
୨୦୦୫- ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଜି୮ ଦେଶର ସହମତି ।
୨୦୧୪- ଫୁଟ୍‌ବଲ୍ ବିଶ୍ୱକପ୍‌ରେ ସର୍ବାଧିକ ୧୬ଟି ଗୋଲ୍ କରି ଜର୍ମାନୀ ଟିମ୍‌ର ମିରୋସ୍ଲାଭ କ୍ଲୋଜ୍‌ଙ୍କ ବିଶ୍ୱ ରେକର୍ଡ ।



**ମେଷ:** ସମ୍ପର୍କହାନି, କାର୍ଯ୍ୟରେ ବିଳମ୍ବ, ବିଶିଷ୍ଟ କାର୍ଯ୍ୟରେ ଶାନ୍ତି, ବ୍ୟବସାୟିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟକ୍ତିସାହାଯ୍ୟ, ଭ୍ରମଣସୁଖ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ଆର୍ଥିକଲାଭ, ଅନୁଷ୍ଠାନରୁ ଲାଭ, ବ୍ୟବସାୟିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଦାମ୍ପତ୍ୟଖୁସି, ଶତ୍ରୁ ପରାଜିତ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ମିଥୁନ:** ବ୍ୟବସାୟିକ ଖୁସି, ସମ୍ମାନଲାଭ, ଯାତ୍ରା ସଫଳ, ଶତ୍ରୁ ପରାଜିତ, ଦ୍ରବ୍ୟଲାଭ, ସନ୍ତାନଖୁସି, ଶରୀର ସୁସ୍ଥ, ବନ୍ଧୁଲାଭ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଭଗବତୀ ।

**କର୍କଟ:** ନୂତନ ସହଯୋଗ, ହେବାକାର୍ଯ୍ୟ ବିଳମ୍ବ, ବନ୍ଧୁସହଯୋଗ, ଦେବଦର୍ଶନ, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବାଣିଜ୍ୟେ ଲାଭ, ଦାମ୍ପତ୍ୟଖୁସି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ମା' ମଙ୍ଗଳା ।

**ସିଂହ:** ଶତ୍ରୁସମସ୍ୟା, ବ୍ୟବସାୟିକ କଷ୍ଟ, ଅର୍ଥଲାଭ, ଶରୀର ଅସୁସ୍ଥ, ମାନସିକ କଷ୍ଟ, ନୂତନବନ୍ଧୁଲାଭ, ନୂତନ କର୍ମଆରମ୍ଭ, ପିଲାଙ୍କଚିନ୍ତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ବୃନ୍ଦାବତୀ ।

**କନ୍ୟା:** ଅର୍ଥଲାଭ, ଅନୁଷ୍ଠାନରୁ ଲାଭ, ନୂତନ ସମ୍ପର୍କବୃଦ୍ଧି, ଦେବଦର୍ଶନ, ଦୂରଯାତ୍ରା ସଫଳ, ସ୍ୱାସ୍ଥ୍ୟଲାଭ, ନୂତନ ନିଯୁକ୍ତି, ପାରିବାରିକ ସାହାଯ୍ୟ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ପ୍ରଭୁ ନୃସିଂହ ।

**ତୁଳା:** ନୂତନଆୟ, ଶୁଭଖବର, ପାରିବାରିକ ସୁଖ, ଲୋକସମ୍ପର୍କ ବୃଦ୍ଧି, ସମ୍ପତ୍ତିଲାଭ, ଦାମ୍ପତ୍ୟଖୁସି, ଅର୍ଥଲାଭ, ଅଯଥା ଅଶାନ୍ତି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସନ୍ତାନଚିନ୍ତା, ନୂତନ କର୍ମନିଯୁକ୍ତି, ଅର୍ଥଲାଭ, ଶୁଭଖବର, ଲୋକସମ୍ପର୍କ ହାନି, ବନ୍ଧୁଦର୍ଶନ, ପାରିବାରିକ କଳହ, ଦ୍ରବ୍ୟଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ପାରିବାରିକ କଳହ, ମାନସିକ ଅଶାନ୍ତି, ନୂତନ ଆୟ, ଦୂରଯାତ୍ରା, ବ୍ୟବସାୟିକ କଷ୍ଟ, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ବନ୍ଧୁଲାଭ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ମକର:** ନୂତନ ସହଯୋଗ, ଅର୍ଥଲାଭ, ବନ୍ଧୁଗୃହେ ଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଦ୍ରବ୍ୟଲାଭ, ଦେବଦର୍ଶନ, ଶତ୍ରୁ ପରାଜିତ, ଶୁଭଖବର, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**କୁମ୍ଭ:** ଶୁଭକାର୍ଯ୍ୟରେ ଧନବ୍ୟୟ, ଦୂରଯାତ୍ରା, ସମ୍ମାନବୃଦ୍ଧି, ବନ୍ଧୁଗୃହେ ଯାତ୍ରା, ଅର୍ଥ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ଦାମ୍ପତ୍ୟସୁଖ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମୀନ:** ଲୋକସମ୍ପର୍କ ବୃଦ୍ଧି, ଶୁଭଖବର, ଅର୍ଥଲାଭ, ସମ୍ପତ୍ତିଲାଭ, ଦାମ୍ପତ୍ୟସୁଖ, ସୁସମାଚାର, ସ୍ୱାଦିଷ୍ଟ ଭୋଜନ, ଶତ୍ରୁ ପରାଜିତ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ବାଟମଙ୍ଗଳା ।

**ଆଷାଢ଼ କୃଷ୍ଣପକ୍ଷ ଅଷ୍ଟମୀ**
**୮.୭.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮








ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ଅବସରରେ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ବିଦେଶରେ ଅସମୟ ରଥଯାତ୍ରା ବନ୍ଦ ହେଉ

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଗଜପତି ମହାରାଜାଙ୍କ ଚିଠି

ପୁରୀ (ସବ୍ୟୁ): ବିଦେଶ ମାଟିରେ ଶାସ୍ତ୍ରୀୟ ନିୟମ ଓ ପୁରୀ ଶ୍ରୀମନ୍ଦିର ପରମ୍ପରାକୁ ଜଳାଞ୍ଜଳି ଦେଇ ଇସ୍କନ ପକ୍ଷରୁ କରାଯାଉଥିବା 'ଅସମୟ' ରଥଯାତ୍ରା ଓ ସ୍ନାନଯାତ୍ରା ବିରୋଧରେ ପୁଣିଥରେ ସ୍ୱର ଉତ୍ତୋଳନ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏହି ବେଆଇନ ତଥା ଅଶାସ୍ତ୍ରୀୟ ପରମ୍ପରାକୁ ରୋକିବା ପାଇଁ ସେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜରୁରୀ ହସ୍ତକ୍ଷେପ ଲୋଡ଼ିଛନ୍ତି। ୪ ଜୁଲାଇ ୨୦୨୬ ରେ ଗଜପତି ଏକ ଶକ୍ତ ଚିଠି ଲେଖି ନିଜର ଦାବି ଉପସ୍ଥାପନ କରିଛନ୍ତି। ଚିଠିର କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ମୂଳ ବିବାଦ: ଶ୍ରୀମନ୍ଦିରର ଶାସ୍ତ୍ରୀୟ ତିଥି ଓ ନିୟମକୁ ଅବମାନନା କରି ଇସ୍କନ ବିଦେଶରେ ମନଇଚ୍ଛା ତାରିଖରେ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ କରୁଛି, ଯାହା ଜଗନ୍ନାଥ ସଂସ୍କୃତି ଉପରେ ଏକ ବଡ଼ ଆଘାତ ବୋଲି ଗଜପତି ଉଲ୍ଲେଖ କରିଛନ୍ତି। ପୂର୍ବରୁ ଏପ୍ରିଲ ୨୦ ତାରିଖରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୨୪ ଅକ୍ଟୋବର ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିଲା। ୪ ଜୁଲାଇ ୨୦୨୬ରେ ଇସ୍କନର 'ଗଭର୍ଣ୍ଣିଂ ବଡି କମିଶନ' ଅଧ୍ୟକ୍ଷଙ୍କୁ ମଧ୍ୟ ନିଷ୍ପତ୍ତି ବଦଳାଇବା ପାଇଁ ଗଜପତି ଚିଠି ଲେଖିଛନ୍ତି। ଏହି ଚିଠି ସହିତ ଦେଶର ଶୀର୍ଷ ଧର୍ମାଚାର୍ଯ୍ୟ (ଶଙ୍କରାଚାର୍ଯ୍ୟ ଏବଂ ବୈଷ୍ଣବାଚାର୍ଯ୍ୟ) ମାନଙ୍କର ଗୁରୁତ୍ୱପୂର୍ଣ୍ଣ ମତାମତ ଏବଂ ପୂର୍ବର ୫ ଟି ଦସ୍ତାବିଜ୍ ସଲଗ୍ନ କରାଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ର ନିରନ୍ତର ପ୍ରୟାସ ଏବଂ ଓଡ଼ିଶା ସରକାରଙ୍କ ସ୍ପଷ୍ଟ ଆଭିମୁଖ୍ୟ ସତ୍ତ୍ୱେ ଇସ୍କନ ନିଜ ଜିଦ୍‌ରେ ଅଟଳ ରହିଛି। ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆବେଗକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଗଜପତି ନିବେଦନ କରିଛନ୍ତି।

### ରମାଦେବୀରେ ଅଣଛାତ୍ରଛାତ୍ରୀ ପ୍ରବେଶକୁ ନେଇ ଉତ୍ତେଜନା

## ସବୁ ଗେଟ୍‌ରେ ତାଲା, ୩ ପ୍ଲାଟୁନ୍ ଫୋର୍ସ ମୁତୟନ

ଭୁବନେଶ୍ୱର, (ସବ୍ୟୁ) : ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଛାତ୍ରୀ ପ୍ରବେଶକୁ ନେଇ ମଙ୍ଗଳବାର ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଉତ୍ତେଜିତ ହୋଇ ସବୁ ଗେଟ୍‌ରେ ତାଲା ପକାଇ ସେମାନଙ୍କୁ ବିରୋଧ କରିଥିଲେ । ଖବର ପାଇ ସହିଦନଗର ଥାନା ପୋଲିସ ୩ ପ୍ଲାଟୁନ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ ।

ରମାଦେବୀକୁ ବହୁ ସମୟରେ ଅଣଛାତ୍ରଛାତ୍ରୀ ପ୍ରବେଶ କରୁଥିବା ଛାତ୍ରୀମାନେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବାରୁ ମଙ୍ଗଳବାର ପୁଣି ସେହି ପୂର୍ବାବସ୍ଥା ହୋଇଥିଲା । କେତେକ ଅଣଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ



ଭିତରକୁ ପ୍ରବେଶ କରି ଖଟି କରିବା ଓ ଅଶୋଭନୀୟ ଆଚରଣ କରିବାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା । କିଛି ସମୟ ଚର୍ଚ୍ଚା ହେବା ପରେ ସବୁ ବିଭାଗର ଛାତ୍ରୀମାନେ ମିଳିତ ଭାବେ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ।

ଏ ସମ୍ପର୍କରେ ସହିଦନଗର ଥାନା ପୋଲିସ ଖବର ପାଇବା ପରେ ୩ ପ୍ଲାଟୁନ ଫୋର୍ସ ସହ ସେଠାରେ ପହଞ୍ଚିଥିଲା । ଫୋର୍ସଙ୍କ ଜୋନ୍ ଏସିପି ମଧ୍ୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଯାଇଥିଲେ । ଏସିପି, ଇନ୍ସପେକ୍ଟର ଓ ଅନ୍ୟ କେତେକ ମହିଳା ଅଫିସର ଉତ୍ତେଜିତ ଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ସବୁ ଗେଟ୍‌ରେ ତାଲା ପକାଇ ତୀବ୍ର ପ୍ରତିବାଦ କରିଥିଲେ । ପ୍ରାୟ ଦେଢ଼ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସେମାନଙ୍କୁ ବୁଝାସୁଝା କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି, ପ୍ରିନ୍ସିପାଲ ଓ ଅନ୍ୟ ପ୍ରଫେସରମାନେ ମିଶି ବୁଝାସୁଝା କରିବା ପରେ ଉତ୍ତେଜନା ହ୍ରାସ ପାଇଥିଲା । ଭବିଷ୍ୟତରେ ଅଣଛାତ୍ରଛାତ୍ରୀଙ୍କ ପ୍ରବେଶ ଉପରେ କଡା ନଜର ରଖାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀମାନେ ଆନ୍ଦୋଳନରୁ ପ୍ରଶମିତ ହୋଇଥିଲେ ।

### ଭାସିଗଲା ଅସ୍ଥାୟୀ ପୋଲ : ଯୋଗାଯୋଗ ବିଚ୍ଛିନ୍ନ

ଠାକୁରମୁଣ୍ଡା ,(ସବ୍ୟୁ) : ୫୩ ନଂ ରାଜ୍ୟ ରାଜପଥ ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତା ବିଚ୍ଛିନ୍ନ ।୨ ଦିନ ହେଲା ଯୋଗାଯୋଗ ବିଚ୍ଛିନ୍ନ ଯୋଗୁଁ ଯାନବାହାନ ଚଳାଚଳ ବନ୍ଦ ହୋଇ ସାଧାରଣ ଲୋକ ତଥା ଯାତ୍ରୀ ହେଉଛନ୍ତି ହନ୍ତସନ୍ତ ।୫ ତାରିଖ ରାତିରେ ଲଗାଣ ବର୍ଷା ଫଳରେ ଠାକୁରମୁଣ୍ଡା ନିକଟରେ ନିର୍ମାଣାଧୀନ ପୋଲ ପାଇଁ କରାଯାଇଥିବା ଡ଼ାଇଭର୍ସନ ପୋଲ ସମ୍ପୂର୍ଣ୍ଣ ଭାସିଯିବା କାରଣରୁ ଗାଡି ମୋଟର ଅଟକି ରହିଥିଲା । ଖୁଣ୍ଟାପୋଷି ଦେଇ ଯାଇଥିବା ବିକଳ୍ପ ରାସ୍ତା ଭଲ ନଥିବାରୁ ଲୋଡ଼ ଗାଡି ଦବି ଯାଇ ଅନ୍ୟ ମାନଙ୍କ ପାଇଁ ବାଟ ବନ୍ଦ ହୋଇଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଭଦୁବେଡ଼ା, ଜରକ ଦେଇ ଜାମୁନାଳିଆ ରାସ୍ତାରେ ଗାଡି ଯିବା ଆସିବା କରୁଛି । ତେବେ ଅନେକ ଦିନ ଧରି ଏବେ ରାସ୍ତା ମରାମତି ସମ୍ଭବ ହେବା ଲକ୍ଷଣ ଦେଖାଯାଉନାହିଁ । ବର୍ଷା ଛାଡିବା ପରେ ମଧ୍ୟ କଣ୍ଟ୍ରାକଟର ବୁଲାଣି ରାସ୍ତା ଠିକ କରିନଥିବା ଜଣାପଡିଛି ।କଣ୍ଟାମୁଳି ନାଳ ଉପରେ ପ୍ରାୟ ୩ କୋଟି ଟଙ୍କାରେ ନିର୍ମାଣାଧୀନ ପୋଲ ପାଇଁ କଣ୍ଟ୍ରାକଟର ଦୀତୁଜୀ ପ୍ରଧାନ ପ୍ରଥମେ ଡ଼ାଇଭର୍ସନ କରିବା ପରେ କାମ ଆରମ୍ଭ କରିଥିଲେ ମଧ୍ୟ ଖରାଦିନ ମଧ୍ୟରେ ପୋଲ ସମ୍ପୂର୍ଣ୍ଣ ହୋଇ ପାରିନଥିଲା ।ପୋଲ ଭାଙ୍ଗିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କୈଣସି ଯନ୍ତ୍ରୀଙ୍କର ଦେଖା ନ ମିଳିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏବେ ଗାଡି ଗୁଡିକ ୧୦ କିମି ବୁଲି ଯାଉଛନ୍ତି । ଅନେକ ବଡ଼ ବସ ଠାକୁରମୁଣ୍ଡା ଦେଇ ନଆସି କରଞ୍ଜିଆରୁ ଘଟଗାଁ ଦେଇ ଭୁବନେଶ୍ୱର ଯାଉଛନ୍ତି ।

### ଜଳେଶ୍ୱରରେ ମାତିଛନ୍ତି ମୁଖାପିନ୍ଧା ଚୋର: ଲୋକେ ଭୟଭୀତ

ବାଲେଶ୍ୱର, (ସବ୍ୟୁ): ଜଳେଶ୍ୱର ଥାନା ଅଞ୍ଚଳରେ ମାତିଛନ୍ତି ମୁଖାପିନ୍ଧା ଚୋର । ରାତିରେ ମୁଖାପିନ୍ଧି ବିଭିନ୍ନ ସ୍ଥାନରୁ ଚୋରି କରୁଛନ୍ତି । ଗତ ସପ୍ତାହ ମଧ୍ୟରେ ବିଭିନ୍ନ ସ୍ଥାନରୁ ଏମିତି ଢଙ୍ଗରେ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି । ଗତକାଲି ରାତିରେ ମଧ୍ୟ ୪ଟି ପୃଥକ ସ୍ଥାନରୁ ଚୋରି ହୋଇଥିବା ଜଣାପଡ଼ିଛି । ଜଳେଶ୍ୱର ଥାନା ଅଧୀନ ବର୍ତ୍ତନା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ହେମନ୍ତ କୁମାର ମହାଳିକ ନାମକ ଜଣେ ବ୍ୟକ୍ତିଙ୍କ ସେଣ୍ଟ୍ରାଲ ବ୍ୟାଙ୍କ କିଓସ୍କ ପଏଣ୍ଟ ଓ ଜନସେବା କେନ୍ଦ୍ରର ତାଲା ଭାଙ୍ଗି ନଗଦ ଟଙ୍କା ସହ ୧.୬୦ ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ କମ୍ପ୍ୟୁଟର ଉପକରଣ ଚୋରି ହୋଇଯାଇଛି । ଏନେଇ ହେମନ୍ତ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ହେମନ୍ତ ରାତି ପ୍ରାୟ ଅଢ଼େଇଟା ସମୟରେ ଦୁର୍ବୃତ୍ତମାନେ ଗ୍ରୀଲ ଓ କବାଟ କାଟି ଭିତରେ ପଶିଥିଲେ । ୧.୬୦ ଲକ୍ଷ ଟଙ୍କାର ବିଭିନ୍ନ କମ୍ପୁଟର ଉପକରଣ ସହ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଥିଲେ । ସେହିପରି ଖୁଲୁଡ଼ା ପଞ୍ଚାୟତ ବଡ଼ନଗର ଛକରେ କଳ୍ପନା ଜେନାଙ୍କ ନାମକ ଜଣେ ମହିଳାଙ୍କ ହୋଟେଲ ଓ ତେଜରାତି ଦୋକାନ ରହିଛି । ଗତକାଲି ରାତିରେ କଳ୍ପନା ଓ ତାଙ୍କ ପୁଅ ଦୋକାନ ବନ୍ଦ କରି ଫେରିଥିଲେ । ଆଜି ସକାଳ ୬ଟା ସମୟରେ ଦୋକାନକୁ ଆସି ଦେଖିବା ବେଳକୁ ଦୋକାନର ଟଙ୍କା ବାକ୍ସରୁ ଆନୁମାନିକ ୨୦ରୁ ୨୫ ହଜାର ଟଙ୍କା ସହ ଦୁଇ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ଲୁଟ୍ ହୋଇଥିଲା । ଏନେଇ କଳ୍ପନା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଗୋପିମୋହନପୁର ପଞ୍ଚାୟତ ମହିଷାମୁଣ୍ଡା ଗ୍ରାମରେ ପପୁ ସିଂହଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଟ୍ରାକଟରରୁ ଦୁର୍ବୃତ୍ତମାନେ ବ୍ୟାଟେରୀ ଚୋରି କରି ନେଇଛନ୍ତି ।

### ସଡ଼କ ଦୁର୍ଘଟଣା ହ୍ରାସ ପାଇଁ କଠୋର ହେଲା ପରିବହନ ବିଭାଗ

## ଫିଟ୍‌ନେସ୍ ନିୟମ ଉଲ୍ଲଙ୍ଘନ କଲେ ଜବତ ହେବ ଗାଡ଼ି

କଟକ, (ସବ୍ୟୁ):ସଡ଼କ ଦୁର୍ଘଟଣା ହ୍ରାସ ତଥା ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି । ତେବେ ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀ ଓ ସଡ଼କ ସୁରକ୍ଷା ନିୟମ ପାଳନକୁ ନେଇ ଗୁରୁତର ତ୍ରୁଟି କରୁଥିବା ଗାଡ଼ି ଗୁଡ଼ିକୁ ଅଙ୍କୁଶ ଲଗାଇବାକୁ ଆଭିମୁଖ୍ୟକୁ ଆହୁରି କଠୋର କରିବାକୁ ନିଷ୍ପତ୍ତି ହୋଇଛି । ଏଭଳି ଗାଡ଼ିକୁ କେବଳ ଜରିମାନା ଲାଗୁ କରି ଛାଡ଼ିଦେବା ବଦଳରେ ମୋଟର ଯାନ ନିୟମ ଅନୁଯାୟୀ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି ।

ଏହି ସନ୍ଦର୍ଭରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (RTO) ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ARTO) ଓ ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ପରିବହନ ବିଭାଗ । ଏଥିରେ ଦର୍ଶାଯାଇଛି ଯେ, ଗତ ଏପ୍ରିଲ ପହିଲାରୁ ୩୦ ଜୁନ୍ ୨୦୨୬ ମଧ୍ୟରେ ହୋଇଥିବା ଏନଫୋର୍ସମେଣ୍ଟ କାର୍ଯ୍ୟର ସମୀକ୍ଷାରୁ ଜଣାପଡ଼ିଛି ଯେ, ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନର ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା ୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଏହି ସମୟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ ଟି ଗାଡ଼ି ଜବତ ହୋଇଛି ।

କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏଭଳି ଅନୁପଯୁକ୍ତ ଗାଡ଼ି ଗୁଡ଼ିକ ବିନା ଉଚିତ୍ ସୁଧାରରେ ପୁଣି ଥରେ ରାସ୍ତାକୁ ଆସୁଛନ୍ତି । ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ତେଣୁ ଏଣିକି ଯଦି କୌଣସି ଗାଡ଼ି ଫିଟନେସ୍ (FC) ବିନା ଗାଡ଼ି ଚଳାଉଛନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ସ୍ୱରୂପ ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ସେହିଭଳି ପଞ୍ଜିକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ୍ୟ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ କୁହାଯାଇଛି । ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୋଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯିବା ସହ VAHAN ଏବଂ e-Challan ଡ୍ୟାସବୋର୍ଡରେ ଆଲର୍ଟ ବ୍ୟବସ୍ଥାର ସହାୟତା ମଧ୍ୟ ନିଆଯାଉଛି । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କୌଣସି ବି ଅଧିକାରୀ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ନରମ ଆଭିମୁଖ୍ୟ ପୋଷଣ ନ କରିବାକୁ କୁହାଯାଇଛି ।ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ, ସଡ଼କ ଦୁର୍ଘଟଣା ହ୍ରାସକୁ ମିଶନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ନିୟମ ଉଲ୍ଲଙ୍ଘନକାରୀଙ୍କ ଯୋଗୁଁ ନିରୀହ ଜୀବନ ଅକାଳରେ ଚାଲିଯାଉଛି । ବିନା ଫିଟନେସ ଗାଡ଼ି ଯୋଗୁଁ ଦୁର୍ଘଟଣା ବଢୁଛି । ପୂର୍ବରୁ କେବଳ ଜରିମାନା ଜାରି ହେଉଥିବା ବେଳେ ପରେ ପଞ୍ଜିକରଣ ରଦ୍ଦ ଭଳି ଆଭିମୁଖ୍ୟ ନିଆଯାଇଛି ।

### ଚର୍ଚ୍ଚିତ ନର୍ଲା ନାବାଳିକା ପୋଡ଼ି ମାମଲା

## ମୁଖ୍ୟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର,(ସବ୍ୟୁ): ପ୍ରାୟ ୧୦ ବର୍ଷ ପୂର୍ବେ ଅଶ୍ଳୀଳ ଇଙ୍ଗିତକୁ ବିରୋଧ କରିବାରୁ କଳାହାଣ୍ଡି ଜିଲ୍ଲା ନର୍ଲାରେ ଜଣେ ୧୦ମ ଶ୍ରେଣୀର ଛାତ୍ରୀ ତପସ୍ୱିନୀ (୧୫)ଙ୍କୁ କିରାସିନି ଢାଳି ପୋଡ଼ି ହତ୍ୟା କରାଯାଇଥିଲା । ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତ ମୁଖ୍ୟ ଅଭିଯୁକ୍ତ ତୁମେଶ୍ୱର ଦାସ ଓରଫ ବୁଲୁକୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

ଅଦାଲତ ଏହି ମାମଲାର ବିଚାର କରି ଏହାକୁ "ବିରଳରୁ ବିରଳତମ' ବୋଲି ଅଭିହିତ କରିଛନ୍ତି । ଆଇପିସିର ଧାରା ୩୦୨ ଓ ୩୪ରେ ଅଭିଯୁକ୍ତ ବୁଲୁକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୧ଲକ୍ଷ ଟଙ୍କା ଜୋରିମାନା ଅର୍ଥ ପ୍ରଦାନ କରିବାକୁ କହିଛନ୍ତି । ଜୋରିମାନା ଅର୍ଥ ଅନାଦେୟରେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ସ୍ପଷ୍ଟ କରିଛନ୍ତି । ୧ଲକ୍ଷ ୧୦ ହଜାର ଟଙ୍କା ଜୋରିମାନା ଅର୍ଥକୁ ପୀଡ଼ିତାଙ୍କ ପିତାମାତାଙ୍କୁ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀର ଅନୁସାରେ, ବୁଲୁ ଓ ଅନ୍ୟଜଣେ ନାବାଳକ ଶ୍ୟାମ ସାହୁ (୧୯) ନିୟମିତ ଭାବେ ତପସ୍ୱିନୀକୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ । ଏହି ଘଟଣାରେ ତପସ୍ୱିନୀ ବିରୋଧ କରିଥିଲେ ଏବଂ ଘଟଣା ସମ୍ପର୍କରେ ନିଜ ପରବାରକୁ କହିଥିଲେ । ପରିବାର ସଦସ୍ୟ ବୁଲୁ ଓ ଶ୍ୟାମକୁ ତାଗିଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଉଭୟେ ୧୧ ଜାନୁଆରି ୨୦୧୭ରେ ତପସ୍ୱିନୀଙ୍କ ଘରକୁ ଧସେଇ ପଶିଥିଲେ । ଏହି ସମୟରେ ତପସ୍ୱିନୀଙ୍କ ପରିବାର ଲୋକ ଘରେ ନଥିଲେ । ତପସ୍ୱିନୀଙ୍କୁ ମୁହଁବନ୍ଦ କରି କିରାସିନି ଢାଳି ନିଆଁ ଲଗାଇଦେଇଥିଲେ । ଏଥିରେ ତପସ୍ୱିନୀଙ୍କ ୯୫ ପ୍ରତିଶତ ଶରୀର ପୋଡ଼ିଯାଇଥିଲା । ତାଙ୍କୁ ବୁର୍ଲା ମେଡିକାଲ୍ କଲେଜ୍ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଇଥିଲା । ପୀଡ଼ିତାଙ୍କ ପରିବାରକୁ ସମାଜରୁ ବାସନ୍ଦ କରିବାକୁ ଧମକ ଦିଆଯାଇଥିଲା ।ଏହି ଘଟଣାରେ ନର୍ଲା ପୁଲିସ ପ୍ରଥମେ ୧/୨୦୧୭ରେ ପୋକ୍ସୋ ଆଇନ ଓ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା । ପରେ ୧୪ ଜାନୁଆରିରେ ମାମଲାକୁ ଓଡ଼ିଶା ପୁଲିସର ଅପରାଧ ଶାଖା (କ୍ରାଇମ୍ ବ୍ରାଞ୍ଚ) ତଦନ୍ତ ଭାର ନେଇଥିଲେ । ବୁଲୁ, ଶ୍ୟାମ ସହ ୬ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ ।

## ରଥଯାତ୍ରା ପ୍ରସ୍ତୁତି: ପୁରୀ ପୋଲିସ ପକ୍ଷରୁ ୮ ସାହି ବାସିନ୍ଦାଙ୍କ ସହ ସମନ୍ୱୟ ବୈଠକ



ପୁରୀ, (ସବ୍ୟୁ): ମହାପ୍ରଭୁଙ୍କ ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ସୁରକ୍ଷା, ଶାନ୍ତି, ଶୃଙ୍ଖଳା ଏବଂ ସୁଚାରୁ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ୬ ରେ ସୁନ୍ଦରା ଜାଗାରେ ମାଟିମଣ୍ଡପସାହି, ଦୋଳମଣ୍ଡପ ସାହି ଏବଂ କୁଣ୍ଡେଇବେଣ୍ଟ ସାହିର ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ପୁରୀ ଏସ୍ପି ପ୍ରତୀକ ସିଂ ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ପରିଚାଳନା, ଜରୁରୀକାଳୀନ ସହାୟତା ଏବଂ ସ୍ଥାନୀୟ ଅଞ୍ଚଳରେ ସମନ୍ୱିତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ରଥଯାତ୍ରା ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥାର ମହାପର୍ବ। ଏହାକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ, ପ୍ରଶାସନ, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସକ୍ରିୟ ସହଯୋଗ ଜରୁରୀ। ବୈଠକରେ ଉପସ୍ଥିତ ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାମାନେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେବା ସହ ପୁରୀ ପୋଲିସର ପ୍ରସ୍ତୁତିକୁ ସ୍ୱାଗତ କରିଥିଲେ। ସେମାନେ ରଥଯାତ୍ରା ସମୟରେ ପୋଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଥିଲେ । ଏହି ସମନ୍ୱୟ ବୈଠକରେ ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ବୈଠକ ଶେଷରେ ପାରସ୍ପରିକ ସହଯୋଗ, ସମନ୍ୱୟ ଓ ଜନସହଭାଗିତା ମାଧ୍ୟମରେ ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ପୁରୀ ପୋଲିସ ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସଦା ପ୍ରତିବଦ୍ଧ ବୋଲି ପୋଲିସ ସୂଚନା ଦେଇଛି।

### ଶିଶୁ ବାଟିକା ଶିକ୍ଷକ ନିଯୁକ୍ତି ସମ୍ବନ୍ଧୀୟ ଜାଲ୍ ଚିଠି ପ୍ରସଙ୍ଗ

## ପତ୍ରଟି ସମ୍ପୂର୍ଣ୍ଣ ଜାଲ୍, ମନଗଢ଼ା, ଅନଧିକୃତ : ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି

ଭୁବନେଶ୍ୱର(ସବ୍ୟୁ): ସମ୍ପ୍ରତି ଅର୍ଥ ବିଭାଗର ପତ୍ର ସଂଖ୍ୟା ୧୦୯୧୧/ଏ, ତାରିଖ ୨୪.୦୪.୨୦୨୬ ନାମରେ ଏକ ଜାଲ୍ ଓ ସମ୍ପୂର୍ଣ୍ଣ ମନଗଢ଼ା ପତ୍ର ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି । ଏହି ଜାଲ୍ ପତ୍ରକୁ ଆଧାର କରି କେତେକ ଗଣମାଧ୍ୟମରେ ମଧ୍ୟ ସମ୍ବାଦ ପ୍ରକାଶ ପାଇଥିବା ଦେଖାଯାଇଛି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି ।

ରାଜ୍ୟ ସରକାର ସାଧାରଣ ଜନତା ଓ ଗଣମାଧ୍ୟମକୁ ଅନୁରୋଧ କରୁଛନ୍ତି ଯେ, ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ସରକାରୀ ପତ୍ରକୁ ଯାଞ୍ଚ ବିନା ବିଶ୍ୱାସ କିମ୍ବା ପ୍ରଚାର କରନ୍ତୁ ନାହିଁ । ସରକାରୀ ସୂଚନା କେବଳ ସରକାରୀ ବିଜ୍ଞପ୍ତି, ଓ୍ୱେବସାଇଟ୍ କିମ୍ବା ସମ୍ପୃକ୍ତ ବିଭାଗରୁ ହିଁ ନିଶ୍ଚିତ କରନ୍ତୁ । ସରକାର ସର୍ବଦା ସଠିକ୍ ଓ ପ୍ରାମାଣିକ ସୂଚନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ ।

ଉକ୍ତ ଜାଲ୍ ପତ୍ରରେ ଓସେପା ଅଧୀନରେ ୭୨୩୪ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି ଓ ନିଯୁକ୍ତି ସହ ପ୍ରତି ଶିକ୍ଷକଙ୍କୁ ମାସିକ ୨୬୦୦୦ ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ବୋଲି ମିଥ୍ୟା ଦାବି କରାଯାଇଛ । ଏହି ପ୍ରସଙ୍ଗରେ ସ୍ପଷ୍ଟ କରାଯାଉଛି ଯେଉକ୍ତ ପତ୍ରଟି ସମ୍ପୂର୍ଣ୍ଣ ଜାଲ୍, ମନଗଢ଼ା ଏବଂ ଅନଧିକୃତ । ଅର୍ଥ ବିଭାଗ ଦ୍ୱାରା ଏପରି କୌଣସି ପ୍ରସ୍ତାବ ଅନୁମୋଦନ କରାଯାଇନାହିଁ । ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି କିମ୍ବା ନିଯୁକ୍ତି ସମ୍ପର୍କରେ ଉକ୍ତ ପତ୍ର ମାଧ୍ୟମରେ କୌଣସି ସରକାରୀ ଅନୁମୋଦନ ପ୍ରଦାନ କରାଯାଇନାହିଁ । ପତ୍ରରେ ଥିବା ଦସ୍ତଖତ, ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖରେ ଏହାର କୌଣସି ଆଧାର ନାହିଁ । ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ । ଏହି ଘଟଣା ସମ୍ପର୍କରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅବଗତ କରାଯାଇଛି ।

## ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମକ ଡ୍ରିଲ

ପୁରୀ, (ସବ୍ୟୁ) : ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ପୁରୀ ପୋଲିସ ପକ୍ଷରୁ ପୁରୀରେ ମକଡ୍ରିଲ ହୋଇଛି । ସ୍ୱତନ୍ତ୍ର ଟାକ୍ଟିକାଲ ୟୁନିଟ, ଏସ୍‌ଓଜି ଓଡ଼ିଶା ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ ସ୍କ୍ୱାର୍ଡ ସହଯୋଗରେ ଆଜି ପୁରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମକ ଡ୍ରିଲ କରାଯାଇଥିଲା ।ଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିବା ମକ ଡ୍ରିଲ ରେ ଗହଳି ଭିତରୁ ଆତଙ୍କବାଦୀ ଆସି ବୋମା ବିସ୍ଫୋରଣ କରିବା ସହ ଗୁଳି ଚାଳନା କରି ନିକଟସ୍ଥ ଏକ ବିଲ୍ଡିଂ ରେ ଲୁଚି ଯାଇଥିଲେ ।ଏହି ବୋମା ବିସ୍ଫୋରଣ କରିବା ସହ ଗୁଳି ଚାଳନାରେ କିଛି ଲୋକ ଗୁରୁତର ଆହତ ହୋଇଥିଲେ ।ଖବର ପାଇଁ ତୁରନ୍ତ ଆମ୍ବୁଲାନ୍ସ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ପରେ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ। କମାଣ୍ଡୋ ମାନେ ଅତି ସତର୍କତାର ସହ ଆତଙ୍କବାଦୀ ଲୁଚିଥିବା ବିଲଡିଂ କୁ ଘେରାଉ କରିଥିଲେ । ପରେ ଅତ୍ୟାଧୁନିକ ରୋବଟ ବ୍ୟବହାର କରି ସେହି ବିଲଡିଂ ରେ ଲୁଚି ରହିଥିବା ଆତଙ୍କବାଦୀଙ୍କ ପ୍ରକୃତ ସ୍ଥାନ ଚିହ୍ନଟ କରି ସେମାନଙ୍କୁ ନିହତ କରିଥିଲେ ।ପରେ ଦ୍ୱିତୀୟ ମକ ଡ୍ରିଲ୍ ପୁରୀ ରେଳଷ୍ଟେସନରେ ଅନୁଷ୍ଠିତ ହୋଇଥିଲା ।ଆତଙ୍କବାଦୀ ଟ୍ରେନ୍ ଭିତରକୁ ଯାଇ ଅନେକ ଯାତ୍ରୀଙ୍କୁ ପଣବନ୍ଦୀ କରି ରଖିଥିଲେ ।ତୁରନ୍ତ ଖବର ପାଇଁ ଜିଆରପି, ଆରପିଏଫ୍ , ଓଡ଼ିଶା ପୋଲିସ ଏସ୍ଟିୟୁ କମାଣ୍ଡୋ ସମସ୍ତ ପଣବନ୍ଦୀ ଓ ଆହତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିଥିଲେ ।ରଥଯାତ୍ରା ପୂର୍ବରୁ ଏହି ଅଭ୍ୟାସ କରାଯାଇଥିଲା ।ସବୁ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ସହ ସାଧାରଣ ଜନତା ଓ ଯାତ୍ରୀଙ୍କ ସୂଚନା ଓ ସହଯୋଗ ବଳରେ ଯେ କୌଣସି ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରାଯାଇପାରିବ ବୋଲି ପୁରୀ ଏସପି କହିଛନ୍ତି ।

### ରଥଯାତ୍ରା ଅବସରରେ ଜରୁରୀକାଳୀନ

# ସ୍ୱାସ୍ଥ୍ୟସେବା ଓ ରୋଗୀ ସ୍ଥାନାନ୍ତର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କଲେ ଏସ୍‌ପି


ପୁରୀ (ସବ୍ୟୁ): ଆସନ୍ତା ୧୬ରେ ପୁରୀରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ରଥଯାତ୍ରାକୁ ସୁରକ୍ଷିତ, ସୁଚାରୁ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଏସ୍ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ପୁରୀ ବଡ ଡାକ୍ତରଖାନାରେ ଅନୁଷ୍ଠିତ ହୋଇଥିଲା । ଏହି ସମୀକ୍ଷାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ , ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ପୁରୀ ପୋଲିସର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଆବଶ୍ୟକ ପଡ଼ିଲେ କିପରି ତୁରନ୍ତ ଓ ନିରବିଚ୍ଛିନ୍ନ ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯିବ, ସେଥିପାଇଁ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷକରି ଭିଡ଼ ମଧ୍ୟରୁ ଅସୁସ୍ଥ କିମ୍ବା ଆହତ ଭକ୍ତଙ୍କୁ ଶୀଘ୍ର ଉଦ୍ଧାର କରିବା, ଷ୍ଟ୍ରେଚର ଟିମ୍‌ର ସଠିକ୍ ମୁତୟନ, ଆମ୍ବୁଲାନ୍ସର ଦ୍ରୁତ ଚଳାଚଳ, ଗ୍ରୀନ୍ କରିଡର ସୃଷ୍ଟି ଏବଂ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ରଥଯାତ୍ରା ସମୟରେ ସମସ୍ତ ଅସ୍ଥାୟୀ



ଚିକିତ୍ସା କେନ୍ଦ୍ର, ପ୍ରାଥମିକ ଚିକିତ୍ସା ୟୁନିଟ୍, ଆମ୍ବୁଲାନ୍ସ, ଡାକ୍ତରୀ ଦଳ, ନର୍ସିଂ କର୍ମଚାରୀ ଏବଂ ଷ୍ଟ୍ରେଚର ଟିମ୍‌ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଯେକୌଣସି ଜରୁରୀ ପରିସ୍ଥିତିରେ ତୁରନ୍ତ ସହାୟତା ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ବଡ଼ଦାଣ୍ଡ ଏବଂ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ପୋଲିସ, ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟ୍ରେଚର ଟିମ୍‌ମାନଙ୍କ ମଧ୍ୟରେ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା, ୱାୟାରଲେସ୍ ସମନ୍ୱୟ ଓ ରିଅଲ୍-ଟାଇମ୍ ରେସପନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ଭକ୍ତମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପାନୀୟ ଜଳ, ଓଆରଏସ୍, ପ୍ରାଥମିକ ଚିକିତ୍ସା ସାମଗ୍ରୀ, ପରିଷ୍କାର-ପରିଚ୍ଛନ୍ନତା, ହିଟ୍ ଷ୍ଟ୍ରୋକ୍, ଡିହାଇଡ୍ରେସନ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ପୁରୀ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସମନ୍ୱୟରେ ରଥଯାତ୍ରା ସମୟରେ ପ୍ରତ୍ୟେକ ଭକ୍ତଙ୍କୁ ଶୀଘ୍ର, ସୁରକ୍ଷିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଉଛି। ପୁରୀ ପୋଲିସ ସମସ୍ତ ଭକ୍ତଙ୍କୁ ରଥଯାତ୍ରା ସମୟରେ ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବା, ଅନାବଶ୍ୟକ ଭିଡ଼ ସୃଷ୍ଟି ନ କରିବା ଏବଂ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ନିକଟସ୍ଥ ପୋଲିସ କର୍ମଚାରୀ, ଷ୍ଟ୍ରେଚର ଟିମ୍ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ସୂଚନା ଦେବାକୁ ଅନୁରୋଧ କରୁଛି। ସମସ୍ତଙ୍କ ସହଯୋଗରେ ଏକ ସୁରକ୍ଷିତ, ସୁସ୍ଥ ଓ ଶୃଙ୍ଖଳିତ ରଥଯାତ୍ରା ଆୟୋଜନ କରିବା ପାଇଁ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

### ନାବାଳିକା ଅପହରଣ : ଜଣେ ଗିରଫ

ବାଲେଶ୍ୱର,(ସବ୍ୟୁ) :ଜଣେ ନାବାଳିକାକୁ ଅପହରଣ ଘଟଣାରେ ରେମୁଣା ଥାନା ଅଧୀନ ଖରିଦମୁଖୁରା ଅଂଚଳର ଜଣେ ଯୁବକକୁ ପୁଲିସ ଗିରଫ କରିଛି । ଗିରଫ ଯୁବକ ହେଲେ, ସତ୍ୟନାରାୟଣ ବେହେରା(୩୩) । ପୁଲିସ ସୂଚନାନୁଯାୟୀ ଅଭିଯୁକ୍ତ ସତ୍ୟନାରାୟଣଙ୍କ ସ୍ତ୍ରୀର ମୃତ୍ୟୁ ହୋଇଛି ଓ ତାଙ୍କର ଜଣେ ଝିଅ ଅଛନ୍ତି । ଗତ ସପ୍ତାହେ ହେବ ସେ ଜଣେ ନାବାଳିକାକୁ ନେଇ ଫେରାର ହୋଇଥିବା ଅଭିଯୋଗ ପରେ ପୁଲିସ ତନାଘନା କରି ରେମୁଣା ଗୋଲେଇ ଅଞ୍ଚଳରୁ ସେମାନଙ୍କୁ ଧରିଥିଲା । ଏନେଇ ଥାନାରେ କେଶ୍ ନମ୍ବର ୧୪୨/୨୬ରେ ମାମଲା ରୁଜୁ କରି ପୁଲିସ ସତ୍ୟନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କୁ ଡେରାଡୁନ, ଦୀପଲୋକ କଲୋନୀରେ ୧୬ ତାରିଖ ଗୁରୁବାର ଶ୍ରୀଜଗନ୍ନାଥଙ୍କର ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ଛେରାପହଁରା ପାଇଁ ନିମନ୍ତ୍ରଣ କରୁଛନ୍ତି ସୁବାଷ ଶତପଥୀ ।

### ଜନଜାତି ଗବେଷଣା ପ୍ରତିଷ୍ଠାନର ଜାତୀୟ କର୍ମଶାଳା

# 'ଟ୍ରାଇବ୍‌ଏକ୍ସ' ଡିଜିଟାଲ୍ ଶିକ୍ଷା ମଞ୍ଚର ଆରମ୍ଭ

ଭୁ ବ ନେ ଶ୍ୱ ର ( ସ ବ୍ୟୁ ) : କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜନଜାତି ଗବେଷଣା ପ୍ରତିଷ୍ଠାନ (ଟ୍ରାଇ) ଗୁଡ଼ିକର ସଶକ୍ତୀକରଣ ଉଦ୍ଦେଶ୍ୟରେ ଦୁଇ ଦିନିଆ ଜାତୀୟ କର୍ମଶାଳା ମଙ୍ଗଳବାର ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ଜନଜାତି ସମ୍ପ୍ରଦାୟର ଐତିହ୍ୟ ସଂରକ୍ଷଣ, ଗବେଷଣାକୁ ସୁଦୃଢ଼ କରିବା ଏବଂ ସମାବେଶୀ ବିକାଶକୁ ଆହୁରି ଗତିଶୀଳ କରିବା ଦିଗରେ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପୁନର୍ବ୍ୟକ୍ତି ହେଉଛି ଏହି କର୍ମଶାଳା ।

କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ କର୍ମଶାଳାକୁ ଉଦଘାଟନ କରିଥିଲେ । ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ପ୍ରତିନିଧି ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ବିଭିନ୍ନ ଜନଜାତି ଗବେଷଣା ପ୍ରତିଷ୍ଠାନ, ରାଜ୍ୟ ଜନଜାତି କଲ୍ୟାଣ ବିଭାଗ, ବିଶ୍ୱବିଦ୍ୟାଳୟ, ଗବେଷଣା ଅନୁଷ୍ଠାନ, ପ୍ରଯୁକ୍ତି ସଂସ୍ଥା, ଶିକ୍ଷା ସଂଗଠନ, ବିକାଶ ସହଯୋଗୀ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ସାମିଲ ହୋଇଛନ୍ତି । ଉଦଘାଟନୀ ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ଟ୍ରାଇବ୍‌ଏକ୍ସ ନାମକ ଡିଜିଟାଲ୍ ଶିକ୍ଷା ମଞ୍ଚର ଆରମ୍ଭ । ଜନଜାତି କଳା, ସଂସ୍କୃତି, ଭାଷା ଏବଂ ପାରମ୍ପରିକ ଜ୍ଞାନର




**ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, କିଟ୍ ଟେକ୍ନୋଲୋଜି ବିଜନେସ୍ ଇନକ୍ୟୁବେଟର ସହ ଦୁଇ ଏମ୍‌ଓୟୁ**

ସଂରକ୍ଷଣ ଓ ପ୍ରସାର ପାଇଁ ପ୍ରସ୍ତୁତ ଏହି ପ୍ଲାଟଫର୍ମରେ ଏକ ଡିଜିଟାଲ୍ ଏକାଡେମୀ ରହିଛି, ଯେଉଁଥିରେ ଜନଜାତି କଳାକୁ ନେଇ ମାଗଣା ସାର୍ଟିଫିକେଟ୍ ଏବଂ ୟୁନିଭର୍ସିଟି ଗ୍ରାଣ୍ଟସ୍ କମିଶନ୍ ମାନ୍ୟତାପ୍ରାପ୍ତ ଡିପ୍ଲୋମା ପାଠ୍ୟକ୍ରମ ଉପଲବ୍ଧ ହେବ ।

ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଓ ବାରାଣସୀସ୍ଥିତ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଏହା ଅନ୍ତର୍ଗତ ଟ୍ରାଇବ୍‌ଏକ୍ସ ମାଧ୍ୟମରେ ଜନଜାତି ଭାଷା, ପାରମ୍ପରିକ ଜ୍ଞାନ, କଳା, ବୟନକଳା ଓ ସଂଗ୍ରହାଳୟ ବିଜ୍ଞାନ କ୍ଷେତ୍ରରେୟୁନିଭର୍ସିଟି ଗ୍ରାଣ୍ଟସ୍ କମିଶନ ମାନ୍ୟତାପ୍ରାପ୍ତ ଡିପ୍ଲୋମା ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ । ଏହା ସହିତ ଭୁବନେଶ୍ୱରସ୍ଥିତ କିଟ୍ ଟେକ୍ନୋଲୋଜି ବିଜନେସ୍ ଇନ୍‌କ୍ୟୁବେଟର ସହ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଏହା ମାଧ୍ୟମରେ ଜନଜାତି ଉଦ୍ୟୋଗୀମାନଙ୍କୁ ଚିହ୍ନଟ, ପ୍ରଶିକ୍ଷଣ, ପରାମର୍ଶ, ବଜାର ସଂଯୋଗ ଏବଂ ଅର୍ଥ ସହାୟତା ପ୍ରାପ୍ତିରେ ସହଯୋଗ କରାଯିବ । ଏହି ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ, ନୀତି ଆୟୋଗର ସଦସ୍ୟ ଡ. ଆର୍ ବାଲସୁବ୍ରମଣ୍ୟମ୍, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ରଞ୍ଜନା ଚୋପ୍ରାଙ୍କ ସମେତ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଏସ୍‌ଆଇଆର୍ ପରେ ଯାଜପୁରରେ ଭୋଟଦାନ କେନ୍ଦ୍ର ସଂଖ୍ୟା ୨୦୪୬କୁ ବୃଦ୍ଧି

# ପ୍ରତି ୧୨ଶହ ଭୋଟରଙ୍କ ପାଇଁ ଗୋଟିଏ ମତଦାନ କେନ୍ଦ୍ରର ବ୍ୟବସ୍ଥା


ଚଣ୍ଡିଖୋଲ,(ବେଣୁଧର ପଣ୍ଡା): ଯାଜପୁର ଜିଲ୍ଲାରେ ଏସଆଇଆର କାର୍ଯ୍ୟକ୍ରମର ପ୍ରଥମ ଶୋପାନର ଅନ୍ତିମ ପର୍ଯ୍ୟାୟ ସମାପ୍ତ ହେବାପରେ ଜିଲ୍ଲାରେ ପୂର୍ବରୁ ଥିବା ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୫୦୧୪ ଜଣଙ୍କୁ ବାଦ ଦେବାପାଇଁ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଧାରରେ ଭୋଟରଙ୍କ ସୁବିଧା ପାଇଁ ଜିଲ୍ଲାରେ ଭୋଟ ଗ୍ରହଣ କେନ୍ଦ୍ର ବୃଦ୍ଧି କରାଯାଇଛି। ପୂର୍ବରୁ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୧୫,୩୭,୧୦୧ ଥିବା ବେଳେ ଏସଆଇଆର ସଂଶୋଧନ ପରେ ଏବେ ମୋଟ ଭୋଟର ସଂଖ୍ୟା ୧୪,୩୨,୦୮୭କୁ ଖସି ଆସିଥିଲେ ମଧ୍ୟ ମତଦାତାଙ୍କ ସୁବିଧା ପାଇଁ ଜିଲ୍ଲାରେ ଭୋଟଗ୍ରହଣ କେନ୍ଦ୍ରକୁ ବୃଦ୍ଧି କରାଯାଇଛି। ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ଏନଏସି ସହିତ ରହିଥିବା ୭ଟି ବିଧାନସଭା କ୍ଷେତ୍ରରେ ପୂର୍ବରୁ ୧୬୩୯ଟି ଭୋଟ ଗ୍ରହଣ କେନ୍ଦ୍ର ରହିଥିଲା ବେଳେ ଏବେ ୪୦୭ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇ ସେହି ସଂଖ୍ୟା ୨୦୪୬କୁ ବୃଦ୍ଧି କରାଯାଇଛି। ମତଦାତା ମାନଙ୍କର ବହୁବିଧ ସମସ୍ୟାର ସମାଧାନ ପାଇଁ ଓ ବିଭିନ୍ନ ସ୍ତରରୁ ମିଳିଥିବା ପୂର୍ବ ପ୍ରସ୍ତାବ ଆଧାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟ ଗ୍ରହଣ କେନ୍ଦ୍ରର ସଂଖ୍ୟାକୁ ବୃଦ୍ଧି କରାଯାଇଥିବା କୁହାଯାଇଛି। ପରିକ୍ଷା ନିରୀକ୍ଷା ପରେ ପ୍ରତି ୧୨ଶହ ଭୋଟରଙ୍କ ପାଇଁ ଗୋଟିଏ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇ ଥିବା ସରକାରୀ ତଥ୍ୟରୁ ଜଣାପଡିଛି। ତଥ୍ୟ ଅନୁଯାୟୀ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀରେ ଯେଉଁ ୪୦୭ଟି ନୂତନ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି ସେଥି ମଧ୍ୟରୁ ବିଞ୍ଝାରପୁର ବିଧାନସଭା କ୍ଷେତ୍ରରେ ୬୫ଟି,ବରୀ ବିଧାନସଭା କ୍ଷେତ୍ରରେ ୬୭ଟି,ବଡ଼ଚଣା ବିଧାନସଭା କ୍ଷେତ୍ରରେ ୫୫ଟି,ଧର୍ମଶାଳା ବିଧାନସଭା କ୍ଷେତ୍ରରେ ୬୧ଟି, ଯାଜପୁର ବିଧାନସଭା କ୍ଷେତ୍ରରେ ୫୮ଟି, କୋରେଇ ବିଧାନସଭା କ୍ଷେତ୍ରରେ ୫୨ଟି ଏବଂ ସୁକିନ୍ଦା ବିଧାନସଭା କ୍ଷେତ୍ରରେ ୪୯ଟି ନୂତନ ବୁଥ୍ ବା ଭୋଟ ଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି। ନୂତନ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି ଫଳରେ ପୂର୍ବରୁ ବିଞ୍ଝାରପୁରରେ ୨୪୦ଟି ବୁଥ ଥିଲାବେଳେ ଏବେ ୩୦୫ଟି ହୋଇଛି। ସେହିପରି ବରୀରେ ୨୨୪ଟି ଥିଲାବେଳେ ଏବେ ୨୯୧ଟି,ବଡଚଣାରେ ପୂର୍ବରୁ ୨୦୬ଟି ବୁଥ ଥିଲାବେଳେ ଏବେ ୨୬୧ ହୋଇଛି। ଧର୍ମଶାଳାରେ ପୂର୍ବରୁ ୨୬୪ଟି ବୁଥ ଥିଲାବେଳେ ଏବେ ୩୨୫ଟି,ଯାଜପୁରରେ ୨୬୨ଟି ଥିଲାବେଳେ ଏବେ ୩୨୦,କୋରେଇରେ ପୂର୍ବରୁ ୨୧୬ଟି ଥିଲା ବେଳେ ଏବେ ୨୬୮ଟି ଓ ସୁକିନ୍ଦାରେ ପୂର୍ବରୁ ୨୨୭ଟି ବୁଥ ଥିଲା ବେଳେ ଏବେ ୨୭୬ଟି ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି।

### ସାଉଡ଼ି ପଞ୍ଚାୟତ ଅଫିସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ବାଲେଶ୍ୱର(ସବ୍ୟୁ)- ସିଂଲା ଥାନା ଅନ୍ତର୍ଗତ ସାଉଡ଼ି ପଞ୍ଚାୟତ ଅଫିସ ତାଲା ଭାଙ୍ଗି ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷପତ୍ର ଦୁର୍ବୃତ୍ତ ଲୁଟି ନେଇଛନ୍ତି । ପ୍ରକାଶ ଯେ, ପ୍ରତ୍ୟେକ ଦିନ ପରି ସାଉଡ଼ି ସରପଞ୍ଚ ଧରଣୀଧର ମଲ୍ଲିକ ଓ ପଞ୍ଚାୟତ ପିଇଓ ଗୌରାଙ୍ଗ ଚରଣ ମାଝୀ ପଞ୍ଚାୟତ ଅଫିସ କାର୍ଯ୍ୟ ସାରି ସନ୍ଧ୍ୟା ସମୟରେ ଅଫିସ ବନ୍ଦ କରି ଘରକୁ ଫେରିଥିଲେ । ତହିଁ ପରଦିନ ସକାଳେ ଖବର ପାଇ ସରପଞ୍ଚ ଅଫିସରେ ପହଞ୍ଚି ଦେଖିଲା ବେଳକୁ ତାଲା ଭାଙ୍ଗି ଅଫିସରେ ଥିବାୟୁପିଏସ, ଇନଭର୍ଟର, କମ୍ପ୍ୟୁଟର, ଗଡରେଜ, ଟିଭି ଆଦି ଜିନିଷ ପତ୍ର ଦୁର୍ବୃତ୍ତ ଚୋରି କରି ନେବା ସହ ବହୁ ଦରକାରୀ କାଗଜପତ୍ର ନଷ୍ଟ କରିଦେଇଛନ୍ତି ।

# ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ନେଇ ଡିଜିପିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

ଭୁବନେଶ୍ୱର (ସବ୍ୟୁ): ଆସନ୍ତା ୧୬ରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ସୁରକ୍ଷିତ, ଶୃଙ୍ଖଳିତ, ତ୍ରୁଟିଶୂନ୍ୟ ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଆଜି ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ କେନ୍ଦ୍ରୀୟରିଜର୍ଭ ପୁଲିସ ବଳ ସୀମା ସୁରକ୍ଷା ବଳ, ରେଳ ସୁରକ୍ଷା ବଳ, ଭାରତୀୟ ତଟରକ୍ଷୀ ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ




ରଥଯାତ୍ରାର ସମସ୍ତ ସୁରକ୍ଷା ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ଏନଏସଜି ଟିମ୍ ଏବଂ ଏନଏସଜି କ୍ୱିକ୍ ରେସପନ୍ସ ଟିମ୍ ଗୁଡ଼ିକର ମୁତୟନ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ପୋଲିସ, ରେଳ ସୁରକ୍ଷା ବଳ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଜଳ, ସ୍ଥଳ ଏବଂ ଆକାଶମାର୍ଗରୁ ନଜର ରଖିବା, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ଏହା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା ନିମନ୍ତେ ସମୁଦ୍ର ମଧ୍ୟରେ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ ଓ ଓଡ଼ିଶା ପୋଲିସ ସାମୁଦ୍ରିକ ଥାନାର ମିଳିତ ପାଟ୍ରୋଲିଂ ବ୍ୟବସ୍ଥା ସହ ଜାହାଜରେ କ୍ୟୁଆରଟି ମୁତୟନ, ଆକାଶ ମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଡ୍ରୋନ ଏବଂ ଆଣ୍ଟି ଡ୍ରୋନ୍ ସିଷ୍ଟମ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଣ୍ଟି-ସାବୋଟାଜ୍ ଯାଞ୍ଚକୁ କଡ଼ାକଡ଼ି କରାଯିବା ସହ ସନ୍ଦେହଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ। ଆକାଶମାର୍ଗରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍ ମୁତୟନ କରାଯିବ, ଯାହା ଦ୍ୱାରା ବେଆଇନ ଡ୍ରୋନ୍ ଉଡ଼ାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇପାରିବ। ଏହାସହ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ବୋମା ନିଷ୍କ୍ରିୟକାରୀ ଦଳ ବା ବମ୍ ଡିସପୋଜାଲ୍ ସ୍କ୍ୱାଡ୍ ଏବଂ ସ୍ନିଫର୍ ଡଗ୍ ଟିମ୍‌କୁ ସର୍ବଦା ହାଇ-ଆଲର୍ଟରେ ରଖାଯିବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି।

### ଚାଉଳିଆଗଞ୍ଜ ଆଇଆଇସିଙ୍କ ଆତ୍ମହତ୍ୟା ଘଟଣା

# ପୋଷ୍ଟମର୍ଟମ ରିପୋର୍ଟରେ ଶ୍ୱାସରୁଦ୍ଧ ଯୋଗୁଁ ଯାଇଛି ଜୀବନ

କଟକ,(ସବ୍ୟୁ): ଚାଉଳିଆଗଞ୍ଜ ଥାନା ମହିଳା ଆଇଆଇସି ବିଯୁଟି ମହାନ୍ତିଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ବଡ଼ ଖୁଲାସା ହୋଇଛି । ଘଟଣାର ବହୁ ପ୍ରତୀକ୍ଷିତ ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ(ପିଏମ୍ ରିପୋର୍ଟ) ପୋଲିସର ହସ୍ତଗତ ହୋଇଛି । କଟକ ଏସସିବି ମେଡିକାଲର ଏଫଏମ୍‌ଟି ବିଭାଗ ପକ୍ଷରୁ ମଙ୍ଗଳାବାଗ ଥାନାକୁ ଏହି ରିପୋର୍ଟ ହସ୍ତାନ୍ତର କରାଯାଇଥିଲା । ପୋଷ୍ଟମର୍ଟମ ରିପୋର୍ଟ ଅନୁଯାୟୀ, ଶ୍ୱାସରୁଦ୍ଧ ଯୋଗୁଁ ହିଁ ବିଯୁଟିଙ୍କ ଜୀବନ ଯାଇଛି । ଏସ୍‌ସିବି ମେଡିକାଲର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହି ଶବ ବ୍ୟବଚ୍ଛେଦ କରିଥିବା ବେଳେ ପ୍ରାଥମିକ ରିପୋର୍ଟରେ ସେଭଳି କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିବା ସୂଚନା ମିଳିଛି । ତେବେ ମୃତ୍ୟୁର ପ୍ରକୃତ କାରଣ ଓ ପୂର୍ଣ୍ଣାଙ୍ଗ ସତ୍ୟାସତ୍ୟ ଜାଣିବା ପାଇଁ ଏବେ ବିସ୍ରା ରିପୋର୍ଟକୁ ଅପେକ୍ଷା କରାଯାଇଛି ।

ଅନ୍ୟପଟେ ଏହି ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବିଯୁଟିଙ୍କ ପରିବାର ଲୋକେ । ମୃତ ମହିଳା ଅଧିକାରୀଙ୍କ ଭାଇ ସିଧାସଳଖ ହତ୍ୟା ଅଭିଯୋଗ ଆଣିଛନ୍ତି । ପରିବାର ଲୋକଙ୍କ କହିବା ଅନୁଯାୟୀ, ମୃତ ବିଯୁଟିଙ୍କ ବେକ ଓ ଗୋଡ଼ରେ ଗଭୀର ଦାଗ ରହିଥିଲା । କୌଣସି କେମିକାଲ୍ ବ୍ୟବହାର କରାଯାଇଥିବାରୁ ତାଙ୍କ ଶରୀର କଳା ପଡ଼ି ଆସୁଥିଲା । ଏହା କଦାପି ସ୍ୱାଭାବିକ ମୃତ୍ୟୁ ନୁହେଁ ବୋଲି ଦାବି କରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପରିବାର ଲୋକେ ଅଡ଼ି ବସିଛନ୍ତି ।

### ପଶ୍ଚିମା ଶମ୍ଭୁ ସୋମନାଥଙ୍କ ମନ୍ଦିରରୁ ଚୋରି

# ୩୫ ଲକ୍ଷ ଟଙ୍କାର ଅଳଙ୍କାର ସହ ଦାନବାକ୍ସରୁ ନଗଦ ୪୦ ହଜାର ଟଙ୍କା ଲୁଟ

ଜଟଣୀ: (ସବ୍ୟୁ): ଜଟଣୀ ନିକଟବର୍ତ୍ତୀ ଡେଲାଙ୍ଗ ଥାନା ଅନ୍ତର୍ଗତ ଓଡିଶା ପ୍ରସିଦ୍ଧ ପ୍ରଖ୍ୟାତ ଶୈବ ପୀଠ ଶ୍ରୀ ପଶ୍ଚିମାଶମ୍ଭୁ



ସୋମନାଥ ଦେବଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତ୍ରିରେ ଏକ ବଡଧରଣର ଚୋରି ହୋଇଯାଇଛି। ସୂଚନା ଅନୁଯାୟୀ କାଲି ସଂଧ୍ୟାରେ ନୀତି ସମ୍ପୃକ୍ତ ପାଳିଆ ସେବାୟତ ମନ୍ଦିର ଶୋଧ କରି ତାଲା ପକାଇ ଯାଇଥିଲେ। ମଙ୍ଗଳବାର ସକାଳୁ ଆସି ଦେଖିବାରୁ ମନ୍ଦିର ତାଲା ଭଙ୍ଗା ଯାଇ ପ୍ରଭୁଙ୍କ ଅଳଙ୍କାର ସବୁ ଚୋରି ହୋଇଯାଇଛି। ଶ୍ରୀ ବିଗ୍ରହଙ୍କ ସିଂହାସନ ରେ ପ୍ରାୟ ୧୪ କେଜି ଓଜନର ରୁପା ଛାଉଣୀ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ଲକ୍ଷ ହେବ ଏହାକୁ ସଂପୂର୍ଣ୍ଣ ତାଡି ଦୁର୍ଭୂତ ମାନେ ଚୋରି କରିଦେଇଥିବା ବେଳେ ମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ଦାନ ବାକ୍ସରୁ ଆନୁମାନିକ ୪୦ ହଜାର ଟଙ୍କା ମଧ୍ୟ ଚୋରି ହୋଇଥିବା ଜଣାଯିବା ପରେ ପାଳିଆ ସେବାୟତ ରମାକାନ୍ତ ପଣ୍ଡା, ସଞ୍ଜୟ କୁମାର ମହାପାତ୍ର ତୁରନ୍ତ ହରିରାଜପୁର ଫାଣ୍ଡିକୁ ଜଣାଇବା ସହ ଡେଲାଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଡେଲାଙ୍ଗ ଥାନାର ଇନିକ୍ସପେକ୍ଟର ପୂର୍ଣ୍ଣ ଚନ୍ଦ୍ର ସେଠିଙ୍କ ନେତୃତ୍ୱରେ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ ଏବଂ ଅନ୍ୟଦିଗ ଗୁଡିକୁ ତଦନ୍ତ ପରିସରକୁ ନେବା ସହିତ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳ ପରିଦର୍ଶନ କରି ଛାନଭିନ କରିଛନ୍ତି କ୍ଷ ଏ ସଂକ୍ରାନ୍ତରେ ଥାନାଧିକାରୀ ଶ୍ରୀ ସେଠୀ କହିଛନ୍ତି ଏହି ଘଟଣା ନିଶ୍ଚିନ୍ତ ଭାବେ କୌଣସି ପେସାଦାର ମନ୍ଦିରରୁ ଲୁଟ କରୁଥିବା ଗ୍ୟାଙ୍ଗର କାମ ତେଣୁ ଆଖପାଖ ଅଞ୍ଚଳରେ ସନ୍ଧାନ ଜାରି ରହିଛି । ଏ ନେଇ ଡେଲାଙ୍ଗ ଥାନାରେ ପୁଲିସ କେଶ ନମ୍ବର ୨୦୩/୨୬ ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି।

### ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ାଉ

# ୧୦୬ ବୋତଲ କଫ୍ ସିରପ, କାର ଜବତ, ୨ ଯୁବକ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାରେ ନିଶା କାରବାର ବିରୋଧରେ ପୋଲିସର କଡ଼ା ଅଭିଯାନ ମଧ୍ୟରେ ପୁଣିଥରେ କୋଡିନ ମିଶ୍ରିତ କଫ ସିରପ୍ ର ଅବୈଧ ଚୋରା ଚାଲାଣ ରାକେଟର ପର୍ଦ୍ଦାଫାସ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୁଲିସ ଗଡ଼ଖୋର୍ଦ୍ଧା-ପୁରୀ ରାସ୍ତାର ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ାଉ କରି ୧୦୬ ବୋତଲ କଫ କଫ ସିରପ୍ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରିଛି। ଏହି ଘଟଣାରେ ଜଡ଼ିତ ଥିବା ଦୁଇଜଣ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି। ଜବତ ସିରପରେ ନିଶାଦ୍ରବ୍ୟ ଭାବେ ବ୍ୟବହୃତ କୋଡିନ ଥିବାରୁ ଏହାକୁ ଏନ.ଡି.ପି.ଏସ.ଆଇନ ଅଧୀନରେ ଗୁରୁତର ଅପରାଧ ଭାବେ ଗ୍ରହଣ କରାଯାଇଛି। ଆଜି ଏସମ୍ପର୍କ ରେ ଏସ.ଡି.ପି. ଓ ଙ୍କ କାର୍ଯାଳୟ ରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ.ଡି. ପି.ଓ ପଙ୍କଜ କୁମାର ମାଝି ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି । ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଆଇ.ଆଇ.ସି ଉମେଶ କୁମାର ସାହୁଙ୍କୁ ନିର୍ଭରଯୋଗ୍ୟ ସୂଚନା ମିଳିଥିଲା ଯେ, ଏକ କଳା ରଙ୍ଗର କାରରେ ଚାରିଜଣ ବ୍ୟକ୍ତି ବହୁ ପରିମାଣର ଏସ.କଫ କଫ ସିରପ ନେଇ ଯାଉଛନ୍ତି। ସୂଚନା ପାଇବା ମାତ୍ରେ ଖୋର୍ଦ୍ଧା ଏସ.ପି ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୂର୍ବ ଯୋଜନା ଅନୁସାରେ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ନାକାବନ୍ଦୀ କରାଯାଇ ସନ୍ଦିଗ୍ଧ କାରକୁ ଅଟକାଯାଇଥିଲା।

ତଲାସି ସମୟରେ କାର ଭିତରୁ ୧୦୬ ବୋତଲ ଏସକଫ କଫ ସିରପ୍, ଚାରିଟି ମୋବାଇଲ ଫୋନ୍ ଏବଂ ଚୋରା ଚାଲାଣରେ ବ୍ୟବହୃତ କାର (ଓଡି-୦୨-ଡିକେ-୪୮୦୨) ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ଅଂଚଳର ମୁନା ଦାସ (୨୨) ଏବଂ ବଉଳସାହିର ସୋମନାଥ ନିଶଙ୍କ (୨୨)। ଏହାସହ ଘଟଣାରେ ସମ୍ପୃକ୍ତ ଦୁଇଜଣ ନାବାଳକଙ୍କୁ ଜେଜେବି ରେ ହାଜର କରିଛି। ପ୍ରାରମ୍ଭିକ ପଚରାଉଚରା ବେଳେ ଅଭିଯୁକ୍ତମାନେ କଫ ସିରପର ଉତ୍ସ କିମ୍ବା ଏହା କେଉଁଠାକୁ ଚାଲାଣ ହେଉଥିଲା ସେନେଇ ସନ୍ତୋଷଜନକ ସୂଚନା ଦେଇନଥିବାରୁ ପୋଲିସ ଏହାର ପଛରେ କାର୍ଯ୍ୟ କରୁଥିବା ନେଟ ୱାର୍କ ସନ୍ଧାନ ଚଳାଇଛି ବୋଲି ଏସଡିପିଓ କହିଥିଲେ।

ତେବେ ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖରେ ଖୋର୍ଦ୍ଧା ପୋଲିସ ଏକ ଆନ୍ତଃଜିଲ୍ଲା କୋଡିନ କଫ ସିରପ ଚୋରା ଚାଲାଣ ପର୍ଦ୍ଦାଫାସ କରି ୮୫୦ ବୋତଲ ଏସକଫ କଫ ସିରପ୍ ଜବତ କରିଥିଲା। ସେହି ମାମଲାରେ ଚାରିଜଣଙ୍କୁ ଗିରଫ କରାଯାଇ ବର୍ତ୍ତମାନ ସେମାନେ ବିଚାରାଧୀନ ହେପାଜତରେ ରହିଛନ୍ତି। ସେହି ଘଟଣା ପରଠାରୁ ପୁଲିସ ଏହି ଅବୈଧ କାରବାର ସହ ଜଡ଼ିତ ବ୍ୟକ୍ତି ଓ ନେଟୱର୍କ ଉପରେ ନିରନ୍ତର ନଜର ରଖିଥିଲା। ମଙ୍ଗଳବାରର ଏହି ସଫଳ ଚଢ଼ାଉ ସେହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ପୁଲିସ କହିଛି। ତଦନ୍ତକାରୀ ଅଧିକାରୀମାନଙ୍କ ଅନୁମାନ, ଜବତ ହୋଇଥିବା କଫ ସିରପ କେବଳ ସ୍ଥାନୀୟ ଅଂଚଳ ରେ କାରବାର ନୁହେଁ; ଏହା ପଛରେ ଏକ ସଂଗଠିତ ଚୋରା ଚାଲାଣ ନେଟୱର୍କ କାର୍ଯ୍ୟ କରୁଥାଇପାରେ। ମୋବାଇଲ ଫୋନର କଲ ଡିଟେଲ, ଡିଜିଟାଲ ତଥ୍ୟ ଓ ଅନ୍ୟାନ୍ୟ ସୂତ୍ରକୁ ଆଧାର କରି ଏହି ନେଟୱର୍କରେ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ପୁଲିସ ତଦନ୍ତ ଆରମ୍ଭ କରିଛି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥ ଯାତ୍ରା
# ପରମ୍ପରା ଅନୁଯାୟି ଶ୍ରଦ୍ଧାଳୁଙ୍କୁ ଲଡ୍ଡୁ ବାଣ୍ଟିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ତରଫରୁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରାଜତନ୍ତ୍ର ଅମଳରୁ ଚାଲିଆସୁଥିବା "ଶ୍ରଦ୍ଧା ଲୋଡୁ ଫିଙ୍ଗିବା ଦାବୀ ନେଇ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଲଡ୍ଡୁ ବାଣ୍ଟିବା ପରମ୍ପରା କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ମୟୂରଭଞ୍ଜର ଐତିହ୍ୟ, ସଂସ୍କୃତି ଓ କୋଟି କୋଟି ଭକ୍ତଙ୍କ ଆସ୍ଥାର ପ୍ରତୀକ । ଶହଶହ ବର୍ଷ ଧରି ଏହି ପରମ୍ପରା ସଫଳତାର ସହ ପାଳିତ ହୋଇଆସୁଛି । କିନ୍ତୁ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଭିଡ଼କୁ ଆଳ କରି ଏହି ପରମ୍ପରାକୁ ବନ୍ଦ କରିବା ନିଷ୍ପତ୍ତି ନିଆଯାଇଛି । ଆମେ ମନେ କରୁଛୁ ଯେ, ପ୍ରଶାସନର ଦାୟିତ୍ୱ ହେଉଛି ଉତ୍ତମ ଭିଡ଼ ପରିଚାଳନା, ସୁରକ୍ଷା ଏବଂ ଶୃଙ୍ଖଳା ବଜାୟ ରଖିବା ପରମ୍ପରାକୁ ବନ୍ଦ କରିବା ନୁହେଁ ।



ପ୍ରଶାସନିକ ଅପାରଗତାର ଭାର ଶତାବ୍ଦୀ ପୁରୁଣା ଧାର୍ମିକ ପରମ୍ପରା ଉପରେ ଲଦିବା କଦାପି ଗ୍ରହଣୀୟ ନୁହେଁ । ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛି ଏବଂ ସମଗ୍ର ମୟୂରଭଞ୍ଜବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି । ପରମ୍ପରାକୁ ଭାଙ୍ଗିବା ପରିବର୍ତ୍ତେ ସୁଚିନ୍ତିତ ଯୋଜନା, ପର୍ଯ୍ୟାପ୍ତ ପୋଲିସ ବଳ, ବ୍ୟାରିକେଡ଼ିଂ, ସ୍ୱେଚ୍ଛାସେବକ ନିୟୋଜନ ଏବଂ ଆଧୁନିକ ଭିଡ଼ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଏହି ପରମ୍ପରାକୁ ସୁରକ୍ଷିତ ଭାବରେ ପାଳନ କରାଯାଇପାରିବ । ଅତଏବ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ନିମ୍ନଲିଖିତ ଦାବି ଜଣାଉଛୁ "ଶ୍ରଦ୍ଧା ଲୋଡୁ ଫିଙ୍ଗିବା ପରମ୍ପରାକୁ ବନ୍ଦ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ପୂର୍ବଭଳି ପରମ୍ପରା ପାଳନ ପାଇଁ ଅନୁମତି ପ୍ରଦାନ କରାଯାଉ । ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁ ଭିଡ଼ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା କରାଯାଉ ।

ଭବିଷ୍ୟତରେ କୌଣସି ଐତିହାସିକ ଓ ଧାର୍ମିକ ପରମ୍ପରା ଉପରେ ନିଷ୍ପତ୍ତି ନେବା ପୂର୍ବରୁ ସେବାୟତ, ମନ୍ଦିର ପ୍ରଶାସନ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା କରାଯାଉ । ଆପଣ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଜନଭାବନାକୁ ସର୍ବଦା ସମ୍ମାନ ଦେଇଆସିଛନ୍ତି । ତେଣୁ ଆମର ଦୃଢ଼ ବିଶ୍ୱାସ ଯେ, ଆପଣ ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ଉକ୍ତ ନିଷ୍ପତ୍ତିର ପୁନଃବିଚାର କରିବେ ଏବଂ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଏହି ଐତିହାସିକ ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବେ ବୋଲି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣ ଦାସ ଦାବୀ ରଖିଛନ୍ତି ।

ଜିଲ୍ଲାପାଳ ଲଡ୍ଡୁ ବାଣ୍ଟିବା ପରମ୍ପରା ବଜାୟ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସ, ଉପସଭାପତି ରାଜା ହେମ୍ବ୍ରମ, ଘନଶ୍ୟାମ ପିଙ୍ଗୁଆ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ବରିଷ୍ଠ ନେତା ଦିବାକର ସୋରେନ, ସୁଜିତ ବେହେରା, ସହର ସଭାପତି ତରେନ ସେନାପତି, ଜାମଦା ବ୍ଲକ ସଭାପତି ଚନ୍ଦ୍ର ମୋହନ ପିଙ୍ଗୁଆ, ବିଜାତୋଳା ବ୍ଲକ ସମ୍ପାଦକ ସାର୍ନା ହେମ୍ବ୍ରମ, ଯୁବନେତା ସିପୁ ମୁଦୁଲି ଓ ପ୍ରମୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଶିମିଳିପାଳ ଏଆଇ କ୍ୟାମେରାରେ ଧରାପଡ଼ିଲେ ୨ ଶିକାରି
## ବିସ୍ଫୋରକ ଯୋଗାଣକାରୀ ସମେତ ୩ ଗିରଫ



ବାରିପଦା, (ସବ୍ୟୁ) : ଶିମିଳିପାଳ ବାଘ ସଂରକ୍ଷଣ କ୍ଷେତ୍ରରେ ବନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଏକ ବଡ଼ ସଫଳତା ହାସଲ କରିଛି । ଶିମିଳିପାଳ ଅଭୟାରଣ୍ୟ ଭିତରେ ସ୍ଥାପିତ ଇଓ କ୍ୟାମେରାରେ ମିଳିଥିବା ଫଟୋ ଆଧାରରେ ଚଢ଼ାଉ କରି ୨ଜଣ ଶିକାରୀ ଓ ଜଣେ ବିସ୍ଫୋରକ (ଗନ୍ ପାଉଡର) ଯୋଗାଣକାରୀଙ୍କୁ ଗିରଫ କରାଯାଇଛି । ଗିରଫ ତିନି ଅଭିଯୁକ୍ତଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ଗୋଟିଏ ସେଟ୍ ଫାଶ (ଟ୍ରାପ୍) ଏବଂ ପ୍ରାୟ ୪.୮ କିଲୋଗ୍ରାମ ବିଭିନ୍ନ ପ୍ରକାରର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ପିଠାବଟା ବନ୍ୟଜନ୍ତୁ ରେଞ୍ଜରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରି ରହିଛି । ଏହାସହିତ ଅସ୍ତ୍ର ଓ ବିସ୍ଫୋରକ ଆଇନ ଉଲ୍ଲଂଘନ ଅଭିଯୋଗରେ କପ୍ତିପଦା ଥାନାରେ ପୃଥକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶରତ ଥାନା ଅନ୍ତର୍ଗତ କାଟୁରିଆ ଗ୍ରାମର ସାଗ୍ରାମ ହାଁସଦାଃ ଓ ରାମଜିତ୍ ସୋରେନ୍, କପ୍ତିପଦା ଥାନା ଅନ୍ତର୍ଗତ ଉପରଖୁଣ୍ଟା ଗ୍ରାମର କାର୍ତ୍ତିକ ସିଂ ଶିମିଳିପାଳରେ ଏଆଇ କ୍ୟାମେରା ବ୍ୟବହାର ଫଳରେ ବନ୍ୟଜନ୍ତୁ ଶିକାର ଓ ବେଆଇନ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଉଥିବାବେଳେ ଆଗାମୀ ଦିନରେ ମଧ୍ୟ ଏଭଳି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଜାତୀୟ ନାଟ୍ୟ ଉତ୍ସବ ପାଇଁ ହେବ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ପ୍ରଥମ ଜାତୀୟ ନାଟ୍ୟ ଉତ୍ସବ-୨୦୨୫ର ଅଭୂତପୂର୍ବ ସଫଳତା ପରେ ଚଳିତ ବର୍ଷ ୨ୟ ବାର୍ଷିକ ଜାତୀୟ ନାଟ୍ୟ ଉତ୍ସବ ଆସନ୍ତା ଅଗଷ୍ଟ ୧୮ ରୁ ୨୬ ପର୍ଯ୍ୟନ୍ତ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଯାଉଛି ଓ ବାରିପଦାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା "ଆମେ ବାରିପଦା ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ପ୍ରଖ୍ୟାତ ନାଟ୍ୟଦଳ ସେମାନଙ୍କର ଶ୍ରେଷ୍ଠ ନାଟକ ପରିବେଷଣ କରିବେ। ଏହି ମହୋତ୍ସବର ସଫଳ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଆସନ୍ତା ୧୧ଜୁଲାଇ (ଶନିବାର) ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସମ୍ପାଦକ ଚିନ୍ମୟ କୁମାର ଦାସପଟ୍ଟନାୟକ ଏବଂ ସଭାପତି ଡଃ କୈଳାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି ଓ ଚଳିତ ବର୍ଷ ନାଟ୍ୟ ଉତ୍ସବରେ ଯୁବପିଢ଼ିଙ୍କୁ ନାଟକ ପ୍ରତି ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସମ୍ପାଦକ ଶ୍ରୀ ଦାସ ପଟ୍ଟନାୟକ ପୂର୍ବ ପ୍ରସ୍ତୁତି ବୈଠକରେ ଜଣାଇଛନ୍ତି। ପ୍ରସ୍ତୁତି ବୈଠକରେ ଉତ୍ସବର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ, ପ୍ରତିଯୋଗିତାର ନିୟମାବଳୀ ଓ ଅନ୍ୟାନ୍ୟ ଆୟୋଜନ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି। ସମସ୍ତ ନାଟ୍ୟପ୍ରେମୀ, କଳାକାର, ସାଂସ୍କୃତିକ କର୍ମୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ କଳା-ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ପ୍ରସ୍ତୁତି ବୈଠକରେ ଯୋଗଦେଇ ଉତ୍ସବକୁ ସଫଳ କରିବାକୁ ସଭାପତି ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

## ଡ଼ଃ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ

ବ୍ରହ୍ମପୁର, (ସବ୍ୟୁ) : ଡ଼ଃ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର । ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ । ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଉତ୍ଥାନ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ ନଥିଲେ, ବରଂ ଏକ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ । ଗଞ୍ଜାମ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ବି.ସୋମନାଥ ପାତ୍ରଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ତରଫରୁ ଆୟୋଜିତ ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ ଅବସରରେ ବ୍ରହ୍ମପୁର ସ୍ଥିତ ସଂସ୍କୃତି ଭବନ ଠାରେ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଛାତ୍ର ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି ଡ଼ଃ. ଶ୍ୟାମା ପ୍ରସାଦ ମୁଖାର୍ଜୀ ମାତ୍ର ୩୩ ବର୍ଷ ବୟସରେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଦାୟିତ୍ୱ ନେଇ ଶିକ୍ଷା କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲେ ।



ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁର ବିକାଶ ପାଇଁ ତାଙ୍କର ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେହିପରି ସ୍ୱାଧୀନତା ଆନ୍ଦୋଳନ ଏବଂ ସ୍ୱାଧୀନ ଭାରତର ପ୍ରଥମ ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଛାତ୍ର ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବିଜେପିର ସଭାପତି ସରୋଜ ସାବତ, ଯୁବମୋର୍ଚ୍ଚା ଓଡ଼ିଶାର ରାଜ୍ୟ ଉପସଭାପତି ତୁତୁନ ପାତ୍ର, ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସୌଭାଗ୍ୟ ମହାନ୍ତି, ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟ ବେବର୍ତ୍ତା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ସାମନ୍ତରାୟ, ସିଦ୍ଧାନ୍ତ ଗଙ୍ଗଦେବ ଓ କାର୍ଯ୍ୟକ୍ରମ ସଂଯୋଜକ ସୁମିତ ପାତ୍ର, ସହ ସଂଯୋଜକ ଗୋପୀନାଥ ମହାରଣା, ସୁମନ ରାଉଳ ଓ ଆଲୋକ ସାହୁ, ରାମ ବାବୁ, ବିକ୍ରମ ପାଣିଗ୍ରାହୀ, ଆକାଶ ଗୌଡ଼, ସୁନୀଲ ଦୋରା, ଶକ୍ତି ପଟ୍ଟନାୟକ, ଶୀତଲ ଜେନା, ଶ୍ରୀଧର ପାଳ ପ୍ରମୁଖଙ୍କ ସହ ବହୁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସିକା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥୀ, ରନିଗର୍ତ୍ତା ସରସ୍ୱତୀ ଦେବୀ, ପ୍ରଦୀପ ନାୟକ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ସରକାରୀ ଗାଲେରୀ ଉଚ୍ଚ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ

ଭଞ୍ଜନଗର, (ସବ୍ୟୁ) : ସରକାରୀ ଗ୍ୟାଲେରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ଇକୋ କ୍ଲବ, ସ୍କାଉଟ ଓ ଗାଇଡ୍, ଏନର୍ଜୀ କ୍ଲବ ସହ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକଙ୍କ ଅଧ୍ୟକ୍ଷତାରେ ବନ ବିଭାଗର ବିଶିଷ୍ଟ ଅଧିକାରୀମାନେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା, ପରିବେଶ ସୁରକ୍ଷା ଏବଂ ବନ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଉଷାରାଣୀ ସାମନ୍ତଙ୍କ ସହ ବନବିଭାଗ କର୍ମଚାରୀ ସୁକ୍ଷେତ୍ରା ପ୍ରଧାନ, ଢୋଲପିଟା ଫରେଷ୍ଟର, ଅମର ନାୟକ, ବଦାଙ୍ଗୀ ଫରେଷ୍ଟର, ସରସ୍ୱତୀ ମଲ୍ଲିକ (ଫରେଷ୍ଟ ଗାର୍ଡ, ଗାଲେରୀ ବିଟ୍), ଧରିତ୍ରୀ ସାହୁ (ଫରେଷ୍ଟ ଗାର୍ଡ, ହରିଗଡ଼ ବିଟ୍), ବର୍ଷାରାଣୀ ସାହୁ (ଫରେଷ୍ଟ ଗାର୍ଡ, କାଠଚିରା ବିଟ୍), ୩ ଜଣ ବନ ସୁରକ୍ଷା କର୍ମଚାରୀ ଏବଂ ସମୀର ବେହେରା (ଫରେଷ୍ଟ ଗାର୍ଡ, ରାଇଗୋଛା) ଆଦି ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା । ବକ୍ତାମାନେ ସବୁଜ ପରିବେଶ ସୃଷ୍ଟି ଓ ଜଳବାୟୁ ସନ୍ତୁଳନ ରକ୍ଷାରେ ବୃକ୍ଷରୋପଣର ଭୂମିକା ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ ଜଣେ ଜଣେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା ଓ ଯନି ନେବା ପାଇଁ ଶପଥ ଗ୍ରହଣ କରିଥିଲେ ।

## କେବିପୁର ଡିଗ୍ରୀ କଲେଜରେ ବନମହୋତ୍ସବ

ଭଞ୍ଜନଗର, (ସବ୍ୟୁ): କ୍ଷତ୍ରିୟ ବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ରେ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛିଛ ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଡଃ. ଗିରିଧର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉତ୍ତର ଘୁମୁସର ବନଖଣ୍ଡର ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷ ରୋପଣର ମହତ୍ତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବନପାଳ ଦିଲ୍ଲୀପ କୁମାର ଦାଶ ଯୋଗଦେଇ ବୃକ୍ଷ ରୋପଣ ପରେ ତାହାର ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ସିମାଞ୍ଚଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ , ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ରେଲ୍‌ୱେ ସେଟଲମେଣ୍ଟ ବିଦ୍ୟାଳୟରେ ବୃକ୍ଷ ରୋପଣ

 କଟକ, (ସ୍ୱପ୍ର) : ବନମହୋତ୍ସବ ସପ୍ତାହ ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଉଛି । ପ୍ରକୃତି ପରିବେଶ ସନ୍ତୁଳନକୁ ରକ୍ଷା କରିବା ଉଦ୍ଦେଶ୍ୟରେ ରେଲୱେ ସେଟଲମେଣ୍ଟ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ବନ ମହୋତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା ।



ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଂଜିତା କୁମାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରାଯାଇଥିଲା । ଏହି ମହତ କାର୍ଯ୍ୟକୁ ସଫଳ କରିବା ପାଇଁ ୩୮ ନଂ ଓ୍ୱାର୍ଡ କର୍ପୋରେଟର ସୁଭାଶିଷ ପଟ୍ଟନାୟକ ଯୋଗ ଦେଇ ପ୍ରକୃତି ପରିବେଶ ସୁରକ୍ଷା ଦିଗରେ ବୃକ୍ଷରୋପଣ କରିବା ଏକ ଭଲ ପ୍ରୟାସ । ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଭାବେ ପ୍ରିୟ ରଞ୍ଜନ ମହାପାତ୍ର, ସରୋଜ କୁମାର ରାଉତ, ସତ୍ୟବ୍ରତ ପଟ୍ଟନାୟକ, ଭୀମସେନ ସାବତ, ସଂଜୀବ କୁମାର ମହାରଣା ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଏପରି ପଦକ୍ଷପକୁ ପ୍ରଶଂସା କରିବା ସହିତ ଛାତ୍ରଛାତୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହାୟତାରେ ସଫଳତାର ସହିତ ସମ୍ପର୍ଣ୍ଣ ହୋଇଥିଲା ।

## ରୟାଲ କଲେଜ ଅଫ୍ ଫାର୍ମାସି ଆଣ୍ଡ ହେଲେଥ ସାଇନ୍ସସେରେ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ

ବ୍ରହ୍ମପୁର, (ସବ୍ୟୁ) : ରୟାଲ କଲେଜ ଅଫ୍ ଫାର୍ମାସି ଆଣ୍ଡ ହେଲେଥ ସାଇନ୍ସେସ୍ (ଆର୍.ସି.ପି.ଏଚ୍.ଏସ୍), ବ୍ରହ୍ମପୁର ପକ୍ଷରୁ ଇଣ୍ଡିଆନ୍ ଫାର୍ମାସି ଗ୍ରାଜୁଏଟ୍ସ ଆସୋସିଏସନ୍ (ଆଇପିଜିଏ), ଓଡ଼ିଶା ରାଜ୍ୟ ଶାଖାର ସହଯୋଗରେ ଶିକ୍ଷାଦାନ ପଦ୍ଧତି, ଗବେଷଣାର ମୌଳିକ ଓ ଉନ୍ନତ ଦିଗ ଏବଂ ଫାର୍ମାସିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ଶୀର୍ଷକ ଉପରେ ଏକ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫଡିପି)ର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଜୁଲାଇ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଫାର୍ମାସି ଶିକ୍ଷକମାନଙ୍କର ଶୈକ୍ଷିକ, ଗବେଷଣା ଓ ବୈଷୟିକ ଦକ୍ଷତା ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଉଦଘାଟନୀ ସମାରୋହରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପାଣି, ଡ଼. ସୁଦର୍ଶନ ବିଶ୍ୱାଳ (ଆଇପିଜିଏର ଜାତୀୟ ଯୁଗ୍ମ ସମ୍ପାଦକ), ସାକା ଶ୍ରୀକାନ୍ତ (ଆଇଆରଏସ୍ ସମ୍ପାଦକ), ପ୍ରଫେସର ଏନ୍. ଉଷା ରାଣୀ (ଅଧକ୍ଷା ଓ ସଂଯୋଜିକା, ଆର୍ସିପିଏଚ୍ଏସ୍), ପ୍ରଫେସର ଅଞ୍ଜନ କୁମାର ମହାପାତ୍ର (ଆୟୋଜନ ସମ୍ପାଦକ), ଡ଼. ଲଳିତ କୁମାର ସାହୁ (ସଭାପତି, ଆଇପିଜିଏ ଓଡ଼ିଶା ରାଜ୍ୟ ଶାଖା), ଖଲ୍ଲିକୋଟ୍ୟୁନିଟାରି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ପ୍ରଫୁଲ୍ଲ କୁମାର ମହାନ୍ତି (ମୁଖ୍ୟ ଅତିଥି) ଏବଂ ଆରଇଆର୍ଏସର ଅଧକ୍ଷ ଡ଼. ଟି. ପ୍ରକାଶ ରାଓ ମଞ୍ଚାସୀନ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ନବୀନ ଶିକ୍ଷାଦାନ ପଦ୍ଧତି, ଗୁଣାତ୍ମକ ଗବେଷଣା ଏବଂ ଫାର୍ମାସି ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବୃଦ୍ଧିଶୀଳ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱାଗତ ଭାଷଣରେ କଲେଜର ଅଧକ୍ଷା ତଥା ପ୍ରଫେସର ଏନ୍. ଉଷା ରାଣୀ କହିଥିଲେ ଯେ, ଅନୁଷ୍ଠାନ ସର୍ବଦା ଶୈକ୍ଷିକ ଉତ୍କର୍ଷତା ଓ ଅଧ୍ୟାପକଙ୍କ ଦକ୍ଷତା ବିକାଶ ପାଇଁ ପ୍ରତିବଦ୍ଧ । ଆୟୋଜନ ସମ୍ପାଦକ ପ୍ରଫେସର ଦେଶର ବିଭିନ୍ନ ପ୍ରଖ୍ୟାତ ଶିକ୍ଷାବିତ ଓ ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା ବିଶେଷ ବକ୍ତୃତା, ବ୍ୟବହାରିକ କର୍ମଶାଳା, ଆଲୋଚନାଚକ୍ର ଓ ଗବେଷଣାଭିତ୍ତିକ ଅଧିବେଶନ ଆୟୋଜିତ ହେବ । ସଭାପତିଙ୍କ ଅଭିଭାଷଣରେ ଡ଼. ଟି. ପ୍ରକାଶ ରାଓ ଅଧ୍ୟାପକମାନଙ୍କୁ ନୂତନ ପ୍ରଯୁକ୍ତିକୁ ଆପଣାଇବା ସହ ଫାର୍ମାସି ଶିକ୍ଷାର ପରିବର୍ତ୍ତିତ ଆବଶ୍ୟକତା ପୂରଣ ପାଇଁ ସହଯୋଗାତ୍ମକ ଗବେଷଣାକୁ ପ୍ରୋତ୍ସାହିତ କରିଥିଲେ । ଓଡିଶା ସମେତ ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ଫାର୍ମାସି ଶିକ୍ଷନୁଷ୍ଠାନର ଅଧ୍ୟାପକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।




## ବଡ଼ସାହି ବିଧାୟକଙ୍କ ବାସଭବନ ଆଗରରେ ଶତାଧିକ କେନ୍ଦୁଆ ପଞ୍ଚାୟତବାସୀ

ବେତନଟୀ ,(ସବ୍ୟୁ): ଦୀର୍ଘ ବର୍ଷ ହେବ ସ୍ଥାୟୀ କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ନ ହେବା ନେଇ ତେଜୁଛି ବିବାଦ । ଶୁଭ ଦିଆଯାଇଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ଗୃହ ପଞ୍ଚାୟତ ଗୃହ ନିର୍ମାଣ ନହେବା କାରଣରୁ ମଙ୍ଗଳବାର ପୂର୍ବାହ୍ନ ସମୟରେ କେନ୍ଦୁଆ ଗ୍ରାମପଞ୍ଚାୟତ ଅଧୀନର ଶତାଧିକ ମହିଳା କେନ୍ଦୁଆ ପଞ୍ଚାୟତର ଶୁଭ ଦିଆଯାଇଥିବା ସ୍ଥାନରୁ ପଦଯାତ୍ରା ଦାରା ବାହାରି ୧୮ନଂ ଜାତୀୟ ରାଜପଥ ଦେଇ କଲମା ସ୍ଥିତ ବଡ଼ସାହି ବିଧାୟକଙ୍କ ବାସଭବନ ଫାଟକ ସମ୍ମୁଖରେ ପହଞ୍ଚି ପ୍ଲାଗକାର୍ଡ ଓ ବ୍ୟାନର ଦେଖାଇ ବିଭିନ୍ନ ନାରା ଦେଇ ପ୍ରତିବାଦ ଜଣାଇଛନ୍ତି ।



ସୂଚନା ମୁତାବକ ଜନସଂଖ୍ୟା ଏବଂ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ୨୦୧୭ ମସିହାରେ ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ଭାଗ ହୋଇ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହୋଇଥିଲା । ନୂତନ ପଞ୍ଚାୟତ ଗଠିତ ହୋଇଥିଲେ ସୁଦ୍ଧା କେନ୍ଦୁଆ ପଞ୍ଚାୟତ କାର୍ଯ୍ୟ ଚାଲିବା ନିମନ୍ତେ ନିଜସ ଗୃହ ମଧ୍ୟ ନଥିଲା । ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଟି ନୂତନ ଭାବେ ନିର୍ମିତ ରାଜୀବ ଗାନ୍ଧୀ ସେବା ଗୃହରେ କାର୍ଯ୍ୟକାରୀ ହେବା ପରେ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ପୁରୁଣା ଗୃହରେ କେନ୍ଦୁଆ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ଚାଲୁ ରହିଛି । ବେତନଟୀ ବ୍ଲକ ଅଧିନରେ ଅନ୍ୟ ଏକ ସନ୍ତରା ପଞ୍ଚାୟତ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ସୃଷ୍ଟି ହୋଇଥିଲା । ଏହି କେନ୍ଦୁଆ ଏବଂ ସନ୍ତରା ଭଳି ଦୁଇଟି ନୂତନ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁରୀ ମିଳିଥିଲା ।

ମାତ୍ର ସମୟ କ୍ରମେ ହାତୀଝୁରୀ ପଞ୍ଚାୟତ ଗୃହ ନିର୍ମାଣ ହୋଇଗଲା ମାତ୍ର କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ହୋଇ ପାରିଲା ନାହିଁ । କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ବିଭିନ୍ନ ସମୟରେ ରାଜନୈତିକ ଦଳ ମାନଙ୍କର ଭୋଟ ରାଜନୀତିକୁ ନେଇ ବିଭିନ୍ନ ସ୍ଥାନରେ ଗୃହ ପାଇଁ ସ୍ଥାନ ନିରୁପଣ କରାଯାଇଥିଲା । ହେଲେ କୌଣସି ଜାଗାରେ ସ୍ଥାୟୀ ଭାବେ ଗୃହ ନିର୍ମାଣ ହୋଇପାରିନଥିଲା । କେନ୍ଦୁଆ ପଞ୍ଚାୟତର ସରପଞ୍ଚ , ସମିତିସଭ୍ୟ ତଥା ଅନ୍ୟ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ କାର୍ଯ୍ୟାଳୟ ଚାଲୁ ରହିଥିବା ପଛ ଭାଗରେ ସ୍ଥାନ ନିରୁପଣ ହୋଇଥିଲା । ପରବର୍ତ୍ତୀ ସମୟରେ ବଡ଼ସାହି ବିଧାୟକ ସନାତନ ବିଜୁଳି ୨୦୨୪ ମସିହା ନଭେମ୍ବର ୨୨ ତାରିଖରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶରେ ଏହି ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ତାଙ୍କ ସହ ତତକାଳୀନ ବିଡ଼ିଓ ସୁଶାନ୍ତ ସୁତାର , ସରପଞ୍ଚ, ସମିତିସଭ୍ୟ,ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ ମଧ୍ୟ ଉପସ୍ଥିତ ଥିଲେ । ସମସ୍ତେ ଆଶା କରିଥିଲେ ଖୁବ ଶୀଘ୍ର ଏହି ଗୃହ ନିର୍ମାଣ ହୋଇଯିବ । ମାତ୍ର କିଛି ଦିନ ପରେ କେନ୍ଦୁଆ ପଞ୍ଚାୟତର ଅନ୍ୟ କିଛି ୱାର୍ଡର ଗ୍ରାମବାସୀ ଏହି ଭିତ୍ତି ପ୍ରସ୍ତରକୁ ବିରୋଧ କରିବା ସହ ନିରୂପଣ ହୋଇଥିବା ଏହି ସ୍ଥାନକୁ ବିରୋଧ କରିଥିଲେ । ଭିତ୍ତିପ୍ରସ୍ତର ପଡ଼ିବାର ବହୁ ଦିନ ପରେ ମଧ୍ୟ ଏହା ନିର୍ମାଣ ନ ହୋଇ ପାରିବା ଏକ ରାଜନୈତିକ ଚକ୍ରାନ୍ତ ବୋଲି ଆଲୋଚନା ହେଉଛି ।


ଏହାର ଶିକାର କେନ୍ଦୁଆ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଭତ୍ତା ପାଉଥିବା ବୃଦ୍ଧବୃଦ୍ଧା, ରାସନକାର୍ଡଧାରୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ପାରିବାରୁ ମଙ୍ଗଳବାର ସକାଳ ୯ ଟାରେ ଶତାଧିକ ମହିଳା, ପୁରୁଷ, ଶିଶୁ ଏକତ୍ରୀତ ହୋଇ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ପଦଯାତ୍ରାରେ ୭ କିମି ବାଟ ଚାଲିଚାଲି କଲମା ସ୍ଥିତ ବିଧାୟକଙ୍କ ବାସଭବନ ଆଗରେ ପହଞ୍ଚିଥିଲେ ।

## ଶ୍ୟାମାଖୁଣ୍ଟା ବ୍ଲକ ପ୍ରଶାସନ ବିରୁଦ୍ଧରେ ଜନପ୍ରତିନିଧିଙ୍କ ଗଣବିକ୍ଷୋଭ

ବାରିପଦା, (ସବ୍ୟୁ) : ଶ୍ୟାମାଖୁଣ୍ଟା ବ୍ଲକ ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟକଳାପ ଓ ବ୍ୟାପକ ଦୁର୍ନୀତି ବିରୁଦ୍ଧରେ ଏକ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଅବହେଳା, ପିସି କାରବାର ଏବଂ ଜନପ୍ରତିନିଧିମାନଙ୍କୁ କରାଯାଉଥିବା ଅଣଦେଖା ପ୍ରତିବାଦରେ ଶ୍ୟାମାଖୁଣ୍ଟା ମାଟିର ସୁରକ୍ଷା ପାଇଁ ଦଳମତ ନିର୍ବିଶେଷରେ ବହୁ ସଂଖ୍ୟାରେ ସରପଞ୍ଚ, ସମିତି ସଭ୍ୟ ଏବଂ ସ୍ଥାନୀୟ ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ବ୍ଲକରେ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅଗ୍ରୀମ ୧୦ ପ୍ରତିଶତ ଲାଞ୍ଚ ମଗାଯାଉଥିବା ନେଇ ବିକାଶ ମଞ୍ଚ ଅଭିଯୋଗ କରିଛି । ଏହା ସହିତ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଏବଂ 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠି' ପ୍ରକଳ୍ପଗୁଡ଼ିକରେ ବ୍ୟାପକ ଅନିୟମିତତା ହେଉଥିବା ଦର୍ଶାଯାଇଛି । ଯୋଗ୍ୟ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ପ୍ରତିମାସରେ ନଦେବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନରେ ପାତର ଅନ୍ତର କରାଯାଉଥିବା ପ୍ରତିବାଦ କରାଯାଇଛି । ବିଡିଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଅସମ୍ମାନିତ କରୁଥିବା ଏବଂ ସେମାନଙ୍କ କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ସରକାରୀ ଦଳର ପ୍ରଭାବ ଓ ଚାପ ସତ୍ତ୍ୱେ ଏହି ପ୍ରତିବାଦ ସଫଳ ହୋଇଛି । ଆନ୍ଦୋଳନକୁ ପଣ୍ଡ କରିବା ପାଇଁ ଗତକାଲି ରାତିରେ ବିକ୍ଷୋଭ ସ୍ଥଳରେ ପ୍ରସ୍ତୁତ ଟେଣ୍ଟକୁ ଭାଙ୍ଗି ଦିଆଯିବା ସହ ଜନପ୍ରତିନିଧିମାନଙ୍କୁ କଣ୍ଠରୋଧ କରିବାକୁ ଧମକ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି । ଏସବୁ ସତ୍ତ୍ୱେ ସ୍ଥାନୀୟ ନେତୃବୃନ୍ଦ ଏହି ଲଢ଼େଇକୁ ଏକ କ୍ରାନ୍ତିକାରୀ ବିପ୍ଳବ ଆଖ୍ୟା ଦେଇ ଆଗକୁ ଏହା ଜାରି ରହିବ ବୋଲି ଚେତାବନୀ ଦେବା ସହ ସମଗ୍ର ଘଟଣାରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଦୃଢ଼ ଦାବି କରିଛନ୍ତି ।

## ଦେବାଶିଷ ଦାସଙ୍କୁ ପିଏଚ୍‌ଡି ଉପାଧି

ଶ୍ରୀ ଦେବାଶିଷ ଦାସ, ସହକାରୀ ପ୍ରାଧ୍ୟାପକ (ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ) ଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ପ୍ରାଧ୍ୟାପକ ଡଃ ପ୍ରମୋଦ କୁମାର ଶତପଥୀ ଏବଂ ପ୍ରାଧ୍ୟାପକ ଡଃ ପ୍ରଭଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭଟି "Synthesis, Characterisation, Catalytic Activity and Adsorption Behaviour of Fe2O3 Based Mixed Oxid" ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର, ମୁଖ୍ୟ ବୈଜ୍ଞାନିକ ସିଏସ୍ଆଇଆର- ଏନ୍ଏମ୍ଏଲ୍ ଜାମସେଦପୁର, ଝାଡ଼ଖଣ୍ଡ ଓ ପ୍ରଫେସର ଏ.ରାଜା କୁମାର, ଆଇଆଇଟି ଖଡ଼ଗପୁରଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡଃ ଦେବାଶିଷ, ମୟୂରଭଞ୍ଜ ଜିଲ୍ଲା ଉଦଳା ଏନ୍ଏସି (ଶିକ୍ଷକ କଲୋନୀ) ର ଶ୍ରୀ କାଶୀନାଥ ଦାସ, ବୟନ ଶିଳ୍ପ ବିଭାଗ ଅବସରପ୍ରାପ୍ତ ଅଧୀକ୍ଷକ ଓ ଗୀତାଞ୍ଜଳି ଦାସ ଶିକ୍ଷୟିତ୍ରୀ, ଅଦାପାଳ ଉଚ୍ଚ ବିଦ୍ୟାଳୟଙ୍କ ସୁପୁତ୍ର ତଥା ଖୋର୍ଦ୍ଧା ଜିଲ୍ଲା ଓଳସିଂହ ଗ୍ରାମ ସ୍ୱର୍ଗତ କବି ବଂଶୀଧର ଦାସଙ୍କ ନାତି ଓ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ପୁତୁରା ଅଟନ୍ତି। ଡଃ ଦାସ ବାଲେଶ୍ୱର ଜିଲ୍ଲା ଭୋଗରାଇର ଚିତ୍ରଶିଳ୍ପୀ ଶ୍ରୀ ଭୁପତି ଭୂଷଣ ସୁର ଓ ସମାଜସେବୀ ମିନାରାଣୀ ସୁରଙ୍କ ଜାମାତା। ତାଙ୍କର ଏହି ସଫଳତା ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରି ଧର୍ମପତ୍ନୀ ସଂଗୀତା ସରିତାଙ୍କୁ ମାର୍ଗଦର୍ଶନ ଓ ସହଯୋଗ ପାଇଁ କୃତଜ୍ଞତା ସହ ପ୍ରେରଣା ପାଇଁ ଭଉଣୀ ଗୀତିକୃଷ୍ଣା ଓ ଭିଣୋଇ ଡାଃ ସ୍ୱପ୍ନେଶ୍ୱର ପୁଥାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଫଳତାର ଶ୍ରେୟ ମାଗଦର୍ଶକ ପ୍ରଫେସର ଶତପଥୀ ଓ ପ୍ରଫେସର ମଲ୍ଲିକଙ୍କ ଆଶୀର୍ବାଦ କାମନା ସହ ଶୁଭେଚ୍ଛୁ, ସହଯୋଗୀ ଓ ପରିବାର ବର୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ନଗ୍ନଫଟୋ ଦେଖାଇ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଲେ ସାଇବର ଠକ

ତାଳଚେର,(ସବ୍ୟୁ) : ତାଳଚେର ପୌରପରିଷଦ ୱାର୍ଡ଼ ନଂ-୧ ବଡ଼ଦାଣ୍ଡ ସାହିର ତ୍ରିନାଥ ବାରିକ (୪୮) ପିତା ଫଚୁ ବାରିକଙ୍କ ମୋବାଇଲକୁ ମେସେଜ ଆସିଲାକି ୧୮ ହଜାର ଟଙ୍କା ଲୋନ କରିବାକୁ ଏବଂ ଉକ୍ତ ଟଙ୍କାକୁ ୪୫ଦିନ ଭିତରେ ପରିଶୋଧ କରିବାକୁ କୁହାଗଲା । ତେଣୁ ସେ ଉକ୍ତ ମେସେଜ ଜରିଆରେ ତାଙ୍କର ଆଧାରକାର୍ଡ଼ ,ଫଟୋ ପରିଚୟପତ୍ର ସହ ସମସ୍ତ ଆବଶ୍ୟକ କାଗଜପତ୍ର ଦେଇ ୧୮ ହଜାର ଟଙ୍କା ଆଣିଥିଲେ, ହେଲେ ଉକ୍ତ ଟଙ୍କା ଆଣିବାର ୪ଦିନ ପରେ ତାଙ୍କ ମୋବାଇଲକୁ ମେସେଜ କରି ପ୍ରଥମେ ୨୯ହଜାର ୮ଶହ ଟଙ୍କା ମଗାଗଲା ଏବଂ ତାଙ୍କର ଗୋଟେ ଉଲଗ୍ନ ଫଟୋ ତାଙ୍କ ପାଖକୁ ପ୍ରେରିତ କରାଗଲା । ସେ ଭୟରେ ୨୯ହଜାର ୮ଶହ ଟଙ୍କା ପରିଶୋଧ କରିବା ପରେ ପୁନଶ୍ଚ ତାଙ୍କୁ ଦ୍ୱିତିୟ କିସ୍ତିରେ ୫୬ହଜାର ୮ଶହ ଟଙ୍କା ତା ଗତ ୦୬/୦୬/୨୦୨୬ରିଖରେ ୪ହଜାର ୮ଶହଟଙ୍କା ପରେ ୭୨ହଜାର ୮ଶହଟଙ୍କା ଦେବାପରେ ମଧ ସେ ବାରମ୍ବାର ଟଙ୍କା ମାଗିବାରୁ ଅଣନିଶ୍ୱାସୀ ହୋଇ ଜାଣିପାରିଲେ କି ଏମାନେ ସାଇବର ଠକ । ତେଣୁ ସେ ବାଧହୋଇ ଅନୁଗୋଳ ସାଇବର ଥାନାରେ ଘଟଣା ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଥିବା ସେ ପ୍ରକାଶ କରିଛନ୍ତି । ତେଣୁ ସାଇବର ଠକଙ୍କ ପ୍ରତି ସତର୍କତା ଅବଲମ୍ବନ କରିବା ସହ ମୋବାଇଲକୁ ଆସୁଥିବା ମେସେଜ ଯାଂଚକରି ଓ ବୁଝିବିଚାରି ଯଦି କାର୍ଯ୍ୟକରାଯାଏ ତେବେ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା ।

# ଲଗାଣ ବର୍ଷାରେ ଘର କାନ୍ଥ ମାଡ଼ିବସିଲା



ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବ୍ରାହ୍ମଣୀଦେଇ ଗ୍ରାମର ନରେନ୍ଦ୍ର ନାୟକଙ୍କ ଘର କାନ୍ଥ ମାଡି ବସିଛି । ରବିବାର ରାତରେ ମାଡି ବସିଥିବା ବେଳେ ନରେନ୍ଦ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ଘଟଣାରୁ ଜଣାପଡିଛି ଯେ କିଛି ଦିନ ହେବ ଲଘୁଚାପ ବର୍ଷା ହେଉଥିବା ବେଳେ ତାଙ୍କ ଘର କାନ୍ଥ ମାଡି ବସିଥିଲା । ସେ ଘର ନିକଟରେ ବସିଥିବା ବେଳେ ଅଳ୍ପକେ ବର୍ତ୍ତୀଯାଇଛନ୍ତି । ଏନେଇ ନରେନ୍ଦ୍ର ହିମିତିରା ରାଜସ୍ୱ ନିରିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ କ୍ଷତିଗ୍ରସ୍ତ ଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଦାବି ହୋଇଛି ।

# ଭଡ଼ାଘରୁ ମହିଳାଙ୍କ ଶବ ଉଦ୍ଧାର

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମର ଏକ ଭଡାଘରୁ ମାଙ୍କଡ଼ଚୁଆ ଗ୍ରାମର ବିବାହିତା ମହିଳା ପୁଷ୍ପାଞ୍ଜଳୀ ଦେହୁରୀ (୪୦)ଙ୍କର ମୃତଦେହକୁ ସୋମବାର ଦିନ ହଣ୍ଡପା ପୋଲିସ ଉଦ୍ଧାର କରିଛି। ପୁଷ୍ପାଞ୍ଜଳିଙ୍କ ଭାଉଜଙ୍କ ଅଭିଯୋଗ କ୍ରମେ ପୋଲିସ ୬/୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ପୋଲିସ କହିଛି ଯେ, ପୁଷ୍ପାଞ୍ଜଳୀ ଶୋଇଥିବା ବେଳେ ସକାଳେ ଆଉ ଉଠିନଥିଲେ । ପରେ ପରିବାର ଲୋକ କବାଟ ଖୋଲିବା ପରେ ତାଙ୍କ ବେଡ଼ରେ ତାଙ୍କ ମୃତଦେହ ପଡିଥିବା ଜାଣିବାକୁ ପାଇଥିଲେ । ତାଙ୍କର କିପରି ମୃତ୍ୟୁ ହେଲା ତାହା ସ୍ପଷ୍ଟ ଜଣାପଡି ନଥିବା ବେଳେ ବ୍ୟବଛେଦ ପରେ ଜଣା ପଡିବ ବୋଲି ପୋଲିସ କହିଛି ।

## ଚିଠା ଭୋଟର ତାଲିକା ପ୍ରକାଶ

# ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ବୈଠକ



ଅନୁଗୋଳ ,(ସବ୍ୟୁ) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ଆଜି ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅବଦଲ ଏମ. ଅଖତରଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧି ମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଉଦ୍ଦେଶ୍ୟ, ଚିଠା ଭୋଟର ତାଲିକା ପ୍ରକାଶ, ଦାବି ଓ ଆପରି ଆବେଦନର ସମୟସୀମା, ଡେ ଭୋଟର ତାଲିକାରେ ନାମ ସଂଯୋଗ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତର ପ୍ରକ୍ରିୟା, ବୁଥ ସ୍ତରୀୟ ଏଜେଣ୍ଟଙ୍କ ଭୂମିକା ଏବଂ ରାଜନୈତିକ ଦଳମା ସହଯୋଗ ସମ୍ପର୍କରେ ରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜିଲ୍ଲା ନିର୍ବାଚନ ଅଧିକାରୀ ଉପସ୍ଥିତ ପ୍ରତିନିଧିମାନଙ୍କୁ ଚିଠା ଭୋଟର ତାଲିକାକୁ ଯନିର ସହ ଯାଞ୍ଚ କରି କୌଣସି ତ୍ରୁଟି, ଅଯୋଗ୍ୟ ନାମ କିମ୍ବା ବାଦ ପଡ଼ିଥିବା ଯୋଗ୍ୟ ମତଦାତାଙ୍କ ସମ୍ପର୍କରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପରି ଦାଖଲ କରିବାକୁ ଅନୁରୋଧ କରିଥିଲେ ।

ବୈଠକରେ ରାଜନୈତିକ ଦଳମାନଙ୍କୁ ଯୁବ ମତଦାତା, ମହିଳା, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନିଜର ନାମ ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସଚେତନ କରିବାକୁ ଆହ୍ୱାନ କରାଯାଇଥିଲା ।

ପରିଶେଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କୁ ଚିଠା ଭୋଟର ତାଲିକାର ମୁଦ୍ରିତ ବହି ପ୍ରଦାନ କରାଯାଇଥିଲା ।ବୈଠକରେ ବିଜେଡି ଦଳରୁ ପୂର୍ବତନ ଉପବାଚସ୍ପତି ରଜନୀ କାନ୍ତ ସିଂହ, ବିଜୟ କୁମାର ନାଥ, ବିଜେପି ଦଳର ଗଙ୍ଗାଧର ପଟ୍ଟନାୟକ, କଂଗ୍ରେସ ଦଳରୁ ଜିଲ୍ଲା ସଭାପତି ସୁନିଲ ପ୍ରଧାନ,ଦଳର ଅନୁଗୋଳ ଜିଲ୍ଲା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି , ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ,ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ, ଅନୁଗୋଳ ୬୧- ଅନୁଗୋଳ, ଅତିରିକ୍ତ ନିର୍ବାଚନ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ, ଡ଼େପୁଟୀ କଲେକଟର (ନିର୍ବାଚନ) ଓ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ୫୫ ନମ୍ବର ରାଜପଥରେ ନିମ୍ନମାନର ପୋଲ କାର୍ଯ୍ୟ

# ମାସକରେ ଦବିଗଲା ରସାସିଂହ କେନାଲ ପୋଲ, ଯାତାୟତ ବନ୍ଦ

ଓଡାପଡା ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ୫୫ ନମ୍ବର ଜାତୀୟ ରାଜପଥର ରସାସିଂହ ନିକଟରେ ଥିବା ରେଙ୍ଗାଳୀ ଦକ୍ଷିଣ କେନାଲ ପୋଲ କାମ ଶେଷ ହେବାର ଗୋଟିଏ ମାସରେ ଦବି ଗଲାଣି । ବିପଦ ଆଶଙ୍କାରେ ଯାନବାହନ ଚଳାଚଳ ବନ୍ଦ କରିଦିଆଯାଇଛି। ଢେଙ୍କାନାଳଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ଅତି ନିମ୍ନମାନର ହୋଇଛି । ତାଠାରୁ ଅଧିକ ନିମ୍ନ ମାନର କାର୍ଯ୍ୟ ଦେଖିବାକୁ ମିଳିଛି । ରାସ୍ତା ଉପରେ ଥିବା ବିଭିନ୍ନ ନାଳ ଏବଂ କେନାଲ ପୋଲ ଗୁଡିକ ଅତି ଦୟନୀୟ ଭାବରେ ନିର୍ମାଣ ହୋଇଛି । ରସାସିଂହ ଠାରେ ରେଙ୍ଗାଳୀ ଦକ୍ଷିଣ କେନାଲ ଉପରେ ଏକ ପୋଲ ବର୍ଷ ବର୍ଷଧରିଚାଲିଥିଲା । ଗତ ମାସରେ ଏହି ପୋଲ କାର୍ଯ୍ୟ ଶେଷ ହେବା ସହିତ ପିଚୁ କାର୍ଯ୍ୟ ଶେଷ ହେବା ପରେ ଯାନବାହନ ଚଳାଚଳ କରୁଥିଲା । କିନ୍ତୁ କାଯ୍ୟ ଶେଷ ହେବାର ମାତ୍ର ଏକ ମାସ ପରେ ପୋଲର ଉଭୟ ପାଶ୍ୱର୍ରେ ରାସ୍ତା ଏକ ଫୁଟ ଦବି ଯାଇଥିବା ବେଳେ ପିଚୁ ରାସ୍ତା ସାପ ଭଳି ବଙ୍କା ହୋଇଯାଇଛି ।ଫଳରେ ଗାଡି ଚଳାଚଳକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯାଇଛି ।

ସେହିପରି ଯେଉଁଠାରେ ହାତୀ ଅଣ୍ଡରପାସ ହୋଇଛି ସେଠାରେ ରାସ୍ତାପାଶ୍ୱର୍ରେ ଦିଆଯାଇଥିବା ମାଟି ଭୁଷୁଡି ପଡିବା ଯୋଗୁ ସାଇଡ ୱାଲ ଭାଙ୍ଗି ଯାଇଛି । ଠିକାଦାର ମାଟି ପକାଇ ଅସ୍ଥାୟୀ ଭାବରେ ସୁରକ୍ଷା ଦେଉଛନ୍ତି ।

ସରକାର ରାସ୍ତା ଏବଂ ପୋଲି ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକାଦାରଙ୍କ ଲାଭଖୋର ନିତୀଯୋଗୁ କାମ ନିମ୍ନମାନର ହେଉଛି । ରସାସିଂହ କେନାଲ ପୋଲର ତଦନ୍ତ ସହିତ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ହୋଇଛି ।

## ବେନ୍ତପୁର ପଂଚାୟତ ବିଦ୍ୟାଳୟରେ ବନ ମହୋତ୍ସବ

ଅନୁଗୋଳ,(ସବ୍ୟୁ) :ସ୍ପନ୍ଦନ ଏବଂ ବେନ୍ତପୁର ପଂଚାୟତ ବିଦ୍ୟାଳୟର ଇକୋ କ୍ଲବର ମିଳିତ ସହଯୋଗରେ ବନ ମହୋତ୍ସବ-୨୦୨୬ ବିଦ୍ୟାଳୟ ପରିସରରେ ପାଳିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନକ କୁମାର ଭୋଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ବିଶ୍ୱ ତାପମାନ ସମସ୍ୟାକୁ ପ୍ରତିହତ କରିବା ନିମନ୍ତେ ବୃକ୍ଷରୋପଣ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ସମାଜସେବୀ ତାପସ ପାଳ ଯୋଗ ଦେଇ ପ୍ରତ୍ୟେକ ଛାତ୍ର ଛାତ୍ରୀ ଗୋଟିଏ ଗୋଟିଏ ଚାରା ରୋପଣ ତାହାର ଯନି ନେଲେ ସାମାଜିକ ଉତ୍ତର ଦାୟିତ୍ୱ ବଢିବା ସହିତ ଏକ ସୁନାଗରିକ ଭାବେ ଆଗାମୀ ଦିନରେ ନିଜକୁ ପ୍ରସ୍ତୁତ କରି ପାରିବେ ବୋଲି ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ସ୍ପନ୍ଦନର ବିଭୁ ଶତପଥୀ ବର୍ଷା ଜଳ ସଂରକ୍ଷଣ କରିବା ସହ ବଣଭୋଜି ସ୍ଥାନରେ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା ଉପରେ ଗୁରୁତ୍ୱାରାପ କରିଥିଲେ । ଏହି ଅବସରରେ କରଞ୍ଜ, ବେଲ, ଅଶୋକ, ନିମ, ଜାମୁକୋଳି, ବଉଳ ଇତ୍ୟାଦି ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# କଟରପଡାରେ ବନ ମହୋତ୍ସବ: ମା'କୁ ସ୍ମରଣ କରି ଗଛ ଲଗାଅ



କଣିହାଁ, (ସବ୍ୟୁ): କଣିହାଁ ବ୍ଲକ କୁଲେଇ ପଞ୍ଚାୟତ ଅନ୍ତର୍ଗତ କଟରପଡ଼ା ଗ୍ରାମରେ ତାଳଚେର ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ ।

ଭାଷଣ ପ୍ରସଙ୍ଗରେ ଶ୍ରୀ ମହାନ୍ତି ବନ ମହୋତ୍ସବ କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନରହି ଏହା ଗ୍ରାମର ଏକ ସାମୂହିକ ଉତ୍ସବରେ ପରିଣତ ହେବା ଉଚିତ ବୋଲି କହିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ମା' ଙ୍କୁ ସ୍ମରଣ କରି ଅଧିକରୁ ଅଧିକ ବୃକ୍ଷରୋପଣ କରି ସୁରକ୍ଷିତ ପରିବେଶ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ରେଞ୍ଜର ଚାରୁଲତା ନାୟକ ଓ ଫରେଷ୍ଟର ଦୀନବନ୍ଧୁ ନାୟକ ,ଜିଲ୍ଲା ବିଜେପି ସମ୍ପାଦକ ପ୍ରହ୍ଲାଦ ସାମଲ, କୁଲେଇ ପଞ୍ଚାୟତ ବିଜେପି ସଭାପତି ଦୟାନିଧି ସାହୁଙ୍କ ସମେତ ବନ ବିଭାଗର ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବର୍ଷାରେ ଭାଙ୍ଗିଲା ଘର ସହାୟତା ପାଇଁ ନିବେଦନ

ଓଡାପଡ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ବାଙ୍ଗୁରା ଗ୍ରାମରେ ଜଣେ ଅସହାୟ ବିଧବା ମହିଳାଙ୍କର ଘରଲଗାଣ ବର୍ଷାରେ ଭାଙ୍ଗି ଯାଇଛି । ଗରୀବ ବିଧବା ମହିଳା ସରକାରୀ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି । ଲଗାଣ ବର୍ଷା ଯୋଗୁଁ ବାଉଁଶପାଳ ପଂଚାୟତ ବାଙ୍ଗୁରା ଗ୍ରାମର ପୁନି ସାମଲ ଜଣେ ଅସହାୟ ବିଧବା ମହିଳାଙ୍କ ଚାଳ ଘର ଭୁଶୁଡ଼ି ପଡ଼ିଛି । ଘଟଣାରେ କେହି ଆହତ ହୋଇନଥିଲେ ମଧ୍ୟ ଘର ଭାଙ୍ଗିଯିବାରୁ ସେ ସମ୍ପୂର୍ଣ୍ଣ ବେଘର ହୋଇପଡ଼ିଛନ୍ତି । ଘରେ ଥିବା ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ମଧ କ୍ଷତିଗ୍ରସ୍ତ ହୋଇଛି । ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଆବଶ୍ୟକ ସହାୟତା ଏବଂ ସ୍ଥାୟୀ ବାସଗୃହ ଯୋଗାଇ ଦେବାକୁ ପୀଡ଼ିତା ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଖମାରରେ ୭୭ତମ ବନ ମହୋତ୍ସବ ପାଳିତ

## ପ୍ରତ୍ୟେକ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ

ଖମାର ,(ସବ୍ୟୁ) : ଦବଗଡ଼ ବନଖଣ୍ଡ ଅନ୍ତର୍ଗତ ଖମାର ବନାଞ୍ଚଳ ପକ୍ଷରୁ କୁଞ୍ଜାମ ପଞ୍ଚାୟତର ଧଉରାଗୋଠ ଠାରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ଜନସାଧାରଣଙ୍କୁ ଅଧିକରୁ ଅଧିକ ଗଛ ଲଗାଇ ପରିବେଶ ସୁରକ୍ଷାରେ ସାମିଲ ହେବାକୁଆହ୍ୱାନ ଜଣାଇଥିଲେ ।

ନିଜ ଅଭିଭାଷଣରେ ଶ୍ରୀ ମହାନ୍ତି କହିଥିଲେ ଯେ, ବୃକ୍ଷରୋପଣ କେବଳ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନରହି ଏକ ଜନଆନ୍ଦୋଳନର ରୂପ ନେବା ଆବଶ୍ୟକ । ସମସ୍ତଙ୍କ ସକ୍ରିୟ ସହଭାଗିତା ଦ୍ୱାରା ପରିବେଶକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ ।ସେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ "ଏକ ପେଡ଼ ମା' କେ ନାମ' ଅଭିଯାନର ବାର୍ତ୍ତାକୁ ପ୍ରତ୍ୟେକ ଘରେ ପହଞ୍ଚାଇବାକୁ ଆହ୍ୱାନ ଜଣାଇଥିଲେ । ମା'ଙ୍କ ସ୍ମୃତିରେ ଏକ ଗଛ ଲଗାଇ ତାହାର ଯନି ନେବା ମାଧ୍ୟମରେ ପ୍ରକୃତି ପ୍ରତି ଆମର ଦାୟିତ୍ୱବୋଧ ଆହୁରି ସୁଦୃଢ଼ ହେବ ବୋଲି ସେ କହିଥିଲେ ।

ଏହି ଅବସରରେ ଖମାରରେ ବନ ବିଭାଗ ପକ୍ଷରୁ "ସବୁଜ ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇଥିଲା । ଅନୁରୂପ ଭାବେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ, ଖମାରରେ ମଧ ବନ ମହୋତ୍ସବ ପାଳନ କରାଯାଇଥିଲା। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆୟୋଜନରେ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ । ଏହି ଅବସରରେ ବିଧାୟକ ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟେକେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯନି ନେବାକୁ ପ୍ରେରିତ କରିଥିଲେ । କାର୍ଯ୍ୟକ୍ରମରେ ଦେବଗଡ଼ ବନଖଣ୍ଡ ଅଧିକାରିଣୀ କୁମାରୀ ରଶ୍ମି ଜି, ସହକାରୀ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ, ଖମାର ମହାବିଦ୍ୟାଳୟରି ପ୍ରଭାସ ମିଶ୍ର, କୁଞ୍ଜାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଚନ୍ଦ୍ର ବେହେରା, ବରିଷ୍ଠ ନେତା ଗୌର ଚନ୍ଦ୍ର ପ୍ରଧାନ, ସରୋଜ ସାହୁ, ଖମାର ମଣ୍ଡଳ ବିଜେପି ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ବନ ବିଭାଗର ଅଧିକାରୀ, ଜନପ୍ରତିନିଧି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ପଞ୍ଚାୟତ ରାଜ ବିଦ୍ୟାଳୟରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସନ୍ନିକଟ କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମାଆଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ ।ଏନସିସି ଫାଷ୍ଟ ଅଫିସର ଧ୍ରୁବଚରଣ ସୁନ୍ଦରାୟ ,ଜେ ଆର ସି କାଉନସିଲର ସୁରେଶ ମୁମାର ବିଶ୍ୱାଳ , ସ୍କାଉଟ ମାଷ୍ଟର ବାନାର୍ଜୀ ମହାନ୍ତି, ଗାଇଡ କ୍ୟାପଟେନ ସୁମିତ୍ରା ଜେନା , ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଚନ୍ଦ୍ରମଣି ଲେଙ୍କା , ଶିକ୍ଷକ ରୁଦ୍ର ନାରାୟଣ ପରିଡ଼ା, ଶିକ୍ଷୟିତ୍ରୀ କବିତା ରାଉତଙ୍କ ସମେତ ,ବିଦ୍ୟାଳୟର ଇକୋ କ୍ଲବ,ଏନ ସି ସି ,ଭାରତ ସ୍କାଉଟ ଓ ଗାଇଡ଼ , ଜେଆରସି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବିଦ୍ୟାଳୟର ଖେଳ ପଡିଆ ତଥା ପରିସରରେ ବଉଳ,ଲିମ୍ବ ,ଆମ୍ବ ,ଜାମୁ ,ପଣସ ଆଦି ବୃକ୍ଷରୋପଣ କରା ଯାଇଥଲା । ମାଆ ଯେମିତି ଜନ୍ମ ଠାରୁ ଆମ୍ଭର ଯନି ନିଏ ସେହିପରି ବୃକ୍ଷକୁ ରୋପଣ ଠାରୁ ବଡହେବା ପର୍ଯ୍ୟନ୍ତ ଆମେ ତା'ର ଯନି ନେଲେ ପରିବେଶ ସନ୍ତୁଳନ ରକ୍ଷା କାରା ଯାଇ ପାରିବ ବୋଲି ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଶିକ୍ଷାକର୍ମଚାରି ଗିରିଶ ଚନ୍ଦ୍ର ମହାନ୍ତି , ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥଲେ ।

# ବନମହୋତ୍ସବ ପାଳିତ



ଆଠମଲ୍ଲିକ, (ସବ୍ୟୁ) : ଫାଉଣ୍ଡେସନ ଫର ଇକଲୋଜିକାଲ ସିକ୍ୟୁରିଟି (ଏଫ ଇ ଏସ ) ଓ ବନ ବିଭାଗର ମିଳିତ ସହଯୋଗରେ ଆଠମଲ୍ଲିକ ବ୍ଲକର ଭଗୀରଥିପୁର ଗ୍ରାମ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଠାରେ ବନ ମହୋତ୍ସବ ପାଳନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଏଫଇଏସ କର୍ମୀ ଜୟଶ୍ରୀ ମହାପାତ୍ର ଏବଂ କିଆକଟା ବନାଞ୍ଚଳର ଫରେଷ୍ଟର ସନ୍ତୋଷ ନାୟକ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଗ୍ରାମବାସୀ ଏବଂ ସମୁଦାୟର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ବୃକ୍ଷରୋପଣ ଏବଂ ସିଡ ଡିବ୍ଲିଂ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ବନ ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ସୁସ୍ଥ ପରିବେଶ ଗଠନରେ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ସମସ୍ତଙ୍କ ସହଭାଗିତାରେ ସବୁଜ ଓ ସୁସ୍ଥ ପରିବେଶ ଗଠନ ପାଇଁ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା ।

## ସହିଦ ସ୍ୱାଧୀନତା ସଂଗ୍ରାମୀ ବିକା ନାଏକଙ୍କ ଜୀବନୀ ଆଧାରିତ 'ବିକା ନାଏକ ସନ୍ଧାନେ'ର ଓଡ଼ିଆ ସଂସ୍କରଣ ପୁସ୍ତକ ଲୋକାର୍ପିତ

ଅନୁଗୁଳ,(ସବ୍ୟୁ) : ରବିବାର ଓଡ଼ିଶାର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସହିଦ ବିକା ନାଏକଙ୍କ ଜୀବନୀ ଆଧାରିତ ପୁସ୍ତକର ଓଡିଆ ସଂସ୍କରଣ ପୁସ୍ତକକୁ ଲୋକାର୍ପିତ କରାଯାଇଛି । ଅନୁଗୁଳ ସହର ଉପକଣ୍ଠର ବାଜିରାଉତ ଛାତ୍ରାବାସରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ବିକା ନାଏକ କି ଖୋଜର ମୂଳ ଲେଖକ ଡାକ୍ତର ଦୀନେଶ କୁମାର ମାଳି, ଏହାର ହିନ୍ଦୀ ପୁସ୍ତକକୁ ଓଡ଼ିଆ ଭାଷାରେ ବିକା ନାଏକ ସନ୍ଧାନେ ଭାବେ ଅନୁବାଦ କରିଥିବା ଅନୁବାଦକ ଦିଲେଶର ବେହେରା ଓ ଶିକ୍ଷାବିତ ଧନେଶର ସାହୁଙ୍କ ମିଳିତ ଆୟୋଜନରେ ଏହି ଲୋକାର୍ପଣ ସମାରୋହ ଆୟୋଜିତ ହେଇଥିଲା । ସମାରୋହର ପ୍ରଥମାର୍ଦ୍ଧରେ ବିଶ୍ୱ ରଞ୍ଜନ ପ୍ରଧାନ ସ୍ୱାଗତଭାଷଣ ଦେଇଥିବା ବେଳେ, ରମା ମଞ୍ଜରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି କ୍ରିଷ୍ଣା ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଡାକ୍ତର ପ୍ରସନ୍ନ କୁମାର ବରାଳ ଓ ଅନ୍ତର୍ଯ୍ୟାମୀ ବରାଳଙ୍କ ସମେତ ସମସ୍ତ ଅତିଥି ସହିଦ ବିକା ନାଏକ ସନ୍ଧାନେ ପୁସ୍ତକର ଓଡ଼ିଆ ସଂସ୍କରଣ ପୁସ୍ତକକୁ ଉପସ୍ଥିତ ନିମନ୍ତ୍ରିତ ଅତିଥି, ବାଜି ରାଉତ ଛାତ୍ରାବାସର ପରିଚାଳନା କମିଟି ଓ ଅନ୍ତେବାସୀଙ୍କ ସମୁଖରେ ଉନ୍ମୋଚିତ କରି ସର୍ବ ସାଧାରଣଙ୍କ ଉଦେଶ୍ୟରେ ଲୋକାର୍ପଣ କରିଥିଲେ ।

ଶେଷରେ ପ୍ରଦ୍ୟୁମ୍ନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଲୋକର୍ପଣ ସମାରୋହରେ ଶିକ୍ଷାବିତ୍ତ ବିଜୟ କୁମାର ପ୍ରଧାନ, ଖଣି କର୍ମଚାରୀ ବିପିନ କୁମାର ତିଓ୍ୱାରୀ, ଅଜୟ କୁମାର ସାହୁ ପ୍ରମୁଖ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସଫଳ କରିଥିଲେ ।

## ଡିଆଇଇଟିରେ ସିଆରସିସିଙ୍କ କର୍ମଶାଳା

# ଘୋଷା ପାଠକୁ ନିରୁତ୍ସାହିତ କରନ୍ତୁ: ଜିଲ୍ଲାପାଳ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଡିଆଇଇଟିରେ ସିଆରସିସି ମାନଙ୍କର ଦିନଦିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାପାଳ ଘୋଷା ଶିକ୍ଷଣକୁ ନିରୁତ୍ସାହିତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଘୋଷା ଶିକ୍ଷଣ ଚିରସ୍ଥାୟୀ ନୁହେଁ। ଏହା ପିଲାଙ୍କୁ ଅଯଥା ଚାପଯୁକ୍ତ କରେ ।ଏଥିରୁ ପିଲାଙ୍କୁ ମୁକ୍ତ କରାଯିବା ସହ ପ୍ରକଳ୍ପ ଭିତିକ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣକୁ ଦୃଢ କରାଯିବା ଆବଶ୍ୟକ। କୃତ୍ରିମ ହାଟ, ମାପ ଓ ଓଜନ, ସମୟ ଗଣନା, ଭାଷା ଶିକ୍ଷା ପରି ପଠାଗୁଡିକୁ ବାସ୍ତବ ଜ୍ଞାନ ପ୍ରଦାନ ପୂର୍ବକ ଶିଖାଯିବା ଦରକାର ବୋଲି ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଅନୁଷ୍ଠିତ ସି ଆର ସି ସି ଙ୍କ ଦିନିକିଆ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମତବ୍ୟକ୍ତ କରିଛନ୍ତି ।

ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲପାଳ ନିପୁଣ ବିଦ୍ୟାଳୟ, ବହୁଭାଷୀ ଶିକ୍ଷା ଓ ଶିକ୍ଷକ ସହାୟକ ଭିଡ଼ିଓ, ବସ୍ତାନି ବିହୀନ ଶିକ୍ଷା ଦିବସ ଓ ଜିଲ୍ଲାର ସ୍ୱତନ୍ତ୍ର ଏବଂ ଅଭିନବ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ପୂର୍ବକ ସିଆରସିସିଙ୍କୁ ମାର୍ଗଦର୍ଶନ କରିଥିଲେ । ଜିଲ୍ଲାର ୧୫୩ଟି ନିପୁଣ ବିଦ୍ୟାଳୟରେ ଶୈକ୍ଷିକ କାଯ୍ୟକ୍ରମକୁ ଅଧିକ ସମୃଦ୍ଧ ଓ ସଂଗଠିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଯୋଗଦେଇ ପ୍ରତି ଶନିବାର ବିଦ୍ୟାଳୟ ଗୁଡିକରେ ସମାନ ଧରଣର ଶୈକ୍ଷିକ କାର୍ଯ୍ୟକ୍ରମ ପରିଚାଳନା କରାଯିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଜିର ଏହି କର୍ମଶାଳାରେ ଜିଲ୍ଲାର ୧୨୭ ସିଆରସିସି, ୫ ଜଣ ଏବିଇଓ ଯୋଗ ଦେବା ସହ ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନର କର୍ମକର୍ତା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ ।

# ଦାନର ଅର୍ଥ ବାଧ୍ୟତାମୂଳକ ସ୍ପୃହଣୀୟ ନୁହେଁ

ତାଳଚେର,(ସବ୍ୟୁ) : ଅନୁଗୋଳ ଜିଲ୍ଲାପାଳ ଅବଦୁଲ୍ ଏମ ଅଖତାର ଚିଠି ନଂ-୩୭୩ ଫାଇଲ ନଂ- ଏକ୍ସଆଇ-୨୬/୨୬ ତା ୧୯/୦୫/୨୦୨୬ରେ ଅନୁଗୋଳ ଜିଲ୍ଲାର ରେଡ଼କ୍ରସ ସଂସ୍ଥାକୁ ନିର୍ଦ୍ଦେଶନାମା ଦେଇଛନ୍ତି ଯେ, ସମସ୍ତେ ରେଡ଼କ୍ରସ ଅର୍ଥକୁ ବୃଦ୍ଧି କରାନ୍ତୁ । ରାଜ୍ୟର ଅନୁଗୋଳ ଜିଲ୍ଲା ଚଳଚଂଳ କେନ୍ଦ୍ରସ୍ଥଳୀ ଭାବେ ପରିଚିତ । ରାଜ୍ୟର ଏହି ଜିଲ୍ଲା ଦେଇ ଜାତୀୟ ରାଜପଥ ୫୫, ୧୪୯, ୪୯ ଇତ୍ୟାଦି ଏବଂ ରାଜ୍ୟ ରାଜପଥ ୬୩, ୬୪, ୬୫ ଇତ୍ୟାଦି ରହିଛି । ଏହି ରାସ୍ତାଦେଇ ଦୈନିକ ବହୁ ଭାରିଯାନ ଚଳାଚଳ କରୁଛି । ଏହି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଗୁଡ଼ିକରେ ଦୁର୍ଘଟଣାରେ ଶୀକାର ହୋଇ ମୃତ୍ୟୁବରଣ କରୁଥିବା ବେଳେ ମୃତାହତଙ୍କ ପାଇଁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ନେଇ ସ୍ଥାନୀୟବାସୀନ୍ଦା ମାନେ ଭିନ୍ନଭିନ୍ନ ସମୟରେ ଦାବି ଉପସ୍ଥାପନ କରିଥାନ୍ତି । ଅପରପକ୍ଷେ ଜିଲ୍ଲାଟି ଖଣିଖଦାନ, ଶିଳ୍ପାନୁଷ୍ଠାନ ଯୋଗୁଁ ବାୟୁ ଓ ଜଳ ପ୍ରଦୁଷଣ ବୃଦ୍ଧି ପାଇବାରେ ଲାଗିଛି । ଦରିଦ୍ରସୀମାରେଖା ତଳେ ରହିଥିବା ଲୋକମାନେ ଏହି ସମସ୍ୟାରେ ପ୍ରଭାବିତ ହୋଇ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ଫଳରେ ସେହିମାନେ ରେଡ଼କ୍ରସ ଉପରେ ନିର୍ଭରଶୀଳ ହେବାଯୋଗୁଁ ଅଧିକ ଅର୍ଥର ଆବଶ୍ୟକ ରହିଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଅପରପକ୍ଷେ ଅନୁଗୋଳ ଜିଲ୍ଲା ଖଣିଜପାଣ୍ଠିରେ ପ୍ରଚୁର ଅର୍ଥ ମହଜୁଦ ହୋଇ ରହିଥିବା ବେଳେ ସେହି ଅର୍ଥକୁ କାହିଁକି ଯେ, ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ରୋଗୀମାନଙ୍କ ଚିକିତ୍ସାରେ ଖର୍ଚ୍ଚ ନକରାଯାଇ ଦାନଅର୍ଥକୁ କାହିଁକି ଗୁରୁତ୍ୱ ଦିଆଯାଉଛି । ତେବେ ଏଠାରେ ପ୍ରଶ୍ନଉଠେ ଯେ, ଯେଉଁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ସାର୍ଟିଫିକେଟ୍ ପ୍ରଦାନ କରାଯାଏ, ସେହି ସ୍ଥାନରେ ରେଡ଼କ୍ରସ ବାଧ୍ୟତାମୂଳକ ଦେବାକୁ ପଡିଥାଏ । ତେଣୁ ଦାନାର୍ଥିଙ୍କ ନିକଟରୁ ବାଧ୍ୟତାମୂଳକ ଭାବେ ରେଡ଼କ୍ରସ ପାଇଁ ଅର୍ଥ ଆଦାୟ କରାଯିବା ସ୍ପୃହଣୀୟ ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଇଛି ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ରକ୍ତ ହୀନତା ଚିହ୍ନଟ ଶିବିର



ବାଲେଶ୍ୱର, (ସବ୍ୟୁ) :ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସାପ୍ତାହିକ କାର୍ଯ୍ୟକ୍ରମ ମଧ୍ୟରେ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ଏବଂ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରର ଦୁଇଟି ସ୍ଥାନରେ ଏକ ରକ୍ତହୀନତା ଚିହ୍ନଟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୯୯୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ଅଣଶିକ୍ଷକ କର୍ମଚାରୀ ଏବଂ ପରିସର ସ୍ଥିତ ଆବାସିକ ପରିବାରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦର୍ଶୀ ନେତୃତ୍ୱରେ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ରକ୍ତହୀନତାମୁକ୍ତ ପରିସରରେ ପରିଣତ କରିବା ଲକ୍ଷ୍ୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ସୃଷ୍ଟି, ଔଷଧ ବିତରଣ ଓ ସମୟୋପଯୋଗୀ ଚିକିତ୍ସା ସହାୟତା ପ୍ରଦାନର ଏକ ଅଂଶ ସ୍ୱରୂପ ଏହି ଶିବିରର ଆୟୋଜନ କରାଯାଇଥିଲା। ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡ଼କ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୋମା ନନ୍ଦ, ଡ଼କ୍ଟର ଦେବଦତ୍ତ ଦାସ ଓ ଅଧ୍ୟାପିକା ଶିବାନୀ ହାଁସଦାଙ୍କ ସମନ୍ୱୟରେ ଚିକିତ୍ସକ ଦଳ ଅଂଶଗ୍ରହଣକାରୀମାନଙ୍କ ହିମୋଗ୍ଲୋବିନ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ।ମାନବ ସମ୍ବଳ ବିକାଶ କେନ୍ଦ୍ର ଏବଂ କ୍ରୀଡ଼ା ପରିସରରେ ଆୟୋଜିତ ଶିବିରକୁ ସମ୍ବୋଧିତ କରି କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ ଯେ, ସୁସ୍ୱାସ୍ଥ୍ୟ ହେଉଛି ଶିକ୍ଷାଗତ ସଫଳତା ଓ ବ୍ୟକ୍ତିତ୍ୱ ବିକାଶର ମୂଳ ଆଧାର। ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ନିୟମିତ ଭାବେ ଜାରି ରହିବା ସମସ୍ତଙ୍କ ସହଯୋଗ ଓ ନିୟମିତ ନିରୀକ୍ଷଣ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ରକ୍ତହୀନତାମୁକ୍ତ ପରିସରରେ ପରିଣତ କରିବାର ସଂକଳ୍ପକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାକ୍ତନ ଛାତ୍ର ସଂସଦ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସକ ଦଳଙ୍କୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ପ୍ରଶଂସା କରିଛନ୍ତି।

## ଗାଡି ଧକ୍କାରେ ସୁବାସଙ୍କୁ ହତ୍ୟା ମାମଲା

# ଶବ ରଖି ରାସ୍ତା ଅବରୋଧ

ବାସୁଦେବପୁର,(ସବ୍ୟୁ) :ରାସ୍ତାର କଣ୍ଟା ପକାଇ ରାସ୍ତା ଅବରୋଧ କଲେ ଗ୍ରାମବାସୀ। ନ୍ୟାୟ ପାଇଁ ମହିଳାମାନେ ରାସ୍ତାର ବସିଲେ। ଘଣ୍ଟା ଘଣ୍ଟା ଧରି କୋଷ୍ଟକେନାଲରୁ ବାଲିମେଦ ରାସ୍ତାରେ ଗାଡି ଚଳାଚଳ ବନ୍ଦ ହୋଇପଡିଲା। ପ୍ରଗତୀ ଦୁଗ୍ଧ ସୋସାଇଟି ଭିତରେ ଶବ ରଖି କ୍ଷତିପୂରଣ ଦାବୀ କଲେ ଗ୍ରାମବାସୀମାନେ। ଖବରପାଇ ଘଟଣା ସ୍ଥଳୀର ପହଂଚିଲେ ନାୟକାଣୀଡିହି ଥାନାର ଇନ୍ସପେକ୍ଟର ଉମାଶଙ୍କର ନାୟକ। ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ପଞ୍ଚାୟତର ପାଳସାହି ଦୁର୍ଯୋଯାଧନ ଖିଲାର ପୁଅ ସୁବାସ ଚନ୍ଦ୍ର ଖିଲାର କୋଷ୍ଟକେନାଲ ରାସ୍ତାର ଗାଡି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୁବାସ ମୃତ୍ୟୁବରଣ କରିଥିଲା। ପ୍ରାଥମିକସ୍ତରରେ ଅଜଣା ଗାଡି କୁହାଯାଉଥିବା ବେଳେ ପରେ ଗାଡିକୁ ଗ୍ରାମବାସୀମାନେ ଠାବ କରିଥିଲେ। ଦୁର୍ଘଟଣା ଘଟାଇବା ପରେ ଯଦି ଗାଡି ଚାଳକ ସୁବାସଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାର ଭର୍ତ୍ତି କରିଥିଲେ ହୁଏତ ସୁବାସର ଜୀବନ ବଂଚିଯାଇ ପାରିଥାନ୍ତା। ଦୁର୍ଘଟଣା ଘଟାଇ ଥିବା ପ୍ରଗତୀ ଦୁଗ୍ଧ ସୋସାଇଟିର ଗାଡି ଓ ଡ୍ରାଇଭରଙ୍କୁ ଚିହ୍ନଟ କରାଯାଇଛି। ଏକମାତ୍ର ରୋଜଗାରିଆ ଭେଣ୍ଡିଆ ପୁଅ ହରାଇ ପରିବାର ଲୋକ ଭାଙ୍ଗି ପଡିଛନ୍ତି। ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ,ନ୍ୟାୟ ପାଇଁ ରାସ୍ତା ଅବରୋଧ କଲେ ଗ୍ରାମବାସୀମାନେ। ଶବକୁ ପ୍ରଗତୀ ଦୁଗ୍ଧ ସୋସାଇଟି ଆଗରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

# ହାପି ମହାକୁଡ଼ ମୃତ୍ୟୁର ନ୍ୟାୟ ଦାବି କରି ରାସ୍ତାରୋକ

ଆରଡି,(ସବ୍ୟୁ) :ଭଦ୍ରକ ଜିଲା ଧୁଷୁରୀଥାନା ଅଧିନ ଷାଠିବାଙ୍କୁଡା ଗାଁରେ ବହୁ ଚର୍ଚ୍ଚିତ ହାପି ମହାକୁଡ଼ ହତ୍ୟାକାଣ୍ଡର ଅଭିଯୋଗ ହେବାର ୨୧ଦିନ ବିତିଯାଇଥିଲେ ମଧ୍ୟ ପୁଲିସର ତଦନ୍ତ ପ୍ରକ୍ରିୟା ଶୀଥିଳତା ଓ ଦୋଷୀଙ୍କୁ ନଧରିବା ନେଇ ମଙ୍ଗଳବାର ଗାଁର ଶତାଧିକ ମହିଳା ପୁରୁଷ ହାପିର ପରିବାରକୁ ନ୍ୟାୟ ମିଳିବା ଦାବି ନେଇ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତାର ଓଳଗମଠ ଠାରେ ଦୀର୍ଘ ୫ଘଣ୍ଟା ଧରି ବସି ରହିବା ସହ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଥିଲେ। ଫଳରେ ଆରଡି ପୀଠକୁ ଆସୁଥିବା ସମସ୍ତ ଗାଡି ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଦୀର୍ଘ ଘଣ୍ଟା ପରେ ଭଦ୍ରକ ଅତିରିକ୍ତ ଏସପି ଅନୁପ ଅଭିଷେକ ବେହେରା ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ମେଡିକାଲ ରିପୋର୍ଟ ଆସିବା ପରେ ହାପି ମୃତ୍ୟୁର ତଥ୍ୟ ଉନ୍ମୋଚନ ହୋଇପାରିବ। ହେଲେ ହାପିକୁ ଷଡ଼ଯନ୍ତ୍ର ଭାବେ ଘରୁ ଡାକି ନେଇ ଛୁଂଚା ପଲାଇ,ମୁନା ପଲାଇ ଓ ସ୍ୱୟମ ପଲାଇ ମାରି ଦେଇଥିବା ଅଭିଯୋଗକାରୀ କହିଥିଲେ। ଦୋଷୀଙ୍କୁ ଗିରଫ ନକରିବା ଯାଏଁ ଆଗକୁ ଆନ୍ଦୋଳନ ତିବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ ଗ୍ରାମବାସୀ।

# ରିଜିଓନାଲ ଏଆଇଏମ ସମ୍ବାଦ-ଇଷ୍ଟ ଚାପ୍ଟର ଆୟୋଜିତ

ଯୋଡ଼ା ,(ସବ୍ୟୁ): ଗତ ୩ ତାରିଖରେ ଅଟଳ ଇନୋଭେଶନ ମିଶନ (ଏଆଇଏମ), ନିତି ଆୟୋଗ, ଭାରତ ସରକାରଙ୍କ ପକ୍ଷରୁ ଏକ ପ୍ରମୁଖ ଅଭିଯାନ ରିଜିଓନାଲ ଏଆଇଏମ ସମ୍ବାଦ-ଇଷ୍ଟ ଚାପ୍ଟର ଆୟୋଜିତ ହୋଇଯାଇଛି ଏହାର ଉଦ୍ଘାଟନୀ ଅଧିବେଶନରେ ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଆଇଏଏସ ଶ୍ରୀମତି ଚିତ୍ରା ଅରୁମୁଗମ ଯୋଗଦେଇ ମୁଖ୍ୟ ଅଭିଭାଷଣରେ ଭାରତର ଉଦ୍ଭାବନ କ୍ଷେତ୍ରରେ ପୂର୍ବାଂଚଳର ବର୍ଦ୍ଧିତ ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଉଦ୍ଘାଟନୀ ସମାରୋହରେ ଅଟଳ ଇନୋଭେଶନ ମିଶନର ପ୍ରୋଗ୍ରାମ ଡାଇରେକ୍ଟର ପ୍ରମିତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏଆଇଏମର ମିଶନ ଡାଇରେକ୍ଟର ଡଃ ଦୀପକ ବାଗ୍ଲା ଏକ ଭର୍ଚୁଆଲ ବାର୍ତ୍ତା ମାଧ୍ୟମରେ ମଜବୁତ ଆଂଚଳିକ ଉଦ୍ଭାବନ କ୍ଷେତ୍ରକୁ ବିକଶିତ କରିବା ଏବଂ ବ୍ୟାପକ ସ୍ତରରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଦିଗରେ ଏଆଇଏମର ଦୃଷ୍ଟିକୋଣ ବାଂଟିଥିଲେ । ସମ୍ମିଳନୀର ଏକ ପ୍ରମୁଖ ହାଇଲାଇଟ ଥିଲା ଏଆଇଏମ ଓଡିଶା ଚାପ୍ଟରର ଶୁଭାରମ୍ଭ, ଯାହା ଇକୋସିଷ୍ଟମ ସଂଯୋଗକୁ ଶକ୍ତିଶାଳୀ କରିବା ଏବଂ ରାଜ୍ୟରେ ଉନ୍ନତ ସହଭାଗିତାକୁ ସକ୍ଷମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି । ଏହି ଇଭେଂଟରେ ପୂର୍ବ ଭାରତର ଷ୍ଟାର୍ଟଅପ, ଇନ୍କ୍ୟୁବେଟର, ଏକାଡେମିକ ଇନ୍ଷ୍ଟିଚ୍ୟୁଶନ, ଶିଳ୍ପ ପ୍ରତିନିଧି, ନୀତିନିର୍ମାତା ଓ ଇକୋସିଷ୍ଟମ ସକ୍ଷମକାରୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ପାର୍ଟନର ଇନ୍କ୍ୟୁବେଟରଙ୍କ ମଧ୍ୟରେ ଓଡିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ଅଟଳ ଇନ୍କ୍ୟୁବେଶନ ସେଂଟର (ଏଆଇସି) ଓ ଅଟଳ କମ୍ୟୁନିଟି ଇନୋଭେଶନ ସେଂଟର (ଏସିଆଇସି)ଗୁଡିକ ସାମିଲ ଥିଲେ । ଏହି ଦିନକିଆ ସମ୍ମିଳନୀରେ 'ପୂର୍ବୋଦୟ-ବିଲ୍ଡିଂ ଆନ ଇକୋସିଷ୍ଟମ ଫର ସଙ୍କ୍ରାଇଜ ସେକ୍ଟର୍ସ' ଅଧିନରେ ନୀତି ବିବରଣୀ, ଶିଳ୍ପ ଆଲୋଚନା, ଇକୋସିଷ୍ଟମ ସମୂହ ଓ ପ୍ରାସଙ୍ଗିକ ଉପସ୍ଥାପନା ଅନ୍ତର୍ଭୁକ୍ତ ଥିଲା । ଏଭଳି ପଦକ୍ଷେପଗୁଡିକ ଉତ୍ସାହପୂର୍ଣ୍ଣ ଉଦ୍ଭାବନ ଇକୋସିଷ୍ଟମ ବିକଶିତ କରିବା ଏବଂ ଦେଶର ଷ୍ଟାର୍ଟଅପ, ଉଦ୍ଭାବକ ଓ ଉଦ୍ୟୋଗୀଙ୍କ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା ଦିଗରେ ଏଆଇଏମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।

# ଶଳାକୁ ଭୁଜାଲିରେ ହାଣିଲା ଭିଣୋଇ

ସୋର, (ସବ୍ୟୁ): ସୋର ଥାନା ଅନ୍ତର୍ଗତ ନାଇକବନ୍ଧ ଗ୍ରାମରେ ଶଳାକୁ ତାଙ୍କ ଭିଣୋଇ ହାଣିଦେବା ଫଳରେ ଭୀଣୋଇ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ପରେ ଆସି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସୁଦାମ ଚରଣ ଦାସଙ୍କ ଗତ ଜୁଲାଇ ୩ ତାରିଖ ସନ୍ଧ୍ୟା ସମୟରେ ଦୋକାନ ପାଖରେ ଥିବା ବେଳେ ତାଙ୍କ ଭିଣୋଇ ଭୀମେଇ ଗ୍ରାମର ଭରତ ଦାସ ଅନ୍ୟ ଅଚିହ୍ନା ସହଯୋଗୀମାନେ ଆସି ତୁମ ଭଉଣୀ କାହିଁ ବୋଲି ପଚାରିଲା ପରେ କୌଣସି କାରଣ ପାଇଁ ଉଭୟ ସୁଦାମ ଓ ତାଙ୍କ ସ୍ତ୍ରୀଙ୍କୁ ଅତର୍କିତ ଭାବେ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଆକ୍ରମଣରେ ସୁଦାମଙ୍କ ମୁଣ୍ଡ, ପେଟ, ହାତ କଟି ଗଭୀର ଆଘାତ ହୋଇଥିବା ବେଳେ ପ୍ରଥମେ ସୋର ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବା ପରେ ମଙ୍ଗଳବାର ମଧ୍ୟାହ୍ନରେ ସୋର ଥାନାରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି।

# କଲେଜ ପରିଦର୍ଶନ କଲେ ଉପଜିଲ୍ଲାପାଳ



କରଞ୍ଜିଆ ,(ସବ୍ୟୁ): ପୂର୍ବ ନିର୍ଦ୍ଧାରିତ ଗସ୍ତ ସୂଚୀ କ୍ରମେ ମଙ୍ଗଳବାର ପୂର୍ବାହ୍ନ ୧୧ ଟାରେ, ଉପ ଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ ଡ.ଦୟା ସିନ୍ଧୁ ପରିଡା, କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦ ଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ ଠାକୁର ମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଲ ମତି ହେମ୍ବ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆ ବେଡା ପରିଦର୍ଶନ କରଛନ୍ତି । ଏହି ସମୟରେ ସେ ଶିକ୍ଷାନୁଷ୍ଠାନ ର ଶୈକ୍ଷିକ ବାତାବରଣ, ଆବଶ୍ୟକତା ମୁତାବକ ଶ୍ରେଣୀ ଗୃହ, ଷ୍ଟାଫ କମନ ରୁମ, ଲେଡିଜ ଓ ଜେଣ୍ଟସ ମାନଙ୍କ ନିମନ୍ତେ ଅଲଗା ଅଲଗା ଶୌଚାଳୟ, ଶାରୀରିକ ଦକ୍ଷତା ବିକାଶ ପାଇଁ ଖେଳ ପଡିଆ,ର ଉପଲବ୍ଧତା ବାବଦରେ ,ଅଧ୍ୟକ୍ଷା ଜ୍ୟୋତିର୍ମୟୀ ତ୍ରିପାଠୀ, ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା, ଏବଂ ଚୈତନ୍ୟ ମହାନ୍ତ ପ୍ରମୁଖଙ୍କୁ ପଚାରି ବୁଝିବା ସଙ୍ଗେ ସଙ୍ଗେ ,ପ୍ରଶ୍ନ ଉତ୍ତର ମାଧ୍ୟମରେ ଛାତ୍ର ଛାତ୍ରୀଙ୍କ ଦ୍ୱନ୍ଦ ଦୂରୀକରଣ ପୂର୍ବକ, ଉଭୟ ଉପ ଜିଲ୍ଲାପାଳ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ନିହାର ରଞ୍ଜନ ସେଠୀ ଛାତ୍ର ଛାତ୍ରୀମାନଙ୍କୁ ପ୍ରଶ୍ନ ପଚାରି ବୁଝିଥିଲେ। ଉପ ଜିଲ୍ଲାପାଳ ଡ.ପରିଡା ନିଜ ଜୀବନର କିୟଦଂଶ ସଂଘର୍ଷମୟ କହାଣୀ ବଖାଣିବା ସହିତ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି ଦିଗରେ ସମସ୍ତ ଅଧ୍ୟାପକ ଓ ଷ୍ଟାଫ ଯତ୍ନ ବାନ ହେବାକୁ ପରାମର୍ଶ ଦେଇଥିବା ନେଇ ,ଉପ ଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କରଞ୍ଜିଆଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

24001/277/2627

**File No. 6006 / 2025 Date : 09/12/2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ହରିଡାପୁଟ, ଥାନା- ଜୟପୁର ନଂ-୭୪, ଜିଲ୍ଲା-କୋରାପୁଟରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-ଜୟପୁର - ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୧୪୭/୨୦୨୩ ତା. ୧୫.୦୩.୨୦୨୩ ରିଖରେ ପ୍ରକାଶିତ ହୋଇଅଛି । ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୫୮୭୬ ତା. ୧୫.୦୭.୨୦୨୫ ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ହରିଡାପୁଟ, ଥାନା- ଜୟପୁର ନଂ-୭୪, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟର ଜୟପୁର - ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ https://koraput,odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି ।

### ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - କୋରାପୁଟ | ତହସିଲ- ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହରିଡାପୁଟ | ଗ୍ରାମାଞ୍ଚଳ | | ଏଥି ସହ ସଂଲଗ୍ନ କରାଗଲା | | | ୨୪.୯୫୮ | ଏଥି ସହ ସଂଲଗ୍ନ କରାଗଲା |

### ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - କୋରାପୁଟ | ତହସିଲ-ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା/- ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ

ମୌଜା-ହରଡାପୁଟ, ଥାନା-ବୋରିଗୁମ୍ମା, ନଂ-୭୪, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ

ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକ୨ବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୦୭/୪୫୮ | ୪୦୨ | ୧.୦୦୦ | ୦.୦୨୦ | ଡଙ୍ଗର-୨ | ହରିଶ୍ଚନ୍ଦ୍ର ପେଣ୍ଡିଆ, ପି-ମାଧବ ପେଣ୍ଡିଆ, ଜା-ପେଣ୍ଡିଆ, ବା- |
| ୨୦୭/୪୫୭ | ୪୦୨/୧୨୮୩ | ୦.୮୭୦ | ୦.୧୧୫ | ଡଙ୍ଗର-୨ | ଜେମା ପେଣ୍ଡିଆ, ସ୍ୱା-ମାଧବ ପେଣ୍ଡିଆ, ପର୍ଶୁରାମ ପେଣ୍ଡିଆ ଦୁର୍ଯ୍ୟଧନ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୪୫ | ୪୦୪ | ୧.୨୬୦ | ୦.୫୬୭ | ଧାନ-୧ | ସଦା ଚଲାଣ, ପି-କମନୁ ଚଲାଣ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୧୬୮ | ୪୦୩ | ୦.୪୦୦ | ୦.୧୬୦ | ଧାନ-୧ | ଦୀନବନ୍ଧୁ ପେଣ୍ଡିଆ, ପି-ହରିହର ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ |
| ୨୦୭/୧୬୮ | ୪୦୩/୧୨୫୪ | ୧.୧୦୦ | ୦.୫୪୦ | ଧାନ-୧ | ଦୀନବନ୍ଧୁ ପେଣ୍ଡିଆ, ପି-ହରିହର ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ |
| ୨୦୭/୧୭୫ | ୪୦୩/୧୨୬୧ | ୦.୭୧୦ | ୦.୩୦୦ | ଧାନ-୧ | ଉଦ୍ଧବ ଚଲାଣ, ପି-ସୁକୁମନ ଚଲାଣ, ଜା-ଦୀନବନ୍ଧୁ ପେଣ୍ଡିଆ, ପି-ହରିହର ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ, ବା-ଡୁଟିଗୁଡା |
| ୨୦୭/୧୨୨୯ | ୪୦୫/୧୭୧୬ | ୧.୦୧୦ | ୦.୫୪୦ | ଧାନ-୧ | କିରଣ ସନ୍ତୋଷ, ପି-କାମାନୟସ ସନ୍ତୋଷ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-କେନ୍ଦୁଗୁଡା, ହରିଡାପୁଟ |
| ୧୨ | ୪୦୬/୧ | ୧.୪୯୦ | ୦.୪୮୦ | ଧାନ-୧ | ଏଲିଆ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆ, ଜା- ଡମ୍ବ, ବା-ନିଜଗାଁ |
| ୨୦୭/୪୫୭ | ୪୦୭/୧୦୫୬ | ୨.୨୮୦ | ୦.୬୫୭ | ଧାନ-୧ | ଜେମା ପେଣ୍ଡିଆ, ସ୍ୱା-ମାଧବ ପେଣ୍ଡିଆ, ପର୍ଶୁରାମ ପେଣ୍ଡିଆ, ଦୁର୍ଯ୍ୟଧନ ପେଣ୍ଡିଆ, ପି-ମାଧବ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୪ | ୪୦୮ | ୦.୪୭୦ | ୦.୨୩୦ | ଡଙ୍ଗର-୨ | ଘନ ପେଣ୍ଡିଆ, ପି-କମଲୁ ପେଣ୍ଡିଆ, ଜା- ପେଣ୍ଡିଆ, ବା-ନିଜଗାଁ |
| ୨୦୭/୪୫୨ | ୪୦୮/୧୨୭୮ | ୦.୪୮୦ | ୦.୨୬୨ | ଡଙ୍ଗର-୨ | ଚୈତନ ପେଣ୍ଡିଆ, ପି- କମଲୁ ପେଣ୍ଡିଆ, ଜା- ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୪ | ୪୦୯ | ୦.୧୦୦ | ୦.୧୦୦ | ଧାନ-୨ | ଘନ ପେଣ୍ଡିଆ, ପି-କମଲୁ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୩ | ୪୦୯/୧୨୮୦ | ୦.୧୦୦ | ୦.୧୦୦ | ଧାନ-୨ | ଟଙ୍କଧର ପେଣ୍ଡିଆ, ପି-କମଲୁ ପେଣ୍ଡିଆ ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୨ | ୪୦୯/୧୨୭୭ | ୦.୧୦୦ | ୦.୧୦୦ | ଧାନ-୨ | ଚୈତନ୍ୟ ପେଣ୍ଡିଆ, ପି-କମଲୁ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୭ | ୪୧୦ | ୦.୪୦ | ୦.୪୪୮ | ଧାନ-୩ | ଜେମା ପେଣ୍ଡିଆ, ସ୍ୱା-ମାଧବ ପେଣ୍ଡିଆ, ପର୍ଶୁରାମ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୫୯ | ୪୧୧/୧ | ୦.୬୨୦ | ୦.୪୨୦ | ଧାନ-୨ | ଡମ୍ବରୁ ପେଣ୍ଡିଆ, ପି-ଗୋରା ପେଣ୍ଡିଆ, ଜାପେଣ୍ଡିଆ, ବା-ନିଜଗାଁ, ଗୁଡାଧିଣ୍ଡିଗୁଡା |
| ୧୬୩ | ୪୧୧/୨ | ୦.୩୯୦ | ୦.୨୯୦ | ଧାନ-୨ | ସନିଆ ପେଣ୍ଡିଆ, ପି-ବୁଦୁ ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ, ଗୁଡାଧିଣ୍ଡିଗୁଡା |
| ୬୯ | ୪୧/୩ | ୦.୪୦୦ | ୦.୩୯୯ | ଧାନ-୨ | ଦୀନବନ୍ଧୁ ପେଣ୍ଡିଆ, ପି-ଗୋରା ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ, ଗୁଡାଧିଗୁଣ୍ଡିଗୁଡା |
| ୫୯ | ୪୧୨/୧ | ୨.୩୬୦ | ୦.୩୭୦ | ଧାନ-୧ | ଡମ୍ବରୁ ପେଣ୍ଡିଆ, ପି-ଗୋରା ପେଣ୍ଡିଆ, ଜା-ପେଣ୍ଡିଆ ବା-ଡୁଟିଗୁଡା, ହରଡାପୁଟ |
| ୬୯ | ୪୧୨/୩ | ୧.୪୦୦ | ୦.୨୧୪ | ଧାନ-୧ | ଦୀନବନ୍ଧୁ ପେଣ୍ଡିଆ, ପି-ଗୋରା ପେଣ୍ଡିଆ, ଜା-ପେଣ୍ଡିଆ, ଡୁଟିଗୁଡା, ହରଡାପୁଟ |
| ୧୬୩ | ୪୧୨/୨ | ୧.୪୨୦ | ୦.୨୧୦ | ଧାନ-୧ | ସନିଆ ପେଣ୍ଡିଆ, ପି-ବୁଦୁ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା, ହରଡାପୁଟ |
| ୨୦୭/୪୧୪ | ୪୧୩/୧୦୫୫ | ୦.୫୫୦ | ୦.୫୫୦ | ଧାନ-୨ | ମଣିଆ ପେଣ୍ଡିଆ, ସ୍ୱା-ରାମଚନ୍ଦ୍ର ପେଣ୍ଡିଆ, ସଦାଶିବ ପେଣ୍ଡିଆ, ପି-ରାମଚନ୍ଦ୍ର ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ |
| ୨୦୭/୩୬୯ | ୪୧୩ | ୧.୧୩୦ | ୦.୧୦୭ | ଧାନ-୨ | ମୁନ ପେଣ୍ଡିଆ, ପି-ଗୋରା ପେଣ୍ଡିଆ, ଜା- ପେଣ୍ଡିଆ, ଜା-ଡୁଟିଗୁଡା |
| ୧୩ | ୪୨୦ | ୦.୮୫୦ | ୦.୫୭୦ | ଡଙ୍ଗର-୨ | କମଳ ଲୋଚନ ପେଣ୍ଡିଆ, ପି-ରଘୁ ପେଣ୍ଡିଆ ଜା-ପେଣ୍ଡିଆ, ବା- |
| ୨୦୭/୪୦୯ | ୪୨୦/୧୨୪୨ | ୦.୬୫୦ | ୦.୨୩୮ | ଡଙ୍ଗର-୨ | ମଣିଆ ପେଣ୍ଡିଆ, ସ୍ୱା-ରାମଚନ୍ଦ୍ର ପେଣ୍ଡିଆ, ସଦାଶିବ ପେଣ୍ଡିଆ, ପି-ରାମଚନ୍ଦ୍ର ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ |
| ୨୦୭/୪୧୦ | ୪୨୦/୧୨୪୫ | ୦.୬୫୦ | ୦.୨୭୦ | ଡଙ୍ଗର-୨ | ସୁତି ପେଣ୍ଡିଆ, ପି-ରାମଚନ୍ଦ୍ର ପେଣ୍ଡିଆ, ମଣିମା ପେଣ୍ଡିଆ, ସ୍ୱା-ରାମଚନ୍ଦ୍ର ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ |
| ୨୦୭/୪୧୧ | ୪୨୦/୧୨୪୬ | ୦.୬୫୦ | ୦.୨୭୦ | ଡଙ୍ଗର-୨ | ମଣିଆ ପେଣ୍ଡିଆ, ସ୍ୱା-ରାମଚନ୍ଦ୍ର ପେଣ୍ଡିଆ, ଡମ୍ବରୁ ପେଣ୍ଡିଆ, ପି-ରାମଚନ୍ଦ୍ର ପେଣ୍ଡିଆ, ଜାପେଣ୍ଡିଆ, ବା-ନିଜଗାଁ |
| ୨୦୭/୩୬୯ | ୪୨୦/୧୦୫୮ | ୧.୦୪୦ | ୦.୩୪୦ | ଡଙ୍ଗର-୨ | ମୁନ ପେଣ୍ଡିଆ,, ପି-ଗୋରା ପେଣ୍ଡିଆ, ଜା-ପେଣ୍ଡିଆ,, ବା-ଡୁଟିଗୁଡା |
| ୨୦୭/୪୬୧ | ୪୨୪ | ୧.୦୦ | ୦.୨୫୭ | ଡଙ୍ଗର-୨ | ମୀନ ପେଣ୍ଡିଆ,, ଡମ୍ବରୁ ପେଣ୍ଡିଆ,, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୭ | ୪୨୪/୧୨୮୪ | ୦.୫୭୦ | ୦.୧୭୦ | ଡଙ୍ଗର-୨ | ଜେମା ପେଣ୍ଡିଆ,, ସ୍ୱା-ମାଧବ ପେଣ୍ଡିଆ, ପର୍ଶୁରାମ ପେଣ୍ଡିଆ, ଦୁର୍ଯ୍ୟଧନ ପେଣ୍ଡିଆ, ଜା-ପେଣ୍ଡିଆ,, ବା-ଡୁଟିଗୁଡା |
| ୭ | ୪୨୭ | ୧.୦୭୦ | ୦.୭୪୦ | ଡଙ୍ଗର-୨ | ବଲଭ ଗାଦବା,ପି-ବିଶ୍ୱନାଥ ଗାଦବା, ଜା-ଗାଦବା, ବା-ନିଜଗାଁ, କେନ୍ଦୁଗୁଡା |
| ୬୯ | ୪୨୮ | ୧.୬୮୦ | ୦.୦୯୬ | ଡଙ୍ଗର-୨ | ଆମରିଜିଷ୍ଣୁ ଖ୍ରୀଷ୍ଟିଆନ, ପି-ସୋମନାଥ ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା-ନିଜଗାଁ, କୁନ୍ଦୁଗୁଡା |
| ୬୯ | ୪୨୯ | ୧.୯୫୦ | ୦.୭୫୨ | ଡଙ୍ଗର-୨ | ଦୀନବନ୍ଧୁ ପେଣ୍ଡିଆ, ପି-ଗରା ପେଣ୍ଡିଆ,, ଜା-ପେଣ୍ଡିଆ,, ବା-ନିଜଗାଁ, |
| ୨୦୭/୩୪୧ | ୪୪୮ | ୨.୧୮୦ | ୦.୨୯୯ | ଧାନ-୨ | ଡମ୍ବୁ ଭୂମିଆ, ପି-ସନୁ ଭୂମିଆ, ଜା-ଭୂମିଆ, ବା- ବଡକିଉନା, ଥାନା-ଜୟପୁର |
| ୨୦୭/୩୪୧ | ୪୪୯ | ୦.୫୨୦ | ୦.୪୯୫ | ଧାନ-୧ | ମୁ ଭୂମିଆ, ପି-ସନୁ ଭୂମିଆ, ଜା-ଭୂମିଆ, ବା- ବଡକିଉନା, ଥାନା-ଜୟପୁର |
| ୨୦୭/୪୫୮ | ୮୬୮ | ୧.୯୦୦ | ୦.୯୯୫ | ଧାନ-୧ | ହରିଶ୍ଚନ୍ଦ୍ର ପେଣ୍ଡିଆ, ପି-ମାଧବ ପେଣ୍ଡିଆ, ଜା- ପେଣ୍ଡିଆ, ବା- |
| ୨୦୭/୪୫୭ | ୮୬୮/୧୨୮୭ | ୧.୯୦୦ | ୦.୯୩୦ | ଧାନ-୧ | ଜେମା ପେଣ୍ଡିଆ, ସ୍ୱା- ମାଧବ ପେଣ୍ଡିଆ, ପର୍ଶୁରାମ ପେଣ୍ଡିଆ, ଦୁର୍ଯ୍ୟଧନ ପେଣ୍ଡିଆ, ଜା- ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୩୫୬ | ୮୬୯ | ୦.୮୫୦ | ୦.୪୬୦ | ଧାନ-୧ | ଶାସମନ କଟିମ, ପି-ରାମ ଖଣ୍ଡା, ଜା-ଡମ୍ବ, ବା-ନିଜଗାଁ |
| ୨୦୭/୩୫୪ | ୮୬୯/୧୫୪୪ | ୦.୮୮୦ | ୦.୪୨୯ | ଧାନ-୧ | ଷ୍ଟୀଫାନ କଟିମ, ପି- ରାମ ଗଣ୍ଡା, ଜା-ଡମ, ବା-ନିଜଗାଁ, |
| ୨୦୭/୩୫୫ | ୮୬୯/୧୫୪୭ | ୦.୮୬୦ | ୦.୪୬୦ | ଧାନ-୧ | ଯାସନ କଟିମ, ପି- ରାମ ଗଣ୍ଡା, ଜା-ଡମ, ବା-ନିଜଗାଁ |
| ୧୨୪ | ୮୭୦ | ୧.୮୨୦ | ୧.୦୮୦ | ଧାନ-୧ | ମାଧବ କାଉଡିଆ, ପି- ଗୋରା କାଉଡିଆ, ଜା- ପେଣ୍ଡିଆ, ବା-ନିଜଗାଁ |
| ୨୦୭/୩୫୪ | ୮୭୧/୧୫୪୫ | ୦.୧୭୦ | ୦.୦୧୭ | ଧାନ-୧ | ଷ୍ଟୀଫାନ କଟିମ, ପି- ରାମ ଗଣ୍ଡା, ଜା-ଡମ, ବା-ନିଜଗାଁ |
| ୧୨୪ | ୮୭୨ | ୦.୬୧୦ | ୦.୦୮୩ | ଧାନ-୩ | ମାଧବ କାଉଡିଆ, ପି-ଗୋରା କାଉଡିଆ, ଜା- ପେଣ୍ଡିଆ, ବା-ନିଜଗାଁ |
| ୨୦୭/୧୯୩ | ୮୭୫ | ୦.୩୨୦ | ୦.୧୬୯ | ଧାନ-୩ | ସବିତା ନାୟକାଣୀ, ପି- ଭକ୍ତ ନାୟକ, ଜା-ଗାଦବା, ବା-ସୁନାବେଡା |
| ୨୦୭/୧୯୩ | ୮୭୬ | ୦.୯୧୦ | ୦.୧୭୫ | ଧାନ-୧ | ସବିତା ନାୟକାଣୀ, ପି- ଭକ୍ତ ନାୟକ, ଜା-ଗାଦବା, ବା-ସୁନାବେଡା |
| ୨୦୭/୧୯୩ | ୮୭୬/୧୦୯୨ | ୦.୬୦୦ | ୦.୬୦୦ | ଧାନ-୧ | ସବିତା ନାୟକାଣୀ, ପି- ଭକ୍ତ ନାୟକ, ଜା-ଗାଦବା, ବା-ସୁନାବେଡା |
| ୧୧ | ୮୭୭ | ୧.୯୪୦ | ୦.୫୬୦ | ଧାନ-୧ | ଏଲିଅତାରା ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୧୧ | ୮୭୮ | ୦.୨୬୦ | ୦.୨୭୫ | ଧାନ-୨ | ଏଲିଅ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୧୧ | ୮୭୮/୧୦୮୫ | ୦.୦୮୦ | ୦.୦୮୦ | ଧାନ-୨ | ଏଲିଅ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୧୧ | ୮୮୦ | ୦.୧୪୦ | ୦.୧୪୦ | ଡଙ୍ଗର-୨ | ଏଲିଅ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୧୨ | ୮୮୦/୧୧୦୪ | ୦.୧୪୦ | ୦.୦୫୧ | ଡଙ୍ଗର-୨ | ଏଲିଅ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୧୨ | ୮୮୧ | ୦.୫୫୦ | ୦.୫୬୬ | ଧାନ-୧ | ଏଲିଅ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୧୨ | ୮୮୨ | ୧.୧୬୦ | ୦.୦୬୦ | ଧାନ-୨ | ଏଲିଅ ଖ୍ରୀଷ୍ଟିଆନ, ପି- ପିତ୍ର ଖ୍ରୀଷ୍ଟିଆନ, ଜା-ଖ୍ରୀଷ୍ଟିଆନ, ବା- |
| ୨୦୭/୩୮୨ | ୯୧୩ | ୦.୭୨୦ | ୦.୨୪୦ | ଧାନ-୨ | ତ୍ରିନାଥ ପୂଜାରି, ପି-ଧନୁ ପୂଜାରି, ଜା- ଗାଦବା, ବା-ହାଡିଆ |
| ୯୬ | ୯୧୭ | ୦.୬୫୦ | ୦.୦୭୮ | ଧାନ-୩ | ବିନାକ ବକ୍ସି, ପି-ରାମକୃଷ୍ଣ ବକ୍ସି, ଜା-ବ୍ରାହ୍ମଣ, ବା-ଜୟପୁର |
| ୨୦୭/୧୩୧ | ୯୧୭/୧୦୪୩ | ୦.୩୦୦ | ୦.୨୩୦ | ଧାନ-୩ | ମଣିଆ ହରିଜନ, ସ୍ୱା-ରଘୁନାଥ ହରିଜନ, ଜା-ଡମ୍ବ, ବା-ହରିଡାପୁଟ |
| ୨୦୭/୩୧୧ | ୯୧୭/୧୦୪୩ | ୦.୩୦୦ | ୦.୨୬୦ | ଧାନ-୩ | ରଂଜିତ ବେହେରା, ପି-ବିଜୟାନ୍ଦ ବେହେରା, ଜା-ଖ୍ରୀଷ୍ଟିୟାନ, ବା-ହରିଡାପୁଟ |
| ୨୦୭/୨୨ | ୯୨୬ | ୭.୮୭୦ | ୩.୮୬୦ | ଧାନ-୧ | ବିଜୟ ଚନ୍ଦ୍ର ବକ୍ସି, ପି-ବିନାୟକ ବକ୍ସି, ଜା- ବ୍ରାହ୍ମଣ, ବା-ଜୟପୁର |
| ୨୦୭/୩୮୫ | ୯୨୬/୧୫୯୭ | ୪.୦୦ | ୦.୩୪୦ | ଧାନ-୧ | ଗାୟତ୍ରୀ ପାଳ, ସ୍ୱା-ଲକ୍ଷ୍ମୀ ନାରାୟଣ ପାଳ, ଆଶୁତୋଷ ପାଳ, ଦେବଶ୍ରୀ ପାଳ, ପି-ଲକ୍ଷ୍ମୀନାରାୟଣ ପାଳ, ଜା-ବ୍ରାହ୍ମଣ, ବା-ସଭରାସାହି, ଜୟପୁର |
| ୨୦୭/୪୩୦ | ୯୨୭ | ୦.୬୬୦ | ୦.୧୬୦ | ଧାନ-୧ | ବିମଳା ମୁଦୁଲି, ସ୍ୱା-ସଦନ ମୁଦୁଲି, ଝିଟୃ ମୁଦୁଲି, ବୈଦ ମୁଦୁଲି, ପି- ସନ ମୁଦୁଲି, ଜା-ମୁଦୁଲି, ବା-ନିଜଗାଁ |
| ୧୪୮ | ୯୨୮ | ୦.୬୭୦ | ୦.୦୨୦ | ଧାନ-୧ | ଠାକ ଗୁଡିଆ, ରାମଚନ୍ଦ୍ର ପରିଜଳ, ପି-ଘନ ପରିଜା, ଜା-ପରିଜଳ, ବା-ନିଜଗାଁ |

**Sd/- TAHSILDAR JEYPORE CUM SPL LAO JEYPORE-NABARANGPUR NEW BG RAIL LINK PROJECT**

**ବିଶେଷ ଦ୍ରଷ୍ଟବ୍ୟ : ୧୧(୧) ବିଜ୍ଞପ୍ତି ପ୍ରକାରେ ପ୍ରସ୍ତାବିତ ହୋଇଥିବା ଜମି ମଧ୍ୟରୁ ନିମ୍ନଲିଖିତ ପ୍ଲଟ ଗୁଡିକର କୌଣସି ରକବା ଅଧିଗ୍ରହଣ ହେଉନାହିଁ ।**

| ଖାତା ନଂ | ପ୍ଲଟ ନଂ | ମୋଟ ରକ୨ବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|
| | ୩୨୮ | | ୦.୦୦୦ | | ଅଧିଗ୍ରହଣ ହେଉନାହିଁ |
| ୨୦୭/୧୨୨୯ | ୪୦୫ | ୦.୫୪୦ | ୦.୦୦୦ | ଧାନ-୧ | କିରଣ ସନ୍ତୋଷ, ପି-କାମାନୟସ ସନ୍ତୋଷ, ଜା-ଡମ୍ବ ଖ୍ରୀଷ୍ଟିୟାନ, ବା-କେନ୍ଦୁଗୁଡା, ହରିଡାପୁଟ |
| ୨୦୭/୪୫୪ | ୪୦୭ | ୦.୭୭୦ | ୦.୦୦୦ | ଧାନ-୧ | ଘନ ପେଣ୍ଡିଆ, ପି-କମଲୁ ପେଣ୍ଡିଆ, ଜା-ପେଣ୍ଡିଆ, ବା-ନିଜଗାଁ |
| ୨୦୭/୪୫୨ | ୪୦୭/୧୨୭୬ | ୦.୮୦୦ | ୦.୦୦୦ | ଧାନ-୧ | ଚୈତନ ପେଣ୍ଡିଆ, ପି-କମଲୁ ପେଣ୍ଡିଆ ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୦୭/୪୫୩ | ୪୦୭/୧୨୭୯ | ୦.୭୮୦ | ୦.୦୦୦ | ଧାନ-୧ | ଟଙ୍କଧରନ ପେଣ୍ଡିଆ, ପି-କମଲୁ ପେଣ୍ଡିଆ, ଜା-ପେଣ୍ଡିଆ, ବା-ଡୁଟିଗୁଡା |
| ୨୧୨ | ୪୧୯ | ୧.୬୩୦ | ୦.୬୩୪ | ରାସ୍ତା | ସର୍ବ ସାଧାରଣ |
| ୨୧୨ | ୪୨୬ | | ୦.୨୪୦ | ରାସ୍ତା | ସର୍ବ ସାଧାରଣ |
| ୨୧୩ | ୪୨୮/୧୩୪୦ | ୦.୪୦୦ | ୦.୦୦୦ | କେନାଲ | ଓଡ଼ିଶା ସରକାର ଜଳସେଚନ ବିଭାଗ |
| ୫୬ | ୪୪୭ | ୧.୫୨୦ | ୦.୦୦୦ | ଧାନ-୧ | ଅଧିଗ୍ରହଣ ହେଉନାହିଁ |
| ୨୦୭/୧୩୪୯ | ୪୪୭/୨୫୨୩ | ୧.୦୦୦ | ୦.୦୦୦ | ଧାନ-୧ | ଅଧିଗ୍ରହଣ ହେଉନାହିଁ |
| ୨୦୭/୫୮ | ୮୭୦/୧୦୬୫ | ୦.୩୯୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୩୫୫ | ୮୭୧/୧୫୪୮ | ୦.୧୭୦ | ୦.୦୦୦ | ଧାନ-୧ | ଯାସନ କଟମ, ପି- ରାମ ଗଣ୍ଡା, ଜା-ଡମ, ବା-ନିଜଗାଁ |
| ୨୦୭/୫୮ | ୮୭୨/୧୦୬୬ | ୦.୦୨୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୭୫/୧୦୯୧ | ୦.୨୧୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୭୬/୧୦୯୦ | ୦.୪୦୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୭୭/୧୦୮୨ | ୦.୨୫୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୭୮/୧୦୮୩ | ୦.୨୮୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୮୦/୧୧୦୨ | ୦.୨୯୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୮୧/୧୧୦୩ | ୦.୦୬୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୫୮ | ୮୮୨/୧୦୮୯ | ୦.୦୭୦ | ୦.୦୦୦ | କେନାଲ | କୃଷି ବିଭାଗ |
| ୨୦୭/୩୮୨ | ୯୧୨ | ୨.୫୨୦ | ୦.୦୦୦ | ଧାନ-୨ | ଅଧିଗ୍ରହଣ ହେଉନାହିଁ |
| ୬୫ | ୯୧୪ | ୦.୭୭୦ | ୦.୦୦୦ | ଧାନ-୩ | ଅଧିଗ୍ରହଣ ହେଉନାହିଁ |
| ୨୦୭/୧୩୨ | ୯୧୭/୧୦୪୩/୧୨୧୫ | ୦.୩୦୦ | ୦.୦୦୦ | ଧାନ-୩ | ଘାସି ହରିଜନ, ପି-ଲେଲୀ ହରିଜନ, ଜା-ଡମ୍ବ, ବା-ହରିଡାପୁଟ |
| ୨୦୭/୧୩୦ | ୯୧୭/୧୦୪୩/୧୨୧୧ | ୦.୩୧୦<br>୦.୩୧୦ | ୦.୦୦୦<br>୦.୦୦୦ | ଧାନ-୩<br>ଧାନ-୩ | ଯମୁନା ପରଜୁଣୀ, ସ୍ୱା-ଲୁକୁ ପରଜା, ଜା-ପରଜା, ବା-ହରିଡାପୁଟ |
| | ମୋଟ | | ୦.୮୭୪ | | |

OIPR : 24001/24057/3/26-27/0009

## ସମ୍ପାଦକୀୟ

# କେନ୍ଦ୍ର ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଅନ୍ଦାଜ

ଦୀର୍ଘ ବାରବର୍ଷ ଧରି ବିଜେପିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସଫଳତାର ସହ କାର୍ଯ୍ୟ କରି ଆସିଥିବା ବେଳେ, ଏହାର ସଂପ୍ରସାରଣ ବା ଅଦଳବଦଳର ସମ୍ଭାବନାକୁ ଅସ୍ୱୀକାର କରି ହେବ ନାହିଁ । ମାତ୍ର ଏବେ ନୁହେଁ, ଅର୍ଥାତ୍ ସଂସଦର ମୌସୁମୀ ଅଧିବେଶନ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅଦଳବଦଳ ହେବାର ସମ୍ଭାବନା ରହିଛି । କାରଣ ସଂସଦର ମୌସୁମୀ ଅଧିବେଶନ ଚଳିତ ମାସ ଜୁଲାଇ ୨୦ (୨୦୨୬)ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ (୨୦୨୬)ରେ ଶେଷ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ଇତିମଧ୍ୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବିଶେଷକରି ୱେବ ଚାନେଲମାନଙ୍କରେ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ବା ଅଦଳବଦଳ ବିଷୟରେ ଏତେ ପ୍ରସାରଣ ହେଉଛି ଯେ ମୋବାଇଲ ଖୋଲିବା ମାତ୍ରେ ତାହା ଜଣାପଡୁଛି । ମାତ୍ର ମୁଦ୍ରଣ ଗଣମାଧ୍ୟମର ସମ୍ବାଦପତ୍ରଗୁଡ଼ିକ ଏହି ଅଦଳବଦଳ ବିଷୟରେ ଅଯଥାରେ କଳ୍ପନାଜଳ୍ପନା ବା ଅନ୍ଦାଜ କରି ଖବର ବା ସମୀକ୍ଷା କରୁ ନଥିବା ଦେଖାଯାଇଛି ।

ମନ୍ତ୍ରିମଣ୍ଡଳରେ ଅଦଳବଦଳ କିମ୍ବା ସଂପ୍ରସାରଣ କରାଯିବା କିଛି ନୂଆ କଥା ନୁହେଁ । ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ମନ୍ତ୍ରିମାନଙ୍କୁ ଦଳୀୟ ସଂଗଠନରେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଏ । ଅନେକ ଦକ୍ଷ ଓ ଅଭିଜ୍ଞ ସାଂସଦଙ୍କ ସମେତ ନୂଆ ମୁହଁଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳକୁ ଅଣାଯାଇଥାଏ । ପ୍ରଧାନମନ୍ତ୍ରୀ ଏଥିପାଇଁ ଦଳର ବରିଷ୍ଠ ନେତା ଓ ଅନ୍ୟମାନଙ୍କ ସହ ପରାମର୍ଶ କରିଥା'ନ୍ତି । ଅତୀତରେ ୨୦୦୩ ମସିହାରେ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ଏନ୍‌ଡିଏ ସରକାର ଚଳାଉଥିବା ବେଳେ କେନ୍ଦ୍ର ନ୍ୟାୟ ବା ଆଇନ ମନ୍ତ୍ରୀ ଅରୁଣ ଜେଟଲି (ଏବେ ସ୍ୱର୍ଗରେ)ଙ୍କୁ ମଧ୍ୟ ସାତ ମାସ ପରେ ଦଳୀୟ ସଂଗଠନର ଦାୟିତ୍ୱ ଦେଇଥିଲେ । ସେହିପରି ପୁଞ୍ଜି ବିନିବେଶ (Disinvestment) ମନ୍ତ୍ରୀ ଦାୟିତ୍ୱରେ ଥିବା ଅରୁଣ ସୌରୀଙ୍କୁ ମଧ୍ୟ ସୂଚନା, ପ୍ରଯୁକ୍ତି ବିଦ୍ୟା ଓ ଯୋଗାଯୋଗ ମନ୍ତ୍ରଣାଳୟ ପରି ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆ ଯାଇଥିଲା । ତତ୍କାଳୀନ ଅର୍ଥମନ୍ତ୍ରୀ ଯଶୱନ୍ତ ସିଂଙ୍କୁ ଅର୍ଥ ବା ବିତ୍ତ ବିଭାଗ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇ ପୁଞ୍ଜି ବିନିବେଶ ବିଭାଗର ଦାୟିତ୍ୱ ଦିଆ ଯାଇଥିଲା । ମାତ୍ର ସେ ନ ଚାହିଁବାରୁ ତାଙ୍କୁ କମ୍ପାନୀ ବ୍ୟାପର ସମେତ ବିଦେଶୀ ପୁଞ୍ଜିନିବେଶ ବିକାଶ ବୋର୍ଡର ଦାୟିତ୍ୱ ଦିଆ ଯାଇଥିଲା ।

**ମନ୍ତ୍ରିମଣ୍ଡଳରେ ଅଦଳବଦଳ କିମ୍ବା ସଂପ୍ରସାରଣ କରାଯିବା କିଛି ନୂଆ କଥା ନୁହେଁ । ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ମନ୍ତ୍ରିମାନଙ୍କୁ ଦଳୀୟ ସଂଗଠନରେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଏ । ଅନେକ ଦକ୍ଷ ଓ ଅଭିଜ୍ଞ ସାଂସଦଙ୍କ ସମେତ ନୂଆ ମୁହଁଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳକୁ ଅଣାଯାଇଥାଏ । ପ୍ରଧାନମନ୍ତ୍ରୀ ଏଥିପାଇଁ ଦଳର ବରିଷ୍ଠ ନେତା ଓ ଅନ୍ୟମାନଙ୍କ ସହ ପରାମର୍ଶ କରିଥା'ନ୍ତି ।**

ତେଣୁ ପ୍ରଧାନମନ୍ତ୍ରୀ ଦପ୍ତରରେ ଏବେ କାର୍ଯ୍ୟରତ ତଥା ପୂର୍ବତନ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ନୂଆ ବିତ୍ତ ମନ୍ତ୍ରୀ ହେବା କଥା ଯାହା ଉଠୁଛି, ତାହା ସମ୍ଭବ ହୋଇ ପାରେ ବା ନ ହୋଇପାରେ । ଏ ସବୁ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ମନ୍ତ୍ରିମଣ୍ଡଳରେ ୧୯୫୬ରେ ଲାଲବାହାଦୂର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ବେଳେ ମହାବୁବ ନଗରରେ ରେଳ ଦୁର୍ଘଟଣାରେ ବହୁ ଲୋକ ମୃତାହତ ହୋଇଥିଲେ । ନୈତିକତା ଦୃଷ୍ଟିରୁ ସେ ପ୍ରଧାନମନ୍ତ୍ରୀ ନେହରୁଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଥିଲେ । ମାତ୍ର ଏବେ ନୈତିକତା ଆଧାରରେ ସେପରି କେହି ଇସ୍ତଫାପତ୍ର ପ୍ରଦାନ କରୁଥିବା ଦେଖାଯାଏ ନାହିଁ ।

ଇତିମଧ୍ୟରେ ବିଭିନ୍ନ ରାଜ୍ୟରେ ନୂତନ ସରକାର ଗଠିତ ହୋଇଛି । ବିରୋଧୀ ଦଳରୁ ଅନେକ ସାଂସଦ ଏବେ ଶାସକ ବିଜେପି ମୁହାଁ ହେଲେଣି । ତେଣୁ ବିଭିନ୍ନ ଅଞ୍ଚଳରୁ ନୂତନ ଓ ଅଭିଜ୍ଞ ସାଂସଦମାନଙ୍କୁ ଏହି ସଂପ୍ରସାରଣରେ ସାମିଲ କରାଯିବାର ସମ୍ଭାବନା ରହିଛି ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମେ ତ ଜାଳୁଛୁ ଆମର ଜୁଇ



ପ୍ରହଲାଦ କୁମାର ସିଂହ

ଶରୀର ଗଠନରେ ଯେଉଁ ପଞ୍ଚ ମହାଭୂତଙ୍କର ଅବଦାନ ରହିଛି ସେମାନଙ୍କୁ ପ୍ରଦୂଷିତ ଓ ବିଷାକ୍ତ କରି ବସ୍ତୁତଃ ବିକାଶ ନାମରେ ମଣିଷ ନିଜ ବିନାଶର ବାଟ ଖୋଲୁଛି । କୃତଜ୍ଞତା ପରିବର୍ତ୍ତେ କୃତଘ୍ନତାର ଶୀର୍ଷ ସୋପାନକୁ ଯାଇ ସେ ନିଜ ଅସ୍ତିତ୍ୱ ଉପରେ ନିଜେ ପ୍ରଶ୍ନବାଚୀ ଛିଡ଼ା କରିଛି । ଗର୍ବ, ଅହଂକାର, ହିଂସା, ଦ୍ୱେଷ, ଲୋଭ, ଘୃଣା, ପରଶ୍ରୀକାତରତା ଆଦିର ବିଷ ତା'ମନକୁ ସଂଚରିବା ଫଳରେ ସ୍ନେହ, ପ୍ରେମ, କରୁଣା, ସତ୍ୟ, ସେବା, ଅହିଂସା, ଭାଇଚାରା ଆଦି ତା' ଭିତରୁ ଲୋପ ପାଇଯାଇଛି । ଏଥିସହ ତାଳ ଦେଇ ନୀତି ଓ ନୈତିକତା ଉପେକ୍ଷିତ ହେଉଛନ୍ତି । ବସ୍ତୁବାଦର କାଳ ଭଉଁରୀ ଭିତରେ ସତେ ଯେମିତି ନିଜକୁ ଶେଷ କରିଦେବା ପାଇଁ ସଂଖ୍ୟାଧିକ ମଣିଷ ଚଳାଇଛନ୍ତି ଅଘୋଷିତ ପ୍ରତିଯୋଗିତା । 'ଆପେ ବଞ୍ଚିଲେ ବାପାର ନାଁ', 'ଜୋର ଯାର ମୁଲକ ତାର' ଭଳି ବିପଜ୍ଜନକ ମାର୍ଗକୁ ଆପଣେଇ ନେଇ ସେ ଭୁଲିଯାଉଛି 'ସର୍ବେ ଭବନ୍ତୁ ସୁଖିନଃ', 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ', 'ବସୁଧୈବ କୁଟୁମ୍ବକମ୍' ଭଳି ମହାମନ୍ତ୍ରଗୁଡ଼ିକୁ ।

ମାନବୀୟ ଅତ୍ୟାଚାର କାରଣରୁ ସମୁଦ୍ରର ଜଳସ୍ତର ପ୍ରତି ବର୍ଷ ଅଧିକ ପରିମାଣରେ ବଢୁଥିବା ବୈଜ୍ଞାନିକ ଗବେଷଣାରୁ ଜଣାପଡିଛି । ଭାରତ ମହାସାଗର, ପ୍ରଶାନ୍ତ ମହାସାଗର, ଆଣ୍ଟଲାଟିକ୍ ମହାସାଗର ଆଦିର ଉତ୍ତାପ ବଢ଼ିବାରେ ଲାଗିଛି । ଏହାଫଳରେ ସାମୁଦ୍ରିକ ଜୈବ ବିବିଧତା ପ୍ରତି ବିପଦ ବଢୁଛି । ବିଶେଷକରି ସମୁଦ୍ରରେ ରହୁଥିବା ୪ହଜାରରୁ ଊର୍ଦ୍ଧ୍ୱ ପ୍ରଜାତି ଏଥିଯୋଗୁଁ କ୍ଷତିଗ୍ରସ୍ତ ହେଉଛନ୍ତି । ସାଗର ଓ ମହାସାଗରଗୁଡ଼ିକରେ ଏବେ ବର୍ଷକୁ ପ୍ରାୟ ୫୨.୧ ନିୟୁତ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ଜମା ହେଉଛି । ଏହାର କୁପ୍ରଭାବରେ ୨୪ ଟ୍ରିଲିଅନ୍‌ରୁ ଅଧିକ ସୂକ୍ଷ୍ମ ପ୍ଲାଷ୍ଟିକ୍ କଣିକା ସାମୁଦ୍ରିକ ଜଳରାଶିରେ ମିଶୁଛି । ଏହି ଧାରା ଅବ୍ୟାହତ ରହିଲେ ସମୁଦ୍ରର ଜଳସ୍ତର ବଢ଼ି ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି ସେଥିରେ ଅନେକ ମହାନଗରୀ ଜଳ ପ୍ଲାବିତ ହେବାର ଆଶଙ୍କା ରହିଛି ।

ପ୍ଲାଷ୍ଟିକ୍ ଓ ଅନ୍ୟ ଆବର୍ଜନା ଯୋଗୁଁ ଆମ ଦେଶର ପ୍ରାୟ ସମସ୍ତ ନଦୀର ଜଳ ପ୍ରଦୂଷିତ । ବିଶେଷକରି କଳକାରଖାନା ଓ ସହରାଞ୍ଚଳର ବର୍ଜ୍ୟବସ୍ତୁ ସହିତ କୃଷି କ୍ଷେତ୍ରରେ ପ୍ରୟୋଗ କରାଯାଉଥିବା କୀଟନାଶକ ଓ ରାସାୟନିକ ସାର ଏବଂ ପରିମଳ ନାମରେ ସିଞ୍ଚନ କରାଯାଉଥିବା ବ୍ଲିଚିଂ, ଡିଡିଟି, ଗ୍ରାମାକ୍ସିନ୍ ଭଳି ରାସାୟନିକ ପଦାର୍ଥଗୁଡ଼ିକ ଜଳ ଉତ୍ସ ସବୁକୁ କେବଳ ପ୍ରଦୂଷିତ ନୁହେଁ, ବିଷାକ୍ତ କରୁଛନ୍ତି । ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ, ବ୍ରାହ୍ମଣୀ, ବୈତରଣୀ, ମହାନଦୀ ଭଳି ଆମ ଦେଶରେ ପ୍ରାୟ ସବୁ ନଦୀର ଜଳ ପ୍ରଦୂଷିତ । ଏହି ପ୍ରଦୂଷଣର ବିଷାକ୍ତ ପ୍ରଭାବ ଭୂତଳ ଜଳସ୍ତର ଉପରେ ପଡୁଛି । ମାନବୀୟ ଅତ୍ୟାଚାର ଯୋଗୁଁ ଭୂତଳ ଜଳସ୍ତର ବି ଉଦ୍‌ବେଗଜନକ ଭାବେ ତଳକୁ ତଳକୁ ଖସୁଛି । ନଦୀ ଜଳ ପାଇଁ ଏବେ ରାଜ୍ୟ ରାଜ୍ୟ ଭିତରେ ବିବାଦ ଉତ୍କଟତର ହେଉଛି । ଚାଷ ପାଇଁ ପାଣି ବ୍ୟବସ୍ଥା କରିବା ମୁସ୍କିଲ ହୋଇ ପଡୁଥିବାବେଳେ କଳକାରଖାନାକୁ ଯାଚିଗୁଞ୍ଜି ପାଣି ଦେଇ ଆମେ ପ୍ରଦୂଷଣର ମାତ୍ରା ଅଧିକ ବଢ଼ାଉଛୁ ।

ବ୍ୟାପକ ଗଛକଟା ସହିତ ଜଙ୍ଗଲ ସଂପଦ ଉଜାଡ଼ି ଚାଲିବା ଯୋଗୁଁ ମୃତ୍ତିକା ଅବକ୍ଷୟ ଏକ ବଡ଼ଧରଣର ସମସ୍ୟା ଭାବେ ଉଭା ହୋଇଛି । ଅଧିକ ଅମଳ ପାଇଁ ଅତ୍ୟଧିକ ପରିମାଣର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରି ଆମେ ମାଟିର ଉତ୍ପାଦିକା ଶକ୍ତି ମଧ୍ୟ ହ୍ରାସ କରୁଛୁ । ତେଣେ ମୃତ୍ତିକା ଅବକ୍ଷୟ କାରଣରୁ ନଦୀର ଶଯ୍ୟା ପୋତି ହେବା ସହିତ ସମୁଦ୍ର ଓ ହ୍ରଦଗୁଡ଼ିକରେ ବି ପଟୁ ବଢୁଛି । ବିଷାକ୍ତ ପରିବେଶ ଯୋଗୁଁ ବାୟୁମଣ୍ଡଳରେ ପ୍ରଦୂଷଣ ବଢ଼ି ବଢ଼ି ଚାଲିଛି । ଏମିତିକି ନୂଆଦିଲ୍ଲୀ ଭଳି ଭାରତର ରାଜଧାନୀରେ ବାୟୁ ପ୍ରଦୂଷଣ ମାତ୍ରା (ଏକ୍ୟୁଆଇ) ଉଦ୍‌ବେଗଜନକ ସ୍ଥିତିରେ ବର୍ଷର ଅନେକ ସମୟରେ ରହୁଛି । ଏହା ସତ୍ତ୍ୱେ ଆମେ ପ୍ରଦୂଷଣ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବଢ଼ାଇ ଚାଲିଛୁ । ଅତ୍ୟଧିକ ଉଜ୍ଜଳ ଆଲୋକ ବ୍ୟବହାର କରି ଆମେ ମାଟିର କ୍ଷତି କରିବା ସହିତ ଅନେକ ପକ୍ଷୀଙ୍କ ବଂଶ ନିପାତରେ ମାତିଛୁ । ତାପମାତ୍ରା ବୃଦ୍ଧି ଘେନି ଶୁଖିଲା ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ତାହାର ନିୟନ୍ତ୍ରଣ କରୁନାହୁଁ । ପୃଥିବୀ, ପାଣି, ଅଗ୍ନି (ଉତ୍ତାପ), ବାୟୁ ଓ ଆକାଶ ଭଳି ପଞ୍ଚମହାଭୂତଙ୍କ ସହିତ ମଣିଷ ବିପଜ୍ଜନକ ଖେଳ ଖେଳୁଥିବାବେଳେ ଭୁଲିଯାଉଛି ଯେ ତାର ଶରୀର ବି ଏହି ପଞ୍ଚମହାଭୂତରେ ଗଢ଼ା ବୋଲି ।

ଅମୃତ ବଦଳରେ ମଣିଷର ଖାଇବା ଥାଳି ସତେ ଯେମିତି ବିଷରେ ଭର୍ତ୍ତି । ଖାଦ୍ୟ ଶସ୍ୟ, ପନିପରିବା, ଫଳମୂଳ ଆଦି ଉତ୍ପାଦନ ପାଇଁ ଯେପରି ହରମୋନ୍, କୀଟନାଶକ, ରାସାୟନିକ ସାର ଆଦିର ପ୍ରୟୋଗ ହେଉଛି ତାର ଭୟଙ୍କର ପରିଣାମ ପ୍ରତି ମଣିଷର ଏବେ ଖାତିର ନାହିଁ । ବଜାରରେ ଉପଲବ୍ଧ ଅନେକ ସବୁଜ ପନିପରିବାକୁ କୃତ୍ରିମ ରଙ୍ଗ ଓ ରାସାୟନିକ ଉପାଦାନ ଚକଚକିଆ କରି ଦେଖାଉଛି । ସେଓ ଭଳି ପୁଷ୍ଟିକାରକ ଫଳ ଉପରେ ଦିଆଯାଉଥିବା ମହମର ପ୍ରଲେପ ଯେ କେତେ ବିପଜ୍ଜନକ ତାହା ଆମେ ବୁଝି ଅବୁଝା । ଅଙ୍ଗୁର ଓ ଅନ୍ୟାନ୍ୟ ଫଳଗୁଡ଼ିକରେ ତ ରାସାୟନିକ ପଦାର୍ଥ ଭିଜିକରି ରହୁଛି । ଆମ୍ବ, କଦଳୀ ଆଦି ପଚାଇବା ପାଇଁ ବି ରାସାୟନିକ ପଦାର୍ଥର ପ୍ରୟୋଗ କଲା ବେଳେ ଆମେ ଭୁଲିଯାଉଛୁ ଯେ ଏହାକୁ ଯେଉଁମାନେ ଖାଇବେ ସେମାନଙ୍କ କଣ କ୍ଷତି ଘଟିବ ବୋଲି । ବିଦେଶକୁ ରପ୍ତାନୀ ହେଉଥିବା ଆମ୍ବରେ ରାସାୟନିକ ପ୍ରଭାବ ରହୁଥିବାରୁ କେତେକ ଦେଶ ଆମ ଆମ୍ବ କିଣିବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି । ଏଥିରୁ ଆମେ କିଛି ଶିଖିବା ଭଳି ମନେ ହେଉନାହିଁ ।

ଶୀଘ୍ର ଶୀଘ୍ର ମାଛ, କୁକୁଡ଼ା, ଚିଙ୍ଗୁଡ଼ି ଆଦିଙ୍କୁ ବଢ଼ାଇବା ପାଇଁ ପ୍ରୟୋଗ ହେଉଛି ହରମୋନ୍ ଓ ଅନ୍ୟାନ୍ୟ ରାସାୟନିକ ସାମଗ୍ରୀ । ଏହାକୁ ଯେଉଁମାନେ ଖାଉଛନ୍ତି ସେମାନଙ୍କ ଅବସ୍ଥା ଯେ କିଭଳି ବିଗିଡ଼ିବ ସେ କଥା ଚିନ୍ତା କରୁଛି କିଏ? କେତେକ କ୍ଷେତ୍ରରେ ଶୁଖୁଆକୁ ସତେଜ ରଖିବା ଲାଗି ଶବ ସଂରକ୍ଷଣ ଗୃହରେ ବ୍ୟବହାର କରାଯାଉଥିବା ରାସାୟନିକ ପଦାର୍ଥର ବି ଦୁରୁପଯୋଗ କରାଯାଉଛି । ନକଲି ଦୁଗ୍ଧ, ସିନ୍ଥେଟିକ୍ ପନିର୍, ଖୁଆ ଆଦି ତିଆରି କରିବାରେ ଆମେ ସିଦ୍ଧହସ୍ତ । ଧରାପଡିଥିବା ଅପମିଶ୍ରିତ ଦୁଗ୍ଧ ଲୁଗା ସଫା ପାଉଡର୍, ରାସାୟନିକ ସାର, ଚର୍ବି, ରିଫାଇନ୍ ତେଲ, ଦୁଗ୍ଧ ଗୁଣ୍ଡ ଆଦିର ବିଚିତ୍ର ସମ୍ମିଶ୍ରଣରେ ପ୍ରସ୍ତୁତ ହେଉଥିବା ମଧ୍ୟ ଜଣାପଡିଛି । ଏମିତିକି ଗାଈଠାରୁ ଅଧିକ ଦୁଧ ପାଇବା ପାଇଁ ବିପଜ୍ଜନକ ଇଞ୍ଜେକ୍ସନ୍ ଦିଆଯାଉଛି । ଏହି ଗାଈମାନଙ୍କ ଶବ ଖାଇ ଶାଗୁଣା, ବିଲୁଆ ବଂଶ ଲୋପ ପାଇ ଯାଉଥିବାବେଳେ ମଣିଷ ଶରୀର ଉପରେ ତାର କିଭଳି କୁପ୍ରଭାବ ପଡୁଥିବ ତାହା ସହଜରେ ଅନୁମେୟ ।

ଅନେକ ସମୟରେ ନକଲି ଘିଅ, ତେଲ, ମସଲା କାରଖାନାମାନ ଜବତ କରାଯାଉଛି । ଏହା ସତ୍ତ୍ୱେ ନକଲି ଖାଦ୍ୟ ସାମଗ୍ରୀ ତିଆରି କମିବା ପରିବର୍ତ୍ତେ କିନ୍ତୁ ବଢ଼ି ବଢ଼ି ଚାଲିଛି । ଖାଦ୍ୟ ସାମଗ୍ରୀକୁ ଆକର୍ଷଣୀୟ କରିବା ଲାଗି ବ୍ୟବହାର କରାଯାଉଥିବା ରଙ୍ଗର ବିପଜ୍ଜନକ ପ୍ରତିକ୍ରିୟା ସଂପର୍କରେ ବ୍ୟବସ୍ଥା ସଚେତନ ଥିଲା ଭଳି ମନେ ହେଉନାହିଁ । ଛତୁ, ଆଖୁ ଆଦିକୁ ଦୂଷିତ ପାଣିରେ ବୁଡ଼ାଇ ଖାଉଟିଙ୍କୁ ବିକିବା ବେଳେ ମାଗଣାରେ ରୋଗ ବଣ୍ଟାଯାଉଛି । ଚାଉଳ, ଡାଲି, ଗହମ ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟକୁ ସଂରକ୍ଷିତ ରଖିବା ଲାଗି ମଧ୍ୟ ରାସାୟନିକ ସାମଗ୍ରୀ ବ୍ୟବହୃତ ହେଉଛି । ପ୍ଲାଷ୍ଟିକ୍ ଅଖାରେ ଚାଉଳ, ଡାଲି, ଚିନି, ଅଟା, ମଇଦା, ସୁଜି, ବୁଟ ଆଦି ସାମଗ୍ରୀ ରଖାଯିବା ଫଳରେ ସେଥିରେ ହଜାର ହଜାର ପ୍ଲାଷ୍ଟିକ୍ କଣିକା ମିଶୁଛି । ଏହା ସତ୍ତ୍ୱେ ବି ଆମେ ଝୋଟ ଅଖା ବ୍ୟବହାର ନକରି ପ୍ଲାଷ୍ଟିକ୍ ଅଖା ପଛରେ ପଡିଛେ । ପଲିଥିନ୍‌ରେ ଉଭୟ ଶୁଖିଲା ଓ ରନ୍ଧା ଖାଦ୍ୟ ସାମଗ୍ରୀ ରଖିବା ବିପଜ୍ଜନକ ବୋଲି ଜଣାଥିଲେ ବି ଏହା ନିୟନ୍ତ୍ରଣ ହେଉ ନାହିଁ । ପାଣି ପାଉଚ୍, ପାଣି ବୋତଲ ଆଦିରେ କେତେ ଯେ ପ୍ଲାଟିକ୍ କଣିକା ରହୁଛି ସେଥିପ୍ରତି ବି ନିଘା ନାହିଁ । ମୃଦୁ ପାନୀୟଠାରୁ ଆରମ୍ଭ କରି ମଦ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ, ଜଙ୍କଫୁଡ୍, ଫାଷ୍ଟଫୁଡ୍ ଇତ୍ୟାଦିର ପ୍ରତିକ୍ରିୟା ସଂପର୍କରେ ବୈଜ୍ଞାନିକମାନେ ବାରମ୍ବାର କହୁଥିଲେ ବି ତାହା ନିଷିଦ୍ଧ ହେଉନାହିଁ । ହାତ ପାହାନ୍ତାରେ ମିଳୁଥିବା ଗୁପ୍‌ଚୁପ୍‌କୁ ସୁଆଦିଆ କରିବା ପାଇଁ ଯେଉଁ ଖଟାପାଣି ବ୍ୟବହୃତ ହେଉଛି ତାହା ତେନ୍ତୁଳିରେ ତିଆରି କି ରାସାୟନିକ ପଦାର୍ଥରେ ପ୍ରସ୍ତୁତ ସେଥିପ୍ରତି ମଧ୍ୟ ଧ୍ୟାନ ନଦେଇ ପାଟି ସୁଆଦ କରିବା ପାଇଁ ଗୁପ୍‌ଚୁପ୍ ଖାଇ ଅନେକ ରୋଗ କିଣୁଛନ୍ତି । ଏଭଳି ତାଲିକା ଢେର ଲମ୍ବା ।

ଉପାସନା ପୀଠଗୁଡ଼ିକରେ ଜଳାଯାଉଥିବା ଦୀପ ଏବଂ ହୋମଯଜ୍ଞ ଆଦିରେ ବ୍ୟବହାର କରାଯାଉଥିବା ଘିଅ ପ୍ୟାକେଟ୍ ଉପରେ କେବଳ ପୂଜା ପାଇଁ ବୋଲି ଲେଖାଯାଉଛି । ପୋଡ଼ା ମୋବିଲ୍ ଓ ଅନ୍ୟାନ୍ୟ ସାମଗ୍ରୀରୁ ପ୍ରସ୍ତୁତ ଏହି ନକଲି ଘିଅ ପୋଡ଼ି ଆମେ ବାୟୁ ମଣ୍ଡଳ ପ୍ରଦୂଷିତ କରିବା ସହିତ ଆଧ୍ୟାତ୍ମିକ ପରିବେଶକୁ ବିଗାଡୁଛୁ ଏବଂ ଭୋଜି ଭାତରେ ଏହି ନକଲି ଘିଅ, ନକଲି ତେଲ ଆଦି ଖାଇ ମାଗଣାରେ ରୋଗ ଆଣୁଛୁ । ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦ ଲାଗି କେବଳ ଓମ୍‌ଫେଡ୍ ଘିଅ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଯିବା ପରେ ମହାପ୍ରସାଦ ଓ ଶୁଖିଲା ପ୍ରସାଦର ଦର ଦୁଇରୁ ତିନିଗୁଣ ବଢ଼ିଗଲା । କିନ୍ତୁ ବାରମ୍ବାର ଶ୍ରୀମନ୍ଦିର ଭିତରୁ ନିମ୍ନମାନର ଘିଅ ଓ ବନସ୍ପତି ଜବତ କରାଯାଉଥିବା ଘଟଣାରୁ ଭକ୍ତମାନଙ୍କ ଭାବାବେଗ ପ୍ରତି କେତେ ବିଶ୍ୱାସଘାତକ ହେଉଛି ତାହା ସହଜରେ ଅନୁମେୟ ।

ପ୍ରତିକୂଳ ପରିବେଶ, ଜୀବନ ଶୈଳୀରେ ପରିବର୍ତ୍ତନ, ବଜାରୀକରଣ ଅର୍ଥନୀତି ଓ ବିପଜ୍ଜନକ ସୁଆଦିଆ ଖାଦ୍ୟ ସାମଗ୍ରୀ ଯୋଗୁଁ ବିଭିନ୍ନ ପ୍ରକାରର ରୋଗ ବ୍ୟାଧି ବଢୁଛି । ଏଭଳି ସ୍ଥିତିରେ ପ୍ରତିକାର କରିବା ପରିବର୍ତ୍ତେ ଡାକ୍ତରଖାନା ବଢ଼ାଇବାରେ ସରକାର ବ୍ୟସ୍ତ । ଚିକିତ୍ସା ପାଇଁ ରୋଗୀ ଓ ତାଙ୍କ ପରିବାର ଖର୍ଚ୍ଚ କରି କରି ବରବାଦ ହେଉଥିବାବେଳେ ସରକାର ବି ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରେ ହଜାର ହଜାର କୋଟି ଟଙ୍କା ବାଣ୍ଟି ଚାଲିଛନ୍ତି । ରୋଗ ଓ ରୋଗୀ ସଂଖ୍ୟା ବଢ଼ିବା ସହିତ ଔଷଧ ଉତ୍ପାଦନ ବଢ଼ାଇ କମ୍ପାନୀମାନେ ବେଶ୍ ମୁନାଫା ଉଠାଉଛନ୍ତି । ଶିଶୁ ଖାଦ୍ୟଠାରୁ ବୟସ୍କଙ୍କ ପାଇଁ ବିକଳ୍ପ ପ୍ରୋଟିନ୍‌ଯୁକ୍ତ ସାମଗ୍ରୀ ଅସଲି କି ନକଲି ତାହା ଜାଣିବା ମୁସ୍କିଲ୍ । କେବଳ ସେତିକି ନୁହେଁ, ବଜାରରେ ନକଲି ଓ ନିମ୍ନମାନର ଔଷଧ ହାଉଯାଉ ହେଉଥିବା ସରକାରଙ୍କ ନଜରକୁ ବି ଆସୁଛି । ଏହା ସତ୍ତ୍ୱେ ମଣିଷ ଜୀବନକୁ ବାଜି ଲଗାଇ ଚାଲିଛି ବିପଦଜନକ ଖେଳ । ଆଧୁନିକତା ନାମରେ ମଣିଷ ନିଜ ଜୀବନ ଶୈଳୀକୁ ନିମ୍ନଗାମୀ କରାଇ ନିଜ ଜୁଇ ନିଜେ ପ୍ରସ୍ତୁତ କରୁଛି । ଏ କ୍ଷେତ୍ରରେ ସ୍ମାର୍ଟଫୋନ୍ ଓ ତଥାକଥିତ ସାମାଜିକ ଗଣମାଧ୍ୟମର ଅସାମାଜିକ ପ୍ରୟୋଗ ମଧ୍ୟ ଆମ ସ୍ଥିତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏବେ ଘରବୁଡ଼ି ପାଣି ଆଣ୍ଠୁଏ ସ୍ଥିତିରେ ଆମେ ପହଞ୍ଚିଲୁଣି । ତଥାପି କ୍ଷତିକାରକ ବିପଜ୍ଜନକ ମାର୍ଗକୁ ଛାଡ଼ିବା ଲାଗି ଆମ ବ୍ୟବସ୍ଥା ପ୍ରସ୍ତୁତ ନୁହେଁ । ଏଭଳି ସ୍ଥିତିରେ ଆମର ଗତି କୁଆଡ଼େ ?

**E-mail: prahalladsinha@gmail.com**
**ମୋ-୯୪୩୭୦୧୭୩୯୫**
**(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)**

# ଭକ୍ତର ନାଥ ପ୍ରଭୁ ଶ୍ରୀଅଲାରନାଥ



ଅନନ୍ତ ଗୋପାଳ ପଣ୍ଡା

ଅଖିଳବିଶ୍ୱ ବ୍ରହ୍ମାଣ୍ଡର ନାୟକ, ଦୀନ ଅକିଞ୍ଚନ ସୁଖଦାୟକ ତଥା ମୁକ୍ତି ପ୍ରଦାୟକ କୋଟି କୈବେଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରାକ୍ ବୈଦିକକାଳରୁ ନୀଳାଚଳ ଧାମରେ ଦାରୁବ୍ରହ୍ମ ରୂପେ ବିରାଜମାନ ପୂର୍ବକ ଭକ୍ତ ଓ ଆଶ୍ରିତମାନଙ୍କ ମନସ୍କାମନାକୁ ପରିପୂର୍ଣ୍ଣ କରୁଛନ୍ତି । ବାର ମାସେ ତେରଯାତ କ୍ରମରେ ଭକ୍ତମାନଙ୍କୁ ଆନନ୍ଦ ପ୍ରଦାନ କରିବାପାଇଁ ପ୍ରଭୁ ମାନବୀୟ ଲୀଳା ପ୍ରଦର୍ଶନ କରୁଛନ୍ତି । 'ଯଥା ଦେହେ ତଥା ଦେବେ' ନ୍ୟାୟରେ ପ୍ରଭୁ ମନୁଷ୍ୟ ପରି ଅତ୍ୟଧିକ ସ୍ନାନ ଜନିତ ବ୍ୟାଧିରେ ମଧ୍ୟ ହୁଅନ୍ତି ପୀଡିତ । ମନୁଷ୍ୟ ଯେପରି ଅତ୍ୟଧିକ ଜଳରେ ଦୀର୍ଘ ସମୟ ପାଇଁ ସ୍ନାନ କଲେ ଜ୍ୱରରେ ଆକ୍ରାନ୍ତ ହୁଏ, ଠିକ୍ ସେହିପରି ନୀଳାଦ୍ରିବିହାରୀ ଶ୍ରୀଜଗନ୍ନାଥ ଜନ୍ମଦିବସ ପାଳନ ଅବସରରେ ସ୍ନାନ ମଣ୍ଡପରେ ୩୫ ଗରା ମନ୍ତ୍ରପୂତ ଜଳରେ ସ୍ନାନକରି ପୀଡିତ ହୁଅନ୍ତି । ଫଳସ୍ୱରୂପ ଅଣସର ତାଟି ମଧ୍ୟରେ ଅବସ୍ଥାନ କରନ୍ତି । ଏହି ସମୟରେ ପ୍ରଭୁ କୌଣସି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି ନାହିଁ । ଅଙ୍ଗସେବକମାନଙ୍କ ଦ୍ୱାରା ତୈଳ ଲେପନ ଓ ମୋଦକ ସେବନ ଦ୍ୱାରା ରୋଗମୁକ୍ତ ହୁଅନ୍ତି । ପଞ୍ଚଦଶ ଦିବସ ବ୍ୟାପୀ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇ ଭକ୍ତମାନେ ବ୍ୟାକୁଳ ହୁଅନ୍ତି । ଭଗବତ୍‌ଦର୍ଶନ ବିହୁନେ ସୃଷ୍ଟି ବିରହ ଜ୍ୱାଳାରେ ତାପିତ ଶ୍ରଦ୍ଧାଳୁ ହୁଅନ୍ତି । ଶ୍ରୀଜଗନ୍ନାଥଙ୍କ ଦର୍ଶନର ସମଫଳ ଲାଭ ଆଶାରେ ଧାଇଁ ବ୍ରହ୍ମଗିରିକୁ ଯାନ୍ତି । ସେଠାରେ ପୀଠାଧିଶ ଅଲାରନାଥଙ୍କୁ ଦର୍ଶନ କରି କୃତାର୍ଥ ହୁଅନ୍ତି । ସନ୍ତାପିତ ହୃଦୟ ଶାନ୍ତ ହୁଏ । ମନ ପ୍ରାଣ ହୁଏ ଉଲ୍ଲସିତ । ଭକ୍ତ ଦିବ୍ୟାନନ୍ଦ ଲାଭ କରେ ।

ପୁରୀଠାରୁ କୋଡିଏ କିମି ଦୂର ବ୍ରହ୍ମଗିରିରେ ବିରାଜିତ ଅଲାରନାଥଙ୍କ ଅବସ୍ଥିତି ତଥା ନାମକରଣର ଅନ୍ତରାଳରେ କିମ୍ବଦନ୍ତୀ ଓ ଜନଶ୍ରୁତି ରହିଛି । କୃତ ଯୁଗରେ ସ୍ୱାଂୟଭୁବ ମନୁଙ୍କ ସମୟରେ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠା କରିବାପାଇଁ ନାରଦଙ୍କ ସହିତ ଅବନ୍ତୀ ନୃପତି ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ନିମନ୍ତ୍ରଣ ନିମନ୍ତେ ସତ୍ୟଲୋକକୁ ଗମନ କରିଛନ୍ତି । ଆମନ୍ତ୍ରଣ ରକ୍ଷାକରି ବେଦପତି ସ୍ୱରୋଚିଷ ମନୁଙ୍କ ସମୟରେ ଦାରୁବିଗ୍ରହମାନଙ୍କୁ ପ୍ରତିଷ୍ଠା କରିବା ପାଇଁ ମର୍ତ୍ତ୍ୟଲୋକରେ ଯେଉଁ ସ୍ଥାନରେ ଅବତରଣ କରିଥିଲେ ସେ ସ୍ଥାନ ବ୍ରହ୍ମଗିରି ନାମରେ ନାମିତ ହୋଇଛି । ଭୂଲୋକରେ ଅବତରଣ ଉପରାନ୍ତେ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଆରାଧନା କରିଛନ୍ତି । ଚତୁରାନନଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ପୂଜିତ ସେହି ପ୍ରତିମା ପରବର୍ତ୍ତୀ ସମୟରେ ଅଲାରନାଥ ନାମରେ ପ୍ରସିଦ୍ଧି ଲାଭ କରିଛନ୍ତି ।



ଅଲାରନାଥ ଶବ୍ଦ ଏକ ଦ୍ରାବିଡ ଶବ୍ଦ ଅଟେ । ଗବେଷକମାନଙ୍କ ମତାନୁଯାୟୀ ଅଲାରନାଥ ଶବ୍ଦ ଆଲୋୟାର ଶବ୍ଦରୁ ଆସିଅଛି, ଯାହାର ଅର୍ଥ ହେଉଛି ଭକ୍ତ । ଭକ୍ତମାନଙ୍କର ସ୍ୱାମୀ ବା ନାଥ ଭାବରେ ପ୍ରଭୁ ଅଲାରନାଥ ନାମରେ ହୋଇଛନ୍ତି ନାମିତ । ପୁରୁଷୋତ୍ତମ ଚନ୍ଦ୍ରିକାରେ ବର୍ଣ୍ଣିତ ଅନ୍ୟ ଏକ ଆଖ୍ୟାୟିକା ଅନୁଯାୟୀ ଅଲବନ୍ଦାଚାର୍ଯ୍ୟ ନାମକ ଜନୈକ ତନ୍ତ୍ର ସାଧକ ଅଣସର ସମୟରେ ଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇ ସେବାୟତମାନଙ୍କ ବାରଣ ସତ୍ତ୍ୱେ ତନ୍ତ୍ରବିଦ୍ୟା ବଳରେ ଭ୍ରମର ରୂପରେ ପ୍ରବେଶ କରିଛନ୍ତି ଅଣସର ତାଟି ମଧ୍ୟରେ । ଅଣସର ପିଣ୍ଡିରେ ଏକ ବିକଚ ଶତଦଳ ସନ୍ଦର୍ଶନରେ ବିମୁଗ୍ଧ ହୋଇ ତହିଁରେ ଉପବେସନ କରନ୍ତେ ପଦ୍ମ ପାଖୁଡା ଗୋଟିଏ ଗୋଟିଏ ରମଣୀରେ ପରିଣତ ହୋଇ ଉପହାସ କରନ୍ତି । ଫଳରେ ଅଲବନ୍ଦାଚାର୍ଯ୍ୟ ଅପମାନିତ ହୋଇ ପ୍ରତ୍ୟାବର୍ତ୍ତନ ପୂର୍ବକ ମହୋଦଧିରେ ଝାସ ଦେବାପାଇଁ ଉଦ୍ୟତ ହୁଅନ୍ତି । ଏହି ସମୟରେ ତାଙ୍କର ଏକ ବିରାଟକାୟ ମର୍କଟ ପଥରୋଧ କରେ । ବାନରର ଆକ୍ରମଣ ଭୟରେ ତ୍ରସ୍ତ ହୋଇ ଅଲବିନ୍ଦାଚାର୍ଯ୍ୟ ଧାବମାନ ହୁଅନ୍ତି ଓ ପରମୁହୂର୍ତ୍ତରେ ପହଞ୍ଚିଯାନ୍ତି ବ୍ରହ୍ମଗିରି ସ୍ଥିତ ଅଲାରନାଥ ମନ୍ଦିରରେ । କଳା ମୁଗୁନି ପଥରରେ ନିର୍ମିତ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଶୋଭିତ କାନ୍ତ କମନୀୟ ବିଗ୍ରହ ଦର୍ଶନରେ ସେ ବିମୋହିତ ହୁଅନ୍ତି । ସେଠାରେ ଅବସ୍ଥାପିତ ହୋଇ ପ୍ରଭୁଙ୍କ ନିତ୍ୟ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରନ୍ତି । ଅଲବିନ୍ଦାଚାର୍ଯ୍ୟଙ୍କ ନାଥ ବା ପ୍ରଭୁ ଭାବରେ ଏବଂ ଦକ୍ଷିଣ ଭାରତରୁ ଆସିଥିବା ଅଲୱାର ସମ୍ପ୍ରଦାୟର ସେବାପ୍ରାପ୍ତ ହୋଇ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଷ୍ଣୁ ପ୍ରତିମା ପରବର୍ତ୍ତୀ ସମୟରେ ଅଲୱାର ନାଥ ବା ଅଲାରନାଥ ନାମରେ ବିଖ୍ୟାତ ହୋଇଛନ୍ତି ।

ଐତିହାସିକମାନଙ୍କ ମତାନୁସାରେ ବର୍ତ୍ତମାନ ଦୃଶ୍ୟମାନ ପ୍ରଭୁ ଅଲାରନାଥଙ୍କ ଭବ୍ୟ ମନ୍ଦିର ୧୨୨୮ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ଚତୁର୍ଥ ନରପତି ମଦନ ମହାଦେବଙ୍କ ସମୟରେ ନିର୍ମିତ ହୋଇଥିଲା । ମୁଖ୍ୟ ମନ୍ଦିର ସ୍ଥିତ ଗର୍ଭଗୃହର ମଧ୍ୟସ୍ଥଳୀରେ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ସୁଦୃଶ୍ୟ ତୋରଣର ନିମ୍ନଭାଗରେ ଚତୁର୍ଭୁଜ ବିଶିଷ୍ଟ ପ୍ରଭୁ ଅଲାରନାଥଙ୍କ ବିଗ୍ରହ ବିରାଜିତ । କଳାମୁଗୁନି ପ୍ରସ୍ତର ନିର୍ମିତ ବିଗ୍ରହରେ ଦ୍ରାବିଡ଼ ଶୈଳୀର ଭାସ୍କର୍ଯ୍ୟ ଦୃଶ୍ୟମାନ ହୁଏ । ନିକଟରେ ଭୂଦେବୀ ଓ ଶ୍ରୀଦେବୀ ବିରାଜିତା । ପଦତଳେ ବାହନ ବୈନତେୟ ପ୍ରାର୍ଥନାରତ । ଶ୍ରୀବିଷ୍ଣୁଙ୍କ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଶୋଭାୟମାନ । ନିମ୍ନ ବାମହସ୍ତରେ ଗଦା ଓ ଦକ୍ଷିଣ ହସ୍ତରେ ପ୍ରଭୁ ପଦ୍ମ ଧାରଣ ପୂର୍ବକ ଭକ୍ତମାନଙ୍କ ଦୃଷ୍ଟିକୁ ଆକର୍ଷଣ କରୁଛନ୍ତି ।

ପ୍ରେମାବତାର ଶ୍ରୀଚୈତନ୍ୟ ତାଙ୍କ ଜୀବନର ଶେଷ ଅଷ୍ଟାଦଶ ବର୍ଷ ଶ୍ରୀକ୍ଷେତ୍ରରେ ଅତିବାହିତ କରିଥିଲେ । କାଶୀମିଶ୍ରାଳୟର ଗମ୍ଭୀରାରେ ଅବସ୍ଥାନ କାଳରେ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ । ଅନବସର ସମୟରେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇ ବିରହଜ୍ୱାଳାରେ ଦଗ୍ଧିଭୂତ ହେଉଥିବା ଅବସ୍ଥାରେ ପ୍ରଭୁଙ୍କ ନିର୍ଦ୍ଦେଶ ପ୍ରାପ୍ତହୋଇ ବ୍ରହ୍ମଗିରି ଯାତ୍ରା କରିଥିଲେ । ସେଠାରେ ପ୍ରଭୁ ଅଲାରନାଥଙ୍କ ଦିବ୍ୟ ମୂର୍ତ୍ତି ସନ୍ଦର୍ଶନ କରି ବିମୋହିତ ହୋଇଥିଲେ । ସାଷ୍ଟାଙ୍ଗ ପ୍ରଣାମ କରିବା ସମୟରେ ଶରୀର ଜ୍ୱାଳା ସହିନପାରି ପ୍ରସ୍ତର ତରଳି ଯାଇଥିଲା । ପରବର୍ତ୍ତୀ ସମୟରେ ସେହି ପ୍ରସ୍ତର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବିଗ୍ରହ ସମ୍ମୁଖରେ ସ୍ଥାନିତ କରାଯାଇଅଛି । ଶ୍ରୀଚୈତନ୍ୟଙ୍କ ଭକ୍ତି ଭାବର ନିଦର୍ଶନ ସ୍ୱରୂପ ଆଜିବି ସେହି ପ୍ରସ୍ତର ନିକଟରେ ଭକ୍ତମାନେ ମଥାନତ ହୁଅନ୍ତି ।

ଶ୍ରୀଜଗନ୍ନାଥଙ୍କ ପରି ଅଲାରନାଥଙ୍କ ଦୈନନ୍ଦିନ ମଙ୍ଗଳ ଆରତି, ଅବକାଶ, ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆରତି, ମଇଲମ, ରାତ୍ରଧୂପ, ଚନ୍ଦନଲାଗି, ବଡ଼ଶୃଙ୍ଗାର ବେଶ ଓ ପହୁଡ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ । ଶ୍ରୀଅଲାରନାଥଙ୍କ କ୍ଷୀରି ଭୋଗ ସବୁଠାରୁ ପ୍ରିୟ । ଅଣସର ସମୟରେ ଭକ୍ତମାନେ ଏହି କ୍ଷୀରି ଭୋଗ ପ୍ରାପ୍ତ ହୋଇ କୃତାର୍ଥ ହୁଅନ୍ତି । ଏହି କ୍ଷୀରି ଭୋଗ ଅନ୍ତରାଳରେ ଏକ କିମ୍ବଦନ୍ତୀ ରହିଛି । ବହୁବର୍ଷ ପୂର୍ବେ ପ୍ରଭୁଙ୍କ ପୂଜକ ବାରବର୍ଷର ପୁତ୍ର ଉପରେ ଭୋଗର ଦାୟିତ୍ୱ ନ୍ୟସ୍ତ କରି ତୀର୍ଥ ଯାତ୍ରାରେ ଗମନ କରନ୍ତି । ଘରେ ମା' ରାନ୍ଧିଥିବା ପ୍ରସାଦକୁ ନେଇ ବାଳକ ଯାଏ ମନ୍ଦିରକୁ ଏବଂ ପ୍ରଭୁଙ୍କ ସମ୍ମୁଖରେ କ୍ଷୀରି ପ୍ରସାଦ ରଖି କବାଟ ବନ୍ଦକରି କହେ, 'ଆସ ଅଲାର ଖାଅ କ୍ଷୀରି, ବାପା ଯାଇଛନ୍ତି ତୀର୍ଥ କରି' । ନିଷ୍ପାପ ବାଳକର ଭକ୍ତିରେ ପ୍ରଭୁ ସବୁ କ୍ଷୀରି ଆନନ୍ଦରେ ଗ୍ରହଣ କରନ୍ତି । ବାଳକ ଶୂନ୍ୟ ପାତ୍ର ସହିତ ଗୃହକୁ ପ୍ରତ୍ୟାବର୍ତ୍ତନ କରେ । ମା' ଭାବନ୍ତି ବୋଧହୁଏ ପୁତ୍ର ଭୋଗ କ୍ଷୀରିକୁ ସେବନ କରିଅଛି । ପଚାରିବାରୁ ସେ କହେ ପ୍ରଭୁ ଅଲାର ସବୁ ଭୋଗ ଗ୍ରହଣ କରିଛନ୍ତି । ପିତା ତୀର୍ଥାଟନରୁ ପ୍ରତ୍ୟାବର୍ତ୍ତନ ପରେ ଏହାର ସତ୍ୟତା ପରୀକ୍ଷା ଉଦ୍ଦେଶ୍ୟରେ ପୁତ୍ର ହସ୍ତରେ କ୍ଷୀରି ଭୋଗ ପ୍ରଦାନ ପୂର୍ବକ ମନ୍ଦିର କବାଟ ଫାଙ୍କ ମାଧ୍ୟମରେ କେହି ଜଣେ ଭୋଗ କ୍ଷୀରି ସେବନ କରିବାର ଦେଖନ୍ତି । ଦ୍ୱାର ଉନ୍ମୁକ୍ତ କରିବାରୁ କ୍ଷୀରି ଭୋଜନ କରୁଥିବା ବ୍ୟକ୍ତି ଅନ୍ତର୍ହିତ ହୁଏ । ଗରମ କ୍ଷୀରିର ସ୍ପର୍ଶରେ ପ୍ରଭୁଙ୍କ ହସ୍ତ ଓ ମୁଖରେ ସୃଷ୍ଟି ଫୋଟକା ହୁଏ । ସେହି ଚିହ୍ନ ଆଜିବି ଭକ୍ତଙ୍କ ଦୃଷ୍ଟିକୁ ଆକର୍ଷିତ କରେ । ପୂଜାପଣ୍ଡାଙ୍କ ଦ୍ୱାରା ପ୍ରଦର୍ଶୀତ ଏହି ଚିହ୍ନ ଭକ୍ତମାନଙ୍କ ହୃଦୟ କନ୍ଦରରେ ଭକ୍ତିର ମନ୍ଦାକିନୀ ସୃଷ୍ଟି କରେ ।

ସ୍ନାନ ପୂର୍ଣ୍ଣିମା ପରଦିନଠାରୁ ଉଭା ଅମାବାସ୍ୟା ପର୍ଯ୍ୟନ୍ତ ଏହି ପୀଠ ହୁଏ ଲୋକାରଣ୍ୟ । ଶ୍ରୀକ୍ଷେତ୍ରରେ ଭକ୍ତମାନେ ଶ୍ରୀଜଗନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇ ବ୍ରହ୍ମଗିରିକୁ ଯାଇଥାନ୍ତି । ସେଠାରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଭକ୍ତମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନର ଫଳଲାଭ କରି କୃତାର୍ଥ ହୁଅନ୍ତି ।

**ଶ୍ରୀକ୍ଷେତ୍ରବିହାର,ଭୁବନେଶ୍ୱର,**
**ମୋ-୯୮୬୧୪୭୦୧୯୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତରୁ...

ରହିଛି । ପ୍ରତିବର୍ଷ ଏହି ବାଟେ ପ୍ରାୟ ୪୦% ବିଶ୍ୱର ବାଣିଜ୍ୟିକ ଜାହାଜ ଗୁଡ଼ିକ ଅତିକ୍ରମ କରିଥାଏ । ୮୦% ଅଶୋଧିତ ତୈଳର ଆମଦାନୀ ଚୀନ୍ ଏହି ବନ୍ଦର ଦେଇ ନେଇଥାଏ । ସବାଙ୍ଗ ବନ୍ଦରଟି ଭାରତର ଗ୍ରେଟ୍ ନିକୋବର ଦ୍ୱୀପପୁଞ୍ଜର ହବ୍ ଠାରୁ ୧୦୦ ନୌଟିକାଲ ମାଇଲରେ ଅବସ୍ଥିତ । ଚୀନ୍‌ର ନୌସେନା ଭାରତୀୟ ମହାସାଗରରେ ବିଶେଷକରି ଯେଉଁ କବ୍ଜା କରିବାକୁ ଚେଷ୍ଟା କରୁଥିଲା ଏହାଦ୍ୱାରା ସେଥିରେ ବାଧା ସୃଷ୍ଟି ହେବ । ସେଇଭଳି ଇଣ୍ଡୋନେସିଆ ହେଉଛି ବିଶ୍ୱର ତୃତୀୟ ବୃହତ ଗଣତନ୍ତ୍ର । ଭାରତ ଓ ଆମେରିକା ପରେ ଇଣ୍ଡୋନେସିଆ ରହିଛି । ମାତ୍ର ସେମାନେ ଏବେବି ବାଲାଟ ପେପରରେ ଗୋଟିଏ ଦିନରେ ଭୋଟ୍ କରୁଛନ୍ତି । ଭୋଟରମାନଙ୍କୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ଲାଗି ୫ ବାଲାଟ ପେପର ଦିଆଯାଏ । ପ୍ରାୟ ୨୦ ହଜାର ପଦବୀ ପାଇଁ ନିର୍ବାଚନ ହୋଇଥାଏ । ତେବେ ଭାରତରେ ୨୦୦୪ରୁ ଦେଶବ୍ୟାପୀ ସଫଳତାର ସହ ଇଭିଏମ୍ ବ୍ୟବସ୍ଥା ଲାଗୁ କରାଯାଇଛି । ଇଭିଏମ୍ ନିର୍ମାଣ ଓ ଏଥିରେ ଭୋଟ୍ କରିବା ପାଇଁ ଭାରତ ଠାରୁ ଇଣ୍ଡୋନେସିଆ ସହଯୋଗ ନେବ ବୋଲି ଆଲୋଚନା ହୋଇଛି ।

## ୱାୟନାଡରେ...

ନିକଟରେ ଏହି ଘଟଣା ଘଟିଛି । ଶ୍ରମିକମାନେ ଲଗାଣ ବର୍ଷାରେ ନିଜ କାମ ଜାରି ରଖିଥିଲେ । ହଠାତ୍ ଭୂସ୍ଖଳନ ଘଟି ମାଟି, କାଦୁଅମିଶା ପାଣି, ବଡ ବଡ ପଥର ଖଣ୍ଡ ତଳକୁ ଖସିବାରେ ଲାଗିଥିଲା । ମାଟିତଳେ କିଛି ଇଞ୍ଜିନିୟର ଓ ସିକ୍ୟୁରିଟି ଗାର୍ଡ ଫସି ରହିଥିବା ଶୁଣିବାକୁ ମିଳିଛି । କେରଳ କୃଷି ମନ୍ତ୍ରୀ ଟି ସିଦ୍ଦିକ୍ ଏହି ଘଟଣାକୁ ମଣିଷକୃତ ଭୂସ୍ଖଳନ ବୋଲି କହିଛନ୍ତି । ପ୍ରକଳ୍ପ କାର୍ଯ୍ୟ କରୁଥିବା କୋଙ୍କଣ ରେଳବାଇ କର୍ପୋରେସନ୍‌ର ଅବହେଳା ଯୋଗୁ ଏତେବଡ ଘଟଣା ଘଟିଛି । ଏହା ଆଦୌ ପ୍ରାକୃତିକ ଭୂସ୍ଖଳନ ନୁହେଁ । ବିନା ସୁରକ୍ଷାରେ ମାଟି ଖୋଳା କରି ରଖାଯାଇଥିବାରୁ ଏଭଳି ଘଟଣା ଘଟିଛି । ସ୍ଥାନୀୟ ଜିଲ୍ଲାପାଳ ପୂର୍ବରୁ ଏଠାରେ ଭୂସ୍ଖଳନ ଆଶଙ୍କା କରି ସମ୍ପୃକ୍ତ ନିଗମକୁ ଚିଠି ଲେଖିଥିଲେ । ମାତ୍ର ସେମାନେ ଏହା କରିନଥିଲେ । ଘଟଣା ପରେ ମୁଖ୍ୟମନ୍ତ୍ରୀ ଭିଡି ସତୀଶନ ଜରୁରୀ ବୈଠକ ଡାକିଛନ୍ତି । କୃଷିମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଘଟଣା ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି । ଉକ୍ତ ଅଞ୍ଚଳରେ ୨୪ ଘଣ୍ଟାରେ ୨୦୦ ମିମି ବର୍ଷା ରେକର୍ଡ କରାଯାଇଛି ।

## ଲଘୁଚାପ...

ଥିଲା ଯେ ତାଙ୍କର ଶବ ମିଳିପାରିନଥିଲା । ଏ ନେଇ ବୈଶିଙ୍ଗା ଥାନାରେ ପରିବାର ବର୍ଗଙ୍କ ଲିଖିତ ଅଭିଯୋଗକୁ ଆଧାର କରି ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ରାତି ହୋଇଯିବା ସହ ଖବର ଲେଖା ହେବା ସୁଦ୍ଧା ମୃତ ଯୁବକଙ୍କର କୌଣସି ପତ୍ତା ମିଳିପାରିନଥିଲା । ରାତି ହୋଇଯିବା ସହ ଖବର ଲେଖା ହେବା ସୁଦ୍ଧା ମୃତ ଯୁବକଙ୍କର କୌଣସି ପତ୍ତା ମିଳିପାରିନଥିଲା । ବୈଶିଙ୍ଗା ଆଞ୍ଚଳିକ ବାରିଣୀ ଘାଟ, ବେତନଟୀ ତହସିଲଦାର ଚିରଞ୍ଜିତ ବେହେରା ଘଟଣା ସ୍ଥଳରେ ଉପସ୍ଥିତ ରହିଥିଲେ । ଏହି ଘଟଣାକୁ ନେଇ ହଜାର ହଜାର ଜନସାଧାରଣ ଏକାଠି ହୋଇଥିଲେ । ବଙ୍ଗସାହି ଧିଆପାଳ ସନାତନ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ ।

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଙ୍ଗରପଡା ପଞ୍ଚାୟତ ଅଙ୍କୁରା ଗ୍ରାମର ବାସୁଦେବ ନାୟକଙ୍କ ପୁଅ ବିଜୟ ନାୟକ (୩୨) ସାଙ୍ଗଙ୍କ ସହ ଗ୍ରାମ ସଂଲଗ୍ନ ବୈତରଣୀ ନଦୀକୁ ଯାଇ ଗାଧୋଇବା ସମୟରେ ନଦୀରେ ଭାସି ଯାଇ ନିଖୋଜ ଥିଲେ । ମଙ୍ଗଳବାର ସକାଳୁ ପାଟଣା ଅଗ୍ନିଶମ ବାହିନୀ ଓ କେନ୍ଦ୍ରାଧିକାରୀ ଗୌରମୋହନ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ଓଡ଼ାଫ ଟିମ ପାଟଣା ଥାନା ଏ ଏସ ଆଇ ଗୌରହରି ଗଡନାୟକ ଉପସ୍ଥିତିରେ ନଦୀରୁ ଖୋଜା ଖୋଜି ପରେ ଘଟଣା ସ୍ଥଳରୁ ୫ ଶହ ମିଟର ପାଖା ପାଖି ଦୂର ମାଟିଆ ମୁହାଣ ନିକଟ ନଦୀ ର ପଥୁରିଆ ସ୍ଥାନ ରୁ ବିଜୟଙ୍କ ଶବ ଉଦ୍ଧାର କରିଛି । ଏ ନେଇ ପାଟଣା ଥାନା ଅପମୃତ୍ୟୁ ମାମଲା ୩୪/୨୦୨୬ ମୂଳେ ଶବ ବ୍ୟବଚ୍ଛେଦ କରାଇଥିବା ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି ।

କଟକ ଜିଲ୍ଲା ବାଙ୍କୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥ ମହାନଦୀ ଘାଟରେ ଏକ ଅଘଟଣ ଘଟିଛି । ନଦୀରେ ଗାଧୋଇଥିବା ବେଳେ ଜଣେ ଯୁବକ ପାଣି ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି । ବାଙ୍କୀ ଚର୍ଚ୍ଚିକାସାହିର ବାସିନ୍ଦା ଏହି ଯୁବକ ମହାନଦୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଉଥିବା ସମୟରେ ସେ ହଠାତ୍ ଗଭୀର ପାଣିକୁ ଚାଲିଯାଇ ସ୍ରୋତରେ ଭାସିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ । ଖବର ପାଇ ଅଗ୍ନିଶମ ବାହିନୀର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଯୁବକଙ୍କୁ ଠାବ କରିବା ପାଇଁ ଖୋଜାଖୋଜି ଅଭିଯାନ ଆରମ୍ଭ କରିଛି । ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ କର୍ମଚାରୀମାନେ ମିଳିତ ଭାବେ ନଦୀର ବିଭିନ୍ନ ସ୍ଥାନରେ ତଲାସି ଜାରି ରଖିଛନ୍ତି । ଶେଷ ଖବର ସୁଦ୍ଧା ନିଖୋଜ ଯୁବକଙ୍କ କୌଣସି ସନ୍ଧାନ ମିଳିନଥିବା ବେଳେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ।

## ବନ ସୁରକ୍ଷା...

୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ।

ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଜାପାନ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଉଛି । ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ଇସିଆର୍ଆଇସିସି' ଯୋଜନାରେ ୨,୪୦୫ ହେକ୍ଟର ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି । ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି । ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ - ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି । ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି । ବିକାଶ ଏବଂ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପରିବେଶବିତମାନଙ୍କୁ ସରକାରୀ ନିୟମାବଳୀର କଡ଼ାକଡ଼ି ପାଳନ ପାଇଁ ଦାବି କରିବାକୁ ଆହ୍ୱାନ ଦେଇଛନ୍ତି । ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି ।

ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ସେ କହିଛନ୍ତି ଯେ, କେବଳ ସରକାରୀ ସ୍ତରରେ ଯୋଜନା ପ୍ରଣୟନ କଲେ ଜଙ୍ଗଲର ସୁରକ୍ଷା ସମ୍ଭବ ନୁହେଁ, ଏଥିପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ନାଗରିକ ଓ ସାମାଜିକ ସଂଗଠନକୁ ଆଗେଇ ଆସିବାକୁ ହେବ । ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର 'ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର 'ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡକ୍ଟର କେ. ମୁରୁଗେଶନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## ଅଭିଯୁକ୍ତଙ୍କୁ...

ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ଦୁଇଜଣିଆ ଟିମ୍ ଝାରପଡା ଜେଲ୍‌ରେ ପହଞ୍ଚି ୮ ଜଣଙ୍କୁ ପଚରାଉଚରା କରି ଭିଡିଓ ରେକର୍ଡ କରିଛି । ସେମାନଙ୍କ ବୟାନ ରେକର୍ଡ ହେବା ପରେ କ୍ରାଇମ୍‌ବ୍ରାଞ୍ଚ ଦୁଇଟି ମାମଲାର ପ୍ରାଥମିକ ଚାର୍ଜସିଟ୍ କରିବ । ଚାର୍ଜସିଟ୍ କରିବା ପୂର୍ବରୁ ତଥ୍ୟ ପ୍ରମାଣ ସଂଗ୍ରହ ଜରୁରୀ । ଏହା ପୂର୍ବରୁ ୩ଜଣଙ୍କୁ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ କିଛି ତଥ୍ୟ ସଂଗ୍ରହ କରିଥିଲା । ସେହି ତଥ୍ୟକୁ ଆଧାର କରି ମଙ୍ଗଳବାର ଝାରପଡା ଜେଲ୍‌ରେ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୮ ଜଣଙ୍କୁ ବିସ୍ତୃତ ଭାବେ ଜେରା କରିଛନ୍ତି ଡିଏସ୍‌ପି ରନିପ୍ରଭା ଶତପଥୀ । ତାଙ୍କ କହିବାନୁଯାୟୀ ନୂଆ ତଥ୍ୟ ମିଳିଛି । ହେଲେ ତାହା ଗଣମାଧ୍ୟମକୁ କହିହେବ ନାହିଁ । ୮ ଜଣଙ୍କୁ ଜଣ ଜଣ କରି ଜେରା କରାଯାଇଥିବା ସେ ସୂଚନା ଦେଇଛନ୍ତି । ସୌମ୍ୟ ହତ୍ୟାକାଣ୍ଡ ଘଟଣାର ୨ ମାସ ବିତିଯାଇଥିବା ବେଳେ ତିନି ମାସ ମଧ୍ୟରେ ତଦନ୍ତକାରୀ ଟିମ୍‌କୁ ଚାର୍ଜସିଟ୍ କରିବାକୁ ହେବ । ପ୍ରାଥମିକ ଚାର୍ଜସିଟ୍ ପାଇଁ ତଦନ୍ତକାରୀ ଟିମ୍ ଫୁଲ୍‌ଦମ୍‌ରେ ଏକ୍ସରସାଇଜ୍ କରୁଛି ।

## ୫ କୋଟିର...

ମାରିଜୁଆନା ବିଦେଶରୁ ନିଶା ମାଫିଆମାନେ ଆଣି ସ୍ଥଳପଥରେ ଭାରତର ବିଭିନ୍ନ ସହରକୁ ପଠାଉଛନ୍ତି । ବ୍ୟାଙ୍କକ୍‌ରୁ ଆସିଥିବା ଏହି ମାରିଜୁଆନା ଦୁଇ ଯାତ୍ରୀ କେଉଁଠୁ ସଂଗ୍ରହ କରି କେଉଁ ରାଜ୍ୟକୁ ସବୁ ନେବା ପାଇଁ ବିମାନରେ ଓହ୍ଲାଇଥିଲେ ସେନେଇ ତଦନ୍ତକାରୀ ଟିମ୍ ପଚରାଉଚରା କରୁଛି । ଭୁବନେଶ୍ୱର ବିମାନବନ୍ଦର ଦେଇ ବାରମ୍ବାର ମାରିଜୁଆନା ଭାରତକୁ ଆସୁଛି । ଏଥରକୁ ମିଶାଇ ୭ ଥର ମାରିଜୁଆନା ଜବତ ହେଲାଣି । ହେଲେ କାରବାର ଥମିବାର ନାଁ ଧରୁନାହିଁ ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,(ସବ୍ୟୁ) :ଭଦ୍ରକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ସୋମବାର ଦିନ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧିନସ୍ଥ ୨୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୧୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨୫ଜଣ ଅଭିଯୋଗକାରୀଙ୍କୁ ମୋଟ ୯୪ ହଜାର ୫ଶହ ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ,ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବି ନାରାୟଣ ସାହୁ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସମନ୍ୱିତ...

କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ ଶ୍ରୀ ଆଶିଷ ଶ୍ରୀବାସ୍ତବ, ବିହାରର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତ, ଝାଡ଼ଖଣ୍ଡର ଉନ୍ନୟନ ଆୟୁକ୍ତ ଅଜୟ କୁମାର ସିଂହ, ପଶ୍ଚିମବଙ୍ଗ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିନୋଦ କୁମାରଙ୍କ ସମେତ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକ ଏବଂ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆନ୍ତଃ-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ବିଭିନ୍ନ ପ୍ରସଙ୍ଗଗୁଡ଼ିକର ସମାଧାନକୁ ତ୍ୱରାନ୍ୱିତ କରିବା ଏବଂ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ସାମୂହିକ ସଂକଳ୍ପ ସହିତ ବୈଠକ ସଫଳତାର ସହ ସମାପ୍ତ ହୋଇଥିଲା ।

ଓଡ଼ିଶା ସରକାରଙ୍କ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଠକରେ ମୋଟ ୭୪ଟି କାର୍ଯ୍ୟସୂଚୀ(ଏଜେଣ୍ଡା) ଆଲୋଚନା ପାଇଁ ଉପସ୍ଥାପିତ ହୋଇଥିଲା । ଏଥିମଧ୍ୟରେ ପୂର୍ବ ବୈଠକରୁ ରହିଥିବା ୧୨ଟି ପ୍ରସଙ୍ଗ, ୬୧ଟି ନୂତନ ପ୍ରସଙ୍ଗଏବଂ ଗୋଟିଏ ପ୍ରସ୍ତାବ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକର ଶ୍ରେଷ୍ଠ ପଦ୍ଧତି ଅବଲମ୍ବନ କରାଯାଉଥିବା ସମ୍ପର୍କିତ ସାମିଲଥିଲା ।

ବୈଠକରେ ଆଲୋଚିତ ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ଆନ୍ତଃ-ରାଜ୍ୟ, ଉନ୍ନୟନମୂଳକ କାର୍ଯ୍ୟ ଏବଂ ସୁଶାସନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରମୁଖ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଆନ୍ତଃ-ରାଜ୍ୟ ଜଳ ସମସ୍ୟା, ବନ୍ୟା ପରିଚାଳନା, ଭିତ୍ତିଭୂମି ବିକାଶ, ରେଳ ପ୍ରକଳ୍ପ, ଥଇଥାନ ଓ ପୁନର୍ବାସ, କ୍ଷତିପୂରଣ, ପରିବେଶକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳରେ ଖଣି କାର୍ଯ୍ୟକଳାପ ଓ ତଦ୍ ଜନିତ ସମସ୍ୟାର ସମାଧାନ, ମଣିଷ-ହାତୀ ସଂଘର୍ଷ ପରିଚାଳନା, ସାଇବର ସୁରକ୍ଷା, ଡିଜିଟାଲ ଭିତ୍ତିଭୂମି, ଦୂରସଞ୍ଚାର ସଂଯୋଗୀକରଣ, ବ୍ୟାଙ୍କିଂ ସେବା ବିହୀନ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସୁବିଧା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସଂପର୍କିତ ଅନ୍ତର୍ଭୁକ୍ତ ଥିଲା ।

ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପ ଏବଂ ଓଡ଼ିଶା ଓ ଝାଡ଼ଖଣ୍ଡକୁ ପ୍ରଭାବିତ କରୁଥିବା ବନ୍ୟାଜନିତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଓଡ଼ିଶା ଓ ଝାଡ଼ଖଣ୍ଡର ଜଳସମ୍ପଦ ବିଭାଗର ସଚିବମାନଙ୍କୁ ନିଜ ନିଜ ଟିମ୍ ସହିତ ମିଳିତ ଆଲୋଚନା କରି ପରବର୍ତ୍ତୀ ପୂର୍ବାଞ୍ଚଳ ପରିଷଦ ବୈଠକ ପୂର୍ବରୁ ଏକ ସର୍ବୋତ୍ତମ ସମାଧାନ ବାହାର କରିବାକୁ ପରାମର୍ଶ ଦିଆଯାଇଛି । ପୂର୍ବାଞ୍ଚଳ ପରିଷଦ ଅନ୍ତର୍ଗତ ଅନ୍ୟ ରାଜ୍ୟଗୁଡ଼ିକ ସଂପର୍କିତ ଆନ୍ତଃ-ରାଜ୍ୟ ନଦୀ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ବୈଠକରେ ଓଡ଼ିଶାର ଟେଲିକମ୍ ସଂଯୋଗୀକରଣ ସଂପର୍କିତ ରହୁଥିବା ସମସ୍ୟା ଉପରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅର୍ଥ ବିଭାଗର ପ୍ରମୁଖ ସଚିବ ଗୁରୁତ୍ୱାରୋପ କରି ବୈଠକରେ ଆଲୋଚନା କରିଥିଲେ । ବ୍ୟାଙ୍କିଂ ସେବା ବିହୀନ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର କାର୍ଯ୍ୟକାରିତା, ନେଟୱର୍କ ସଂଯୋଗୀକରଣ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ଥିବା ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତା ଏବଂ ସାଇବର ଅପରାଧ ତଦନ୍ତ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଝାଡ଼ଖଣ୍ଡରେ ବିଭିନ୍ନ ନଦୀବନ୍ଧ ( ଡ୍ୟାମ) ନିର୍ମାଣ ସମ୍ବନ୍ଧୀୟ ପ୍ରସଙ୍ଗ ସହିତ ଥଇଥାନ, ପୁନର୍ବାସ ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରାଯାଇଥିଲା । ରେଳବାଇ ସମ୍ବନ୍ଧୀୟ ପ୍ରସଙ୍ଗ, କ୍ଷତିପୂରଣ ସହିତ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା । ସ୍ଥାୟୀ କମିଟି ବୈଠକରେ ଖାଦ୍ୟ ସୁରକ୍ଷା ମାନଦଣ୍ଡ ଓ ନିୟାମକ ଢାଞ୍ଚା, ଡିଜିଟାଲ ଭିତ୍ତିଭୂମିର ସୁଦୃଢ଼ୀକରଣ, ଡାଟା ସେଣ୍ଟରର ଅଭିବୃଦ୍ଧି, ସୂଚନା ପ୍ରଯୁକ୍ତି ସମ୍ବନ୍ଧୀୟ ପଦକ୍ଷେପ, ଶିଶୁମାନଙ୍କର ବାଧ୍ୟତାମୂଳକ ବାୟୋମେଟ୍ରିକ୍ ପିଏମ୍-ବିଦ୍ୟାଲକ୍ଷ୍ମୀ ଯୋଜନାର କାର୍ଯ୍ୟାନ୍ୱୟନରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ଅନ୍ୟାନ୍ୟ ଏଜେଣ୍ଡା ମଧ୍ୟରେ ପୂର୍ବାଞ୍ଚଳ ପରିଷଦ ଅନ୍ତର୍ଗତ ରାଜ୍ୟଗୁଡ଼ିକରେ ପ୍ରମୁଖ ଖଣିଜ ବ୍ଲକଗୁଡ଼ିକର ନିଲାମ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ସଡ଼କ ସଂଯୋଗୀକରଣ ଓ ସଫଳତା, ଜଳ ଜୀବନ ମିଶନ ୨.୦ର କାର୍ଯ୍ୟାନ୍ୱୟନ ସ୍ଥିତି, ସହରାଞ୍ଚଳ ମାଷ୍ଟର ପ୍ଲାନଗୁଡ଼ିକର ଅଦ୍ୟତନ କରାଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ (ପିଏମଏୱାଇ ୨.୦) ଅଧୀନରେ ଅନୁମୋଦନ ଓ ଅଗ୍ରଗତି, ବିଦ୍ୟାଳୟରୁ ଅଧାରୁ ପାଠପଢା ଛାଡ଼ିବା ହାର ହ୍ରାସ ପାଇଁ ପଦକ୍ଷେପ ଏବଂ "ସହକାର ସେ ସମୃଦ୍ଧି ଅଧୀନରେ ସମବାୟ କ୍ଷେତ୍ର ସମ୍ବନ୍ଧୀୟ ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା ।

ଅପରାହ୍ନ ଅଧିବେଶନରେ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଶ୍ରେଷ୍ଠ ପଦ୍ଧତି (ବେଷ୍ଟ ପ୍ରାକ୍ଟିସେସ୍) ଏବଂ ଅଭିନବ ପଦକ୍ଷେପଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଓଡ଼ିଶା ପକ୍ଷରୁ ନାଗରିକ-କୈନ୍ଦ୍ରିକ ଡିଜିଟାଲ ସୁଶାସନ ପଦକ୍ଷେପ ଭାବେ 'ଆମ ସାଥୀଦ ହ୍ୱାଟସ୍‌ଆପ୍ ଚାଟବଟ୍ ବ୍ୟବହାର ସଂପର୍କିତ ଉପସ୍ଥାପନ କରାଯାଇଥିଲା । ରାଜ୍ୟ ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କର ସାମାଜିକ-ଆର୍ଥିକ ସଶକ୍ତିକରଣ, ଯୋଜନାର କାର୍ଯ୍ୟକାରିତା ମୂଲ୍ୟାଙ୍କନ ଅଧ୍ୟୟନ ଏବଂ ସୁଭଦ୍ରାରୁ ମୁଦ୍ରା ଉଦ୍ୟୋଗୀ ହେବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥିଲା । ଅଧିବେଶନରେ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ(ଭୂ-ବ୍ୟାଙ୍କ) ପଦକ୍ଷେପ ସଂପର୍କରେ ମଧ୍ୟ ଉପସ୍ଥାପିତ ହୋଇଥିଲା ।

ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ ଶ୍ରୀବାସ୍ତବ ବୈଠକରେ ସଫଳତାର ସହ ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇ ବହୁ ପ୍ରସଙ୍ଗ ସମାଧାନ ହୋଇପାରିଛି ବୋଲି ପ୍ରକାଶ କରିଥିଲେ । ଓଡ଼ିଶା ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ସମସ୍ତ କାର୍ଯ୍ୟସୂଚୀ ଉପରେ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ଆବଶ୍ୟକ କରୁଥିବା ଅବଶିଷ୍ଟ ପ୍ରସଙ୍ଗ ଉପରେ ସମୟୋପଯୋଗୀ ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନରଉପରେ ଗୁରୁତ୍ୱାରୋପ କରିଥିଲେ । ସେ ସମ୍ପୃକ୍ତ ବିଭାଗ ଏବଂ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକୁ ମିଳିତ ଭାବେ କାର୍ଯ୍ୟ କରି ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶର ଗତିପଥକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ପାଇଁ ସାମୂହିକ ପ୍ରୟାସକୁ ଅଧିକ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି ।

**AFFIDAVIT**

By Virtue of an affidavit no.1867 before the Executive Magistrate Bhadrak, Odisha, dt. 03/07/2026, I, Annapurna Muduli W/o- Gokul Chandra Muduli, At/Po- Haladia, P.s- Bansada, Dist- Bhardak. I have changed my name to Pradipta Muduli DOB- 12/01/1970. Henceforth, I Annapurna Muduli shall be Known as **Pradipta Muduli** for all Purposes.

# ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୧୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୭୪ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩୯ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଉପ ଜିଲ୍ଲାପାଳ ଶିବ ମାଲବୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ମୁଖ୍ୟଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ବର୍ଷାରେ ବୁଡ଼ିଲା ଶହ ଶହ ଏକର ଧାନ ତଳି

ଆରଡି,(ସବ୍ୟୁ) :ଲଘୁଚାପ ପ୍ରଭାବରେ ଗତ ୪ଦିନ ହେବ ଆରଡି ଅଂଚଳ ସମେତ ନାନ୍ଦପୁର,ସୁନ୍ଦରପୁର,ଓଲଗ,ଷାଠିବାଙ୍କୁଡା,ଅମୃତମଣୀ,ବୋଡକଗାଁ ଆଦି ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବାରୁ ନଦୀକୂଳିଆ ଅଂଚଳ ସହିତ ତଳିଆ ଅଂଚଳରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ବିଶେଷକରି ଚାଷଜମିରେ ବର୍ଷାପାଣି ଜମି ରହିବା ଫଳରେ ଧାନ ତଳି ପଚିସଢି ନଷ୍ଟ ହେବ ବୋଲି ଚାଷୀ କହିଛନ୍ତି । ଅନ୍ୟପଟେ ଉପରମୁଣ୍ଡରେ ଲଗାଣ ବର୍ଷା ଓ ସମୁଦ୍ର ଜୁଆର ଢେ଼ଉରେ ବୈତରଣୀ ନଦୀର ତଳମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବା ଲାଗିଛି । ଫଳରେ ବୈତରଣୀ କୂଳ ଲଘି ବିଭିନ୍ନ ଏସକେପ ମାହାରା ଦେଇ ଚାଷଜମୀକୁ ପାଣି ମାଡୁଥିବାରୁ ଚଳିତବର୍ଷ ଚାଷ ଉଜୁଡିଯିବାର ଆଶଙ୍କା ଦେଖାଦେଇଛି ।

# ଥାର୍ ଗାଡ଼ି ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ

ଢେ଼ଙ୍କିକୋଟ, ୦୭।୭ (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବ୍ୟସ୍ତ ବହୁଳ ୨୦ ନମ୍ବର ଜାତୀୟ ରାଜପଥ ଖଜୁରୀଜୁଆଣି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଘଟିଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏକ ଥାର ଗାଡ଼ି ଧକ୍କା ଦେବାରୁ ଘଟଣା ସ୍ଥଳରେ ୨ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ମଟର ସାଇକେଲଟି ଚୁର୍‌ମାର ହୋଇଯାଇଛି ।ଢେଙ୍କିକୋଟର ଥାର ଗାଡି ନମ୍ବର ଓଡି୦୯ ଏ ଏ ୧୭୮୬ ଧକ୍କାରେ ଆଭେଞ୍ଚର ବାଇକରେ କେନ୍ଦୁଝର ଅଭିମୁଖେ ଯାଉଥିବା ଦୁଇଜଣ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ମୃତକ ଦୁଇଜଣ ହେଲେ ଯାଜପୁର ଜିଲ୍ଲା କୁଆଖିଆ ମଙ୍ଗପାଳର ଆକଶ ମାଝୀ ( ୨୬) ଓ ପ୍ରଫୁଲ୍ଲ ମଲ୍ଲିକ ( ୨୮) ବୋଲି ଜଣାପଡିଛି । ବାଇକ ଆରୋହୀ ଦୁହେଁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଥାର ଗାଡି ନଂ ଓଡି୦୯ ଏ ଏ ୧୭୮୬ ତାଙ୍କୁ ଦ୍ରୁତ ଗତିରେ ପଛପଟରୁ ଧକ୍କା ଦେଇଥିଲା । ଥାର ଗାଡି ଟି ଢେଙ୍କିକୋଟର ବୋଲି ଜଣାପଡିଛି । ଖବରପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ୨ ଯୁବକଙ୍କ ମୃତଦେହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ବସ୍ତା ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ବାଲେଶ୍ୱର,(ସବ୍ୟୁ) :ବସ୍ତା ତହସିଲ ପକ୍ଷରୁ ସରକାରୀ ନାଳ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ପରେ ବର୍ଷା ଦିନରେ ଜଳମଗ୍ନ ସମସ୍ୟାରେ ପୀଡ଼ିତ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି । ବସ୍ତା ବ୍ଲକ୍ ରଘୁନାଥପୁର ପଞ୍ଚାୟତ ଗିଲାଯୋଡ଼ି ଗ୍ରାମରେ ଥିବା ସରକାରୀ ନାଳର ପ୍ରାୟ ୧୩ ଡିସମିଲ ଜମିକୁ ଜବରଦଖଲ କରି ମାଟି ପକାଇ ପୋତି ଦିଆଯାଇଥିଲା । ପରେ ଉକ୍ତ ସ୍ଥାନରେ କଂକ୍ରିଟ ରାସ୍ତା, ଗୁହାଳଘର ଓ ପକ୍କା ଘର ନିର୍ମାଣ କରାଯିବା ସହ ବାଲି ଗଚ୍ଛିତ କରାଯାଉଥିଲା । ପାଣି ନାଳ ବନ୍ଦ ହୋଇଯିବା ଫଳରେ ବର୍ଷା ଋତୁରେ ଆଖପାଖ ଅଞ୍ଚଳର ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଥିଲା । ଏହାର ପ୍ରଭାବରେ ପ୍ରତିବର୍ଷ ଚାଷଜମି ଓ ବହୁ ଘର ଜଳମଗ୍ନ ହେଉଥିଲା । ଏନେଇ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ ପରେ ଜବରଦଖଲକାରୀଙ୍କୁ ନୋଟିସ୍ ଦିଆଯାଇଥିଲା । ମାତ୍ର ସେମାନେ ଏହାକୁ ଗୁରୁତ୍ୱ ଦେଇନଥିଲେ । ଶେଷରେ ଗୁରୁବାର ଦିନ ବସ୍ତା ଅତିରିକ୍ତ ତହସିଲଦାର ପିୟୁସକାନ୍ତ ପ୍ରଧାନ, ରାଜସ୍ୱ ନିରୀକ୍ଷକ ମନୋଜ ସେଠୀ ଓ ସିଂଲା ପୁଲିସ ସମେତ ୧ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ପରେ ଗ୍ରାମବାସୀ ତହସିଲ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ସରକାରୀ ନାଳ, ଗୋଚର, ଅନାବାଦି ଓ ଜଳାଶୟ ଜମି ଉପରେ କୌଣସି ପ୍ରକାର ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ । ଭବିଷ୍ୟତରେ ଏଭଳି ଅଭିଯୋଗ ମିଳିଲେ ତୁରନ୍ତ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବସ୍ତା ତହସିଲ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

**GOVT. OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-II, KEONJHAR**
E-mail : eerw_kjr2@yahoo.com
25001/668/2627
"e" Procurement Notice for Building Works
Identification No.Online NCB - 04/2026-27

| | | |
|---|---|---|
| 1. | Name of the Work | Building Works |
| 2. | Total Number of Works | As per Annexure |
| 3. | Estimated Cost | Rs. 1.00 Lakhs to 10.00 Lakhs |
| 4. | Class of Contractor | 'D' & 'C' Class |
| 5. | Period of Completion | As Per Annexure of e-Procurement Notice No. 04/2026-27 |
| 6. | Other details | |

| Procurement Officer | Bid Identification No. | Availability of Tender on-line for bidding (From) | Availability of Tender on-line for bidding (To) | Last Date & Time of seeking Tender clarification | Date & Time of Opening of Tender in O/o S.E., R.W. Division-II, Keonjhar (Single Cover) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Building Online NCB No.04 | Dt. 10.07.26 at 11.00 A.M. | Dt. 21.07.26 up to 5.00 P.M. | Dt. 20.07.26 up to 5.00 P.M. | Dt. 22.07.26 at 11.00 A.M. |

8. Further details can be seen from the Website www.tendersorissa.gov.in

Sd/- Executive Engineer
R.W. Divn. No-II, Keonjhar

OIPR : 25001/25093/1/26-27/0004

**OFFICE OF THE SUPERINTENDING ENGINEER**
**ELECTRICAL CIRCLE (R&B)**
**NIRMAN SOUDHA BHUBANESWAR**
34001/454/2627 E-mail seec.bbsr2010 @ gmail.com
Bid Identification No.S.E.E.C (R&B) 22/2026-27
No. 3132 / Date. 03.07.2026

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.10.07.2026 at 05.00 P.M. to dt.27.07.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.28.07.2026 at 11.30 A.M. in the Office of the Superintending Engineer. Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**

Addendum / Corrigendum, if required, will be available only in the Website.

Sd/- Superintending Engineer
Electrical Circle (R&B) Odisha,
BBSR

OIPR : 34001/34006/1/26-27/0022

**OFFICE OF THE NOTIFIED AREA COUNCIL, KESINGA**
13001/1102/2627
No. 2236/NAC(K) Dated the 06.07.2026
**QUOTATION CALL NOTICE**

Sealed quotations are invited from registered workshops/firms for repairing of four (03) Nos. of Tractor Trolleys of NAC, Kesinga as per the approved estimate and specifications available in the schedule. The quotation paper will be received through Regd.Post/Speed Post/Corier/ By hand.

The detailed quotation schedule can be obtained from the office of the undersigned on payment of Rs. 2,000/- (Rupees Two Thousand) only, which is non-refundable, during office hours from 07.07.2026.

The quotation shall be accompanied by Earnest Money Deposit (EMD) @ 1% of the quoted value in the form of STDR/NSC/KVP/FDR pledged in favour of the Executive Officer, NAC, Kesinga.

- Date of Sale of Quotation Schedule: 07.07.2026
- Last Date & Time for Receipt of Quotation: 15.07.2026 up to 3.00 PM
- Date & Time of Opening of Quotation: 17.07.2026 at 11.30 AM in the office chamber of the Executive Officer, NAC, Kesinga.

The Executive Officer, NAC, Kesinga reserves the right to accept or reject any or all quotations without assigning any reason thereof.

Sd/- Executive Officer
NAC, Kesinga

OIPR : 13001/13109/1/26-27/0005

**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN - 761012
13001/1095/2627
Ph. 06814-295053
(E-mail) : dgp_nac@yahoo.com
Letter No. 2083 / DGNAC
Date : 02.07.2026
**ବିଜ୍ଞାପନ**

[illegible]
(ଡ଼ାକ ଡ୍ରାଫ୍ଟ / ବିନିଶ ଡ୍ରାଫ୍ଟ : Infavour of Executive Officer, NAC Digapahandi payble at Digapahandi)
[illegible]

| କ୍ର.ନଂ. | [illegible] | [illegible] | [illegible] |
|---|---|---|---|
| ୦୧ | [illegible] | ଟ. ୫,୫୦,୦୦୦.୦୦ / ପ୍ରତି ମାସ | [illegible] |
| ୦୨ | [illegible] | ଟ. ୩୦,୦୦୦.୦୦ / ପ୍ରତି ମାସ | |
| ୦୩ | [illegible] | ଟ. ୧୨,୦୦୦.୦୦ / ପ୍ରତି ମାସ | |

[illegible]
ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି

OIPR : 13001/13117/1/26-27/0014

**Government of Odisha**
**Higher Education Department**
11001/199/2627
**Mukhyamantri Research Fellowship-2026-27 under MRIP**
****
**Timeline for the Ph.D. registered students under SAMS for the State Public Universities**

Applications are invited from the Ph.D. registered students of the State Public Universities under Higher Education Department & other Departments of Government of Odisha through 'Student Academic Management System (SAMS)' portal as per the time table given below. Any changes in the dateline will be published in the newspapers as well as in the website **www.samsodisha.gov.in.** Kindly refer the revised guidelines, issued by the OSHEC on 06/06/2026 (available on the SAMS Portal) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 07-July-2026 (Tuesday) (04:00 PM) |
| 2 | Last date of applying online CAF through www.samsodisha.gov.in | 30-July-2026 (Thursday) (11.45 PM) |
| 3 | Editing of the CAF (If required), by the eligible applicants for the CAF submitted earlier (New CAF submission is not allowed on this day) | 31-Jul-2026 (Friday) (11.00 AM to 11.45 PM) |
| 4 | Submission of applicant's data to Odisha State Higher Education Council (OSHEC) by OCAC | 05-Aug-2026 (Wednesday) (11:00 AM) |
| 5 | Document verification of the eligible applicants at Odisha State Higher Education Council (OSHEC) | Date will be notified later in the SAMS portal |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: (i) To enroll into the MRF programme, the candidate must be a permanent resident of Odisha.
(ii) The candidate must have registered in between 01.04.2024 to 19.07.2026 under an approved research guide (Refer 4.1.2 of the revised guidelines).
(iii) Research scholars, selected in MRIP-2025 to receive fellowship and not registered in SAMS are not eligible to apply again.

Sd/- Officer on Special Duty
PTC Section

OIPR : 11001/11001/1/26-27/0023

**Office of the CDM&PHO. Sambalpur**
**District Programme Management Unit (NHM)**
District Headquarter Hospital, Modipada, Sambalpur.
Tel/Fax; 0663 "2400441
Email: nhmsambalpur@gmail.com
10001/340/2627 Advt. No. 2089 **Contractual Appointment** Date : 06.07.2026

Interested candidates fulfilling the eligibility criteria are requested to submit application for filling up the following posts under National Health Mission, Sambalpur on contractual basis for a period of 11 months with monthly remuneration as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time. Minimum age for all said post is completion of 21 years of age as on 01.07.2026.

| Sl. No | Name of the Post | Vacancy | Base Remuneration (In Rs.) |
|---|---|---|---|
| 1 | MO Ayush (Co-locational facility)- Homoeopathic | 7 (ST (Male)-3, ST(Female)-1, SC (Male)-1, SC (Female)-1,UR(Male)-1) | 31,714/- |
| 2 | MO Ayush (Co-locational facility) - Ayurvedic | 5 (ST (Male)-3, ST(Female)-1, UR (Male)-1) | 31,714/- |
| 3 | MO Ayush (Co-locational facility)- Unani | 1 (UR-1) | 31,714/- |
| 4 | MO Ayush -RBSK-Homoeopathic | 2 (ST(Male)-2) | 31,714/- |
| 5 | MO Ayush -RBSK-Ayurvedic | 3(ST(Male) -1, SC(Male) -1, ST( Female)-1 | 31,714/- |
| 6 | Urban Data Manager | 1 | 20,483/- |
| 7 | Occupational Therapist-DEIC | 1 | 37,319/- |

The above positions are purely temporary and also co-terminus with the scheme. Canvassing in any form will lead to disqualification of candidature. Candidates fulfilling the eligibility criteria may apply for the post. Details of qualification and experience of each category of post along with application form can be downloaded from the district website: http://Sambalpur.odisha.gov.in . The application should reach to the CDM&PHO-cum-DMD, O/o CDM&PHO, Sambalpur, At/Po- Modipada, Dist-Sambalpur, PIN-768002 on or before 20.07.2026 by 5.00 PM. only through Speed Post/ Registered Post. Application received after the due date & time will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hosted in the district website. The undersigned reserves the right to cancel any or all the applications without assigning any reason or communication thereof. No personal enquiry regarding recruitment should be entertained. This office will not be responsible for any postal delay.

Sd/- CDM&PHO-cum-District Mission Director,
Sambalpur

OIPR : 10001/10049/1/26-27/0004

7001/63/2627
**NOTICE INVITING TENDER**
Office of District Manager
Odisha State Civil Supplies Corporation Ltd. (OSCSC)
Subarnapur, Phone:7092925898
**TENDER No- 988 / Dated: 06.07.2026**

Cost of Tender Document: - Rs.11800/- Inclusive of GST.
Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).

| | | |
|---|---|---|
| 1 | Availability of tender documents | From Date -07.07.2026 At-5.00 PM Downloadable from website: www.oscsc.in, www.foododisha.in&www.tendersodisha.gov.in |
| 2 | Date, time and venue for pre-bid conference. | On dt-08.07.2026, AM 1.30 AM Place.-Conference Hall of Collectorate Subarnapur |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to 5.00 PM. Of dt. 21.07.2026 |
| 4 | Date, time and venue for opening of Technical Bid by the Tender Committee | On dt 22.07.2026 at 11.30 A.M. Place Conference Hall of Collectorate, Subarnapur. |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 22.07.2026 at 11.30 A.M. Place-Conference Hall of Collectorate, Subarnapur. |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate,Subarnapur |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd.:- District Manager :-No-9437068432 Accounts Head . No-7092925898 (ii) State Procurement Cell :- 0674-2530998 / 18003456765 |

By Order of Collector
Sd/- District Manager
OSCSC Ltd. Subarnapur

OIPR : 7001/7030/1/26-27/0003

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ପୁରୀ, (ସବ୍ୟୁ) : ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀର ୪୭ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ଭାରତୀୟ ଜ୍ଞାନପରମ୍ପରାରେ ଏହାର ଅବଦାନ ଓ ସଂସ୍କୃତକୁ ସମସ୍ତ ଭାଷାର ଜନନୀ ବୋଲି କହି ଉଦବୋଧନ ଦେଇଥିଲେ। ସେ ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବ୍ରହ୍ମାସ୍ତ୍ର, ପୁଷ୍ପକ ବିମାନ ଭଳି ବିଭିନ୍ନ ବୈଜ୍ଞାନିକ ଓ ରହସ୍ୟମୟ ଧାରଣା ସଂସ୍କୃତ ସାହିତ୍ୟରେ ନିହିତ ରହିଥିବା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ବିଶ୍ୱବିଦ୍ୟାଳୟର ଗୌରବମୟ ପରମ୍ପରା, ଶିକ୍ଷା, ଗବେଷଣା ଓ ସଂସ୍କୃତ ଭାଷାର ପ୍ରସାରରେ ଏହାର ଅବଦାନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।

ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ହରିହର ପ୍ରଧାନ, ଶୋଭାବତୀ ମାନସିଂହ, ସୁବର୍ଣ୍ଣା ମାରାଣ୍ଡି, ସୁରେନ୍ଦ୍ର ବିଶୋଇ ଏବଂ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (+୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ସୁଶ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ "ବଂଶୀଧର ଓ ବସନ୍ତ ମଞ୍ଜରୀ ସମ୍ମାନ" ପ୍ରଦାନ କରାଯାଇଥିଲା। ତତ୍ସହିତ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.) ପକ୍ଷରୁ ଶ୍ରୀ ଅନିଲ କୁମାର ମହାନ୍ତି ଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ଶ୍ରୀମତୀ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ମିଡିଆ ସେଲ୍‌ର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



## ଆଇଆଇଟି ଭୁବନେଶ୍ୱରକୁ 'ପ୍ରକୃତି ମିତ୍ର ପୁରସ୍କାର

ଜଟଣୀ, (ସବ୍ୟୁ): : ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଅନୁକରଣୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬' ପ୍ରଦାନ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଅଂଶ ଭାବରେ ଏହି ପ୍ରତିଷ୍ଠାନକୁ ଜଟଣୀ ବ୍ଲକ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା।ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଠାରୁ ଖୋର୍ଦ୍ଧାର ବିଭାଗୀୟ ବନ ଅଧିକାରୀ (ଡିଏଫଓ) ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ।ଏହି ଅବସରରେ କେ ରବିନ କୁମାର ଦୋରା, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆଇଆଇଟି ଭୁବନେଶ୍ୱର ଏବଂ ଉଦ୍ୟାନ କୃଷି, ଆଇଆଇଟି ଭୁବନେଶ୍ୱର କାମିରେଡ଼ି ବିଶ୍ୱେଶ୍ୱରା ରେଡ୍ଡୀ ଉପସ୍ଥିତ ଥିଲେ, ଯେଉଁମାନେ ଅନୁଷ୍ଠାନର ସବୁଜ କ୍ୟାମ୍ପସ ପଦକ୍ଷେପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଆପୋଲୋ ହସ୍ପିଟାଲ୍ସ ରାଉରକେଲାରେ ସଫଳ ସନ୍ଧି ଏବଂ ହିପ୍ ପ୍ରତିସ୍ଥାପନ

ଭୁବନେଶ୍ୱର, (ସବ୍ୟୁ) : ଆପୋଲୋ ହସ୍ପିଟାଲ୍ସ ରାଉରକେଲା ହସ୍ପିଟାଲରେ ଦୁଇ ବୟସ୍କ ରୋଗୀଙ୍କ ଚିକିତ୍ସା ସଫଳତାର ସହିତ ସମ୍ପର୍ଣ୍ଣ ହୋଇଛି। ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ସନ୍ଧି ପ୍ରତିସ୍ଥାପନ ( ଜଏଣ୍ଟ ରିପ୍ଲେସମେଣ୍ଟ ) ଏବଂ ଅନ୍ୟ ଜଣଙ୍କର ହିପ୍ ପ୍ରତିସ୍ଥାପନ ଚିକିତ୍ସା ହୋଇଛି । ଏହି ଉଭୟ ରୋଗୀ ଏବେ ସୁସ୍ଥ ଅନୁଭବ କରୁଥିବା ପ୍ରକାଶ କରିଛନ୍ତି । ଆପୋଲୋ ହସପିଟାଲର ଉନ୍ନତ ଅର୍ଥୋପେଡିକ୍ ବିଶେଷଜ୍ଞ ତଥା ରାଉରକେଲାର ପ୍ରସିଦ୍ଧ ପରାମର୍ଶଦାତା ଅସ୍ଥି ଏବଂ ଗଣ୍ଠି ପ୍ରତିସ୍ଥାପନ ସର୍ଜନ ଡକ୍ଟର ଅଭିନାଶ ଚୌଧୁରୀଙ୍କ ଦ୍ୱାରା କରାଯାଇଥିବା ଉନ୍ନତ ଆଣ୍ଠୁ ଏବଂ ହିପ୍ ପ୍ରତିସ୍ଥାପନ ଅସ୍ତ୍ରୋପଚାର ଏହି ଦୁଇ ରୋଗୀଙ୍କୁ ଆରୋଗ୍ୟ କରିଛି । ଗଣମାଧ୍ୟମକୁ ସମ୍ବୋଧିତ କରି ଡାକ୍ତର ଅଭିନାଶ ଚୌଧୁରୀ କହିଛନ୍ତି, ଆମର ଜଣେ ଗଣ୍ଠି ପ୍ରତିସ୍ଥାପନ ରୋଗୀ ଅସ୍ତ୍ରୋପଚାର ପରେ ମାତ୍ର ଚାରି ଘଣ୍ଟା ସ୍ୱାଧୀନ ଭାବରେ ଚାଲି ଆମକୁ ଆଶ୍ଚର୍ଯ୍ୟ କରି ଦେଇଥିଲେ । ଆଉ ଜଣେ ରୋଗୀ, ଯିଏ ଗୁରୁତର ହୋଇ ହିପ୍ ପ୍ରତିସ୍ଥାପନ ପାଇଁ ଆମ ପାଖକୁ ଆସିଥିଲେ । ସେ ଏବେ ସୁନ୍ଦର ଆରୋଗ୍ୟ ହାସଲ କରିଛନ୍ତି । ବର୍ତ୍ତମାନ ଉଭୟ କୌଣସି ଯନ୍ତ୍ରଣା ବିନା ସୁରୁଖୁରୁରେ ଚାଲୁଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ନ୍ୟୁନତମ ଇନଭେସିଭ୍ ସର୍ଜିକାଲ୍ କୌଶଳ, ପ୍ରିସିସନ୍ ଇମ୍ପ୍ଲାଣ୍ଟ, ଦ୍ରୁତ ଆରୋଗ୍ୟ, ଯନ୍ତ୍ରଣା ହ୍ରାସ, କମ୍ ହସ୍ପିଟାଲ ରହଣି ଏବଂ ଗୁରୁତର ଆର୍ଥରାଇଟିସ୍, ଗଣ୍ଠି ଅବନତି ଏବଂ ଆଘାତଜନିତ ରୋଗୀଙ୍କ ପାଇଁ ଆପୋଲୋ ହସ୍ପିଟାଲ୍ସ ରାଉରକେଲା ସୁଲଭ ମୂଲ୍ୟ ପ୍ରଦାନ କରେ । ହସ୍ପିଟାଲଟି ପଶ୍ଚିମ ଓଡ଼ିଶାର ଲୋକଙ୍କ ନିକଟରେ ବିଶ୍ୱସ୍ତରୀୟ ଅର୍ଥୋପେଡିକ୍ ଚିକିତ୍ସା ଆଣିବା ପାଇଁ ଏହାର ପ୍ରତିବଦ୍ଧତାକୁ ମଧ୍ୟ ଉଲ୍ଲେଖ କରିଛି ।



### ତ୍ରୁଟିପୂର୍ଣ୍ଣ ବହିକୁ ନେଇ ବର୍ଷିଲା ବିଜେଡି

## ୯ରୁ ୧୫ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଓ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ରହିଛି । ଯାହାର ସୁଧାର କରିବା ପରିବର୍ତ୍ତେ ଓଡିଶାରେ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ନଷ୍ଟ ହେବାରେ ଲାଗିଛି। ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାର ବିରୁଦ୍ଧରେ ବର୍ଷିଛନ୍ତି ବିଧାୟକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ।

ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ, ପାଠ୍ୟ ପୁସ୍ତକରେ ୨୦୦୦ରୁ ଊର୍ଦ୍ଧ୍ୱ ତ୍ରୁଟି ରହିଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ଗୁଡିକ ପ୍ରତ୍ୟାହାର କରିବା ନେଇ ସରକାରୀ ସ୍ତରରେ ଘୋଷଣା କରାଯାଇଥିଲା । କିନ୍ତୁ ତାହା ହେଲା ନାହିଁ । ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ କାହାରି କଥାରେ କୌଣସି ତାଳମେଳ ରହୁନାହିଁ । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ତର୍କ ବିତର୍କ ଲାଗି ରହିଛି, କିନ୍ତୁ ସମାଧାନ ହେଉନାହିଁ । ବିଜେପି ସରକାରରେ ବିଧି ବ୍ୟବସ୍ଥା ସଠିକ୍ ଭାବରେ ରହୁନାହିଁ । ଏହିଭଳି ପରିସ୍ଥିତିରେ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତିତ ରହିଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି । ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରଦାନ କରିବା ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବାରମ୍ବାର ଆନ୍ଦୋଳନ ପରେ ବି ପଦକ୍ଷେପ ଶୂନ୍ୟ ରହିଛି । ଏହା ବିରୁଦ୍ଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସ୍ଥିର କରିଛି । ଜୁଲାଇ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଓ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସ୍ଥିର ହୋଇଛି ।

ସେହିପରି ଚିନ୍ମୟ ସାହୁ କହିଛନ୍ତି ଯେ, ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି । ତ୍ରୁଟିକୁ ଶିକ୍ଷା ମନ୍ତ୍ରୀ ଖଣ୍ଡନ କରିବା ବେଳେ ସଚିବ ଅନ୍ୟ ପ୍ରତିକ୍ରିୟା ଦେଉଛନ୍ତି । କାହାରି କଥାରେ ସାମଞ୍ଜସ୍ୟ ରହୁନାହିଁ । ସେହିପରି ଇପ୍ସିତା ସାହୁ କହିଛନ୍ତି ଯେ, ଆମେ ଗଣତନ୍ତ୍ର ରାଜ୍ୟର ବାସିନ୍ଦା ହୋଇଥିବା ବେଳେ ଆମର ଗଣତାନ୍ତ୍ରିକ ଅଧିକାରକୁ ସରକାର କ୍ଷୁର୍ଣ୍ଣ କରୁଛନ୍ତି । କୁନି କୁନି ପିଲାଙ୍କୁ ଶିକ୍ଷା ଭଳି ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ବିଜେପି ସରକାର ପିଲାଙ୍କ ଭବିଷ୍ୟତକୁ ଦଳି ଚକଟି ନଷ୍ଟ କରିବା ସହ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି ବୋଲି ସେ କହିଛନ୍ତି ।



## ଯୁବକଙ୍କ ଆତ୍ମହତ୍ୟା, ପୁଲିସର ତନାଘନା

କଟକ,(ସବ୍ୟୁ): ୪୨ମୌଜା ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମରେ ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲା ଦୀନକୃଷ୍ଣ ମହାରଣାଙ୍କ ପୁଅ ଦିପୁନା ମହାରଣା(୧୯) । ପୁଲିସ ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମିଳିଥିବା ସୂଚନା ଅନୁଯାୟୀଙ୍କ ଦୀପୁନାଙ୍କ ପ୍ରକୃତ ଘର ଚଣ୍ଡିଖୋଲ ରାଧାଦେଇପୁରରେ ହୋଇଥିବା ବେଳେ ସେ ତାଙ୍କ ବଡ଼ଭାଇ ଓ ମା'ଙ୍କ ସହିତ ୪୨ମୌଜା ଦଧିବାମନପୁର ଗ୍ରାମରେ ଭଡ଼ାନେଇ ରହୁଥିଲେ । ସେ ସ୍ଥାନୀୟ ଶ୍ରୀରାମଗ୍ରାମରେ ଥିବା ଏକ ୯୯ଟଙ୍କିଆ ଷ୍ଟୋରରେ କାର୍ଯ୍ୟ କରନ୍ତି । ସେ ପ୍ରତିଦିନ ନିର୍ଦ୍ଧିଷ୍ଟ ସମୟରେ ଷ୍ଟୋରକୁ ଆସିବା ସହିତ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥାନ୍ତି । ତେବେ ଗତ କିଛିଦିନ ହେଲା ଦୀପୁନା କୌଣସି ଏକ ଘଟଣାକୁ ନେଇ ଘରଲୋକ କିମ୍ବା ଷ୍ଟୋରର ସହକର୍ମୀଙ୍କ ସହିତ ସେତେଟା କଥାବାର୍ତ୍ତା ହେଉ ନଥିଲା । ଗତକାଲି ରାତିରେ ଭାଇ ଓ ମା' ସହିତ ଦିପୁନା ଖାଇଥିଲା । ଏହାପରେ ସମସ୍ତେ ଶୋଇବା ଲାଗି ଚାଲିଯାଇଥିଲେ । ଆଜି ସକାଳେ ଦିପୁନା ତା' ପ୍ରକୋଷ୍ଠରୁ ବାହାରକୁ ବାହାରି ନଥିଲା । ଏଣୁ ତା'ର ମା କବାଟ ବାଡ଼େଇ ତାକୁ ଡାକିଥିଲେ,ହେଲେ ଭିତରୁ କୌଣସି ଉତ୍ତର ମିଳି ନଥିଲା । ଏଣୁ ସେ ସନ୍ଦେହକରି ସଂଗେ ସଂଗେ ବଡ଼ପୁଅ ଓ ପଡ଼ୋଶୀଙ୍କ ଡାକ ପକାଇଥିଲେ । ସେମାନେ ଆସି ପହଞ୍ଚିବା ପରେ କବାଟ ଭଙ୍ଗାଯିବାରୁ ଝୁଲନ୍ତା ଅବସ୍ଥାରେ ତା'ର ଶବ ଦେଖିବାକୁ ପାଇଥିଲେ ।

### ତେଜିଲା ମା'ହସ୍ତୀବାହିନୀଙ୍କ ବିଜେସ୍ଥଳୀ ସ୍ଥାନାନ୍ତର ବିବାଦ

## ଦେବୋତ୍ତରରେ ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗ

ଭୁବନେଶ୍ୱର(ସବ୍ୟୁ): କଟକ ଗତିରାଉତ ପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ହସ୍ତୀବାହିନୀଙ୍କ ବିଜେସ୍ଥଳୀ ପରିବର୍ତ୍ତନକୁ କେନ୍ଦ୍ର କରି ବିବାଦ ତେଜିବାରେ ଲାଗିଛି । ଗ୍ରାମସଭାରେ ସଂଖ୍ୟାଗରିଷ୍ଠ ଲୋକେ ଏହି ସ୍ପର୍ଶକାତର ଘଟଣାରେ ଦେବୋତ୍ତର ବିଭାଗର ହସ୍ତକ୍ଷେପକୁ ବିରୋଧ କରିଛନ୍ତି । ଠାକୁରାଣୀଙ୍କ ବିଜେସ୍ଥଳୀ ଓ ମନ୍ଦିର ଅକ୍ଷତ ଥିବା ବେଳେ ଅନ୍ୟତ୍ର ନୂଆ ମନ୍ଦିର କରି ସେଠାରେ ଠାକୁରାଣୀଙ୍କୁ ସ୍ଥାପନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠାଇଛନ୍ତି । ଶତାଧିକ ଗ୍ରାମବାସୀ ଦେବୋତ୍ତର ଭବନରେ ପହଞ୍ଚି ଏହି ଅଣପାରମ୍ପରିକ ନିଷ୍ପତ୍ତି ପରିବର୍ତ୍ତନ ପାଇଁ ଦରଖାସ୍ତ ଦେଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କଟକ ତହସିଲ, ମୌଜା-ଗଡ଼େଇ ଗତିରାଉତ ପାଟଣା, ଖାତା ନମ୍ବର-୫୦୭, ପ୍ଲଟ ନଂ- ୧୫୫୮ ଓ ୧୫୫୯ରେ ହସ୍ତୀବାହିନୀ ଠାକୁରାଣୀଙ୍କ ବିଜେସ୍ଥଳୀ । ତହସିଲ ରେକର୍ଡରେ ଏହାର କିସମ ଦେବସ୍ଥଳୀ ଭାବେ ଉଲ୍ଲେଖ ରହିଛି । ଏହାର ମାର୍ଫତଦାର ଖୋଦ ଦେବୋତ୍ତର କମିଶନର ଅଛନ୍ତି । ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ଟ୍ରଷ୍ଟ ବୋର୍ଡ ଗଠନ ହୋଇଛି । ଏହି ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ଚଳିତ ବର୍ଷ ଜୁନ ମାସ ୧୭ ତାରିଖରେ ସରିଯାଇଛି । ଟ୍ରଷ୍ଟ ବୋର୍ଡ କାର୍ଯ୍ୟକାଳ ସରିବାର କିଛି ଦିନ ପୂର୍ବରୁ ସଦସ୍ୟଗଣ ଠାକୁରାଣୀଙ୍କ ମନ୍ଦିର ଅନ୍ୟତ୍ର ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଯାହାକି ଦେବୋତ୍ତର ଆଇନସିଦ୍ଧ ନୁହେଁ । ତଥାପି ଅତ୍ୟନ୍ତ ତରବରିଆ ଭାବେ ଦେବୋତ୍ତର କର୍ତ୍ତୃପକ୍ଷ ଟ୍ରଷ୍ଟ ବୋର୍ଡର ଏହି ନିଷ୍ପତ୍ତିକୁ ମଞ୍ଜୁର କରିଦେଲେ । ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୂଆ ମନ୍ଦିର ନିର୍ମାଣ ପାଇଁ ଦିଆଯାଇଥିବା ୪୭ ଲକ୍ଷ ୨୨ ହଜାର ୧୪୨ଟଙ୍କାର ଅଟକଳ ଓ ନକ୍ସାକୁ ମଞ୍ଜୁର କରି ନୂଆ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଇଦେଲେ । କୌତୁହଳର ବିଷୟ ଯେ ଦେବୋତ୍ତର ଭବନରେ ୩୪ ବର୍ଷ ହେବ କୌଣସି ଯନ୍ତ୍ରୀ ନାହାନ୍ତି । କିନ୍ତୁ ମନ୍ଦିର କିମ୍ବା ଅନ୍ୟ ନିର୍ମାଣର ନକ୍ସା ମଞ୍ଜୁର ଅଣଯନ୍ତ୍ରୀମାନେ କିପରି କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

ଏହି ଘଟଣା ଗ୍ରାମରେ ପ୍ରଚାରିତ ହେବା ପରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଠାକୁରାଣୀଙ୍କ ବିଜେସ୍ଥଳୀ ତଥା ପୀଠର ଢାଞ୍ଚା ଅକ୍ଷତ ଥିବାବେଳେ ଅଧକୋଟି ଟଙ୍କା ଖର୍ଚ୍ଚ କରି ନୂଆ ମନ୍ଦିରକୁ ଠାକୁରାଣୀଙ୍କୁ ଉଠାଇନେବା ଭଳି ଅଣପରମ୍ପରାକୁ ସେମାନେ ବିରୋଧ କରିଥିଲେ । ହସ୍ତୀବାହିନୀ ଠାକୁରାଣୀଙ୍କ ବିଜେସ୍ଥଳୀ ପରିବର୍ତ୍ତନ ସମ୍ପର୍କରେ ଦେବୋତ୍ତର ସହକାରୀ ଆୟୁକ୍ତ ରୋହିତ ରଞ୍ଜନ ମିଶ୍ର କହିଛନ୍ତି, ଠାକୁରାଣୀଙ୍କ ପୀଠ ସମ୍ପୂର୍ଣ୍ଣ ଭାବେ ଜରାଜୀର୍ଣ୍ଣ ହୋଇପଡ଼ିଛି । ବର୍ଷା ହେଲେ ପୀଠରେ ପାଣି ଗଳୁଛି । ପୁରୁଣା ପୀଠର ଅବସ୍ଥା ଏମିତି ଯେ ତାହାକୁ ମରାମତି କରିବା ସମ୍ଭବ ନୁହେଁ ତେଣୁ ନିକଟସ୍ଥ ଜମିରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ସେଠାରେ ଠାକୁରାଣୀଙ୍କୁ ପ୍ରତିଷ୍ଠା କରାଯିବ ।



## ଖଣ୍ଡାରେ ଆକ୍ରମଣ : ୨ ଆହତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ରେଡିସାହି ବସ୍ତିରେ ରହୁଥିବା ଉର୍ବଶୀ ମାହାତୋଙ୍କ ଘରେ ପଶି ତାଙ୍କ ସ୍ୱାମୀ ଓ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ଏହା ପୂର୍ବରୁ ଉଦୟ କିରଣ ନାମକ ଜଣେ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣି ଗୁରୁତର କରିବାରୁ ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଉର୍ବସୀ ଚିକିତ୍ସା ହେବା ପରେ ଥାନାରେ ଆସି ଅଭିଯୋଗ କରିଥିଲେ । ସୋମବାର ରାତି ପ୍ରାୟ ୩ଟା ବେଳେ ୧୦/୧୫ଜଣ ଦୁର୍ବୃତ୍ତ ଖଣ୍ଡା, ଭୁଜାଲି ପରି ଧାରୁଆ ଅସ୍ତ୍ର ଧରି ଉର୍ବଶୀଙ୍କ ଘରେ ପଶିଥିଲେ । ସେମାନେ ପ୍ରଥମେ ଘରର କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ । ଉର୍ବଶୀଙ୍କ ସ୍ୱାମୀକୁ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କଲାବେ ଉର୍ବଶୀ ତାଙ୍କୁ ବଞ୍ଚାଇବା ପାଇଁ ହସ୍ତକ୍ଷେପ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଖଣ୍ଡାରେ ଆକ୍ରମଣ କରିଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି । ଏହାପରେ ସେମାନେ ତାଙ୍କ ପିନ୍ଧା ପୋଷାକ ଟଣାଓଟଣା କରି ତାଙ୍କୁ ତଳେ ପକାଇ ଦେଇଥିଲେ । ସେ ରକ୍ତାକ୍ତ ଆହତ ହୋଇ ତଳେ ପଡିଯିବା ପରେ ଚେତାଶୂନ୍ୟ ହୋଇଯାଇଥିଲେ । ଏହାପରେ ଦୁର୍ବୃତ୍ତମାନେ ତାଙ୍କ ବେକ ଚିପି ହତ୍ୟା ଉଦ୍ୟମ କରିବାକୁ ମଧ୍ୟ ପଛାଇ ନଥିଲେ । ଭୋର୍ ହୋଇଯିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ । ସେ ଚିକିତ୍ସିତ ହୋଇ ଆସିବା ପରେ ଥାନାରେ ଏତଲା କରିଥିଲେ । ସେ ଶ୍ୟାମ, ନରସିଂହ, ଅନୀଲ, ରମେଶ ଓ ରାମୁଲୁଙ୍କୁ ଚିହ୍ନିଥିବା ଏତଲାରେ ଦର୍ଶାଇଥିଲେ । ଏହା ପୂର୍ବରୁ ସେ ଉଦୟ କିରଣଙ୍କୁ ଆକ୍ରମର କରି ଗୁରୁତର କରିଥିବାରୁ ତାଙ୍କୁ ତାଙ୍କ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ । ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ଉର୍ବଶୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏମ୍.ସାମିୟାଲ (୨୦), ଶ୍ୟାମସୁନ୍ଦର ବେହେରା (୧୮) ଓ ନରସିଂହ ବେହେରା (୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ମହିଷିଆ ଖାଲରେ ଅବକାରୀ ଚଢ଼ାଉ

## ୨୬୨ ଗ୍ରାମ୍ ବ୍ରାଉନସୁଗର ଜବତ, ବାପ-ପୁଅଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବରଗଡ ଥାନା ଅନ୍ତର୍ଗତ ମହିଷିଆ ଖାଲ ବସ୍ତିରେ ଭୁବନେଶ୍ୱର ଅବକାରୀ ଟିମ୍ ଚଢାଉ କରି ୨୬୨ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ବାପ-ପୁଅଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି । ସେମାନେ ବ୍ୟବହାର କରୁଥିବା କାର୍ ମଧ୍ୟ ଜବତ ହୋଇଛି । ବ୍ରାଉନସୁଗର ପାଇଁ ମହିଷିଆଖାଲ ବସ୍ତିରେ ଏଭଳି ଗହଳି ହୋଇଥିଲା ଯେ, ତାହା ପରିବା ହାଟ ପରି ମନେ ହେଉଥିଲା । ଏହି ଗହଳିକୁ ଲକ୍ଷ୍ୟ କରି ସ୍ଥାନୀୟ କିଛି ଲୋକ ଅବକାରୀ ଟିମ୍‌କୁ ଖବର କରିବା ପରେ ସେଠାରେ ଅତର୍କିତ ଚଢାଉ କରାଯାଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ବାପା ବିଜୟ କୁମାର ମହାନ୍ତି, ପୁଅ ଓମ୍‌ପ୍ରକାଶ ମହାନ୍ତି, ତାଙ୍କ ସହଯୋଗୀ ସୁଧୀର ନାୟକ ଓ କିଶୋର ଲେଙ୍କା । ବିଜୟଙ୍କ ପରିବାର ନିୟମିତ ବ୍ରାଉନସୁଗର ବ୍ୟବସାୟ କରିଆସୁଛନ୍ତି । ସେମାନେ ରାଜୀବ ଗାନ୍ଧି ଆବାସ ଯୋଜନା ଘରେ ରହୁଛନ୍ତି । ବିଜୟଙ୍କ ସ୍ତ୍ରୀ ପୂର୍ବରୁ ବ୍ରାଉନସୁଗର କାରବାରରେ ଗିରଫ ହୋଇ ଜେଲ୍ ଯାଇଛନ୍ତି । ବିଜୟ ଲେବର କଣ୍ଟ୍ରାକ୍ଟର ଭାବେ ଜଣାଶୁଣା ।

## ଅଭିରାମ ସରସ୍ୱତୀଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

କଟକ, (ସ୍ୱପ୍ର) : ବ୍ୟାପକ ବୃକ୍ଷରୋପଣ, ପ୍ରାଚୀ ନଦୀ ପୁନରୁଦ୍ଧାର ତଥା ପରିବେଶର ସୁରକ୍ଷା ଓ ସନ୍ତୁଳନ ପାଇଁ ଦୀର୍ଘବର୍ଷଧରି କାର୍ଯ୍ୟ କରୁଥିବା ସନ୍ଥ ଅଭିରାମ ସରସ୍ୱତୀଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନୀତ କରାଯାଇଛି । ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଟକ ବନାଞ୍ଚଳ ଅଧିକାରୀଙ୍କ ପକ୍ଷରୁ ମଙ୍ଗଳବାର ୭୭ତମ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମ ଚୌଦ୍ୱାର ବାଣୀପଦା ସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ସୌଭିକ ବିଶ୍ୱାଳ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, କଟକ ବନଖଣ୍ଡ ଅଧିକାରୀ ଅନିଲ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ସନ୍ଥ ଅଭିରାମ ସରସ୍ୱତୀଙ୍କ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟଦକ୍ଷତା ପ୍ରତିବଦ୍ଧତାକୁ ଭୂୟଶୀ ପ୍ରଶଂସା କରିବା ସହ ଆଜିର ଯୁବପିଢ଼ି ଶ୍ରୀ ସରସ୍ୱତୀଙ୍କ କାର୍ଯ୍ୟ ପଦ୍ଧତିକୁ ଆପଣେଇବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟପଟେ ସନ୍ଥ ଶ୍ରୀ ଅଭିରାମ ସରସ୍ୱତୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ମାନପତ୍ର, ୧୦ ହଜାର ଟଙ୍କାର ଚେକ୍ ଅତିଥିମାନେ ପ୍ରଦାନ କରିଥିଲେ । ସେହିପରି ବାବା ସରସ୍ୱତୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ମଣିଷର ମୌଳିକ ଆବଶ୍ୟକତା କେବଳ ଖାଦ୍ୟ, ବସ୍ତ୍ର ଓ ବାସଗୃହ ନୁହେଁ । ଏଥିରେ ପ୍ରକୃତି ଓ ପରିବେଶ ମଧ୍ୟ ମଣିଷର ଜିଇଁବାର ମୌଳିକ ଉପାଦାନ । ଗଛ ଲଗାଇବା ସହିତ ନିଜ ନିଜ ଅଞ୍ଚଳରେ ପରିବେଶର ସୁରକ୍ଷା ପାଇଁ ସଭିଏଁ ଏକ ମନ ଏକ ପ୍ରାଣରେ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଥିଲେ । ଅନ୍ୟପଟେ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେବା ପରେ ବାବା ଅଭିରାମ ସରସ୍ୱତୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି ।



## ବେଗୁନିଆରେ ସାଢ଼େ ୧୨ କୋଟି ଟଙ୍କାର ଷ୍ଟାଡିୟମ୍ ଓ ଇଣ୍ଡୋର ହଲ୍ କାମ ଆରମ୍ଭ

ଭୁବନେଶ୍ୱର/ଖୋର୍ଦ୍ଧା (ସବ୍ୟୁ): ମଙ୍ଗଳବାର ବେଗୁନିଆ ନିର୍ବାଚନ ମଣ୍ଡଳୀ, ବେଗୁନିଆ ବ୍ଲକ ଅନ୍ତର୍ଗତ ବେଗୁନିଆ ଗ୍ରାମ ପଞ୍ଚାୟତର କୁସୁପଲ୍ଲା ଗ୍ରାମରେ ପ୍ରାୟ ୧୨ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରାୟ ୮.୫ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ଆଧୁନିକ ଷ୍ଟାଡିୟମ୍‌ରେ କ୍ରିକେଟ୍, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ ସମେତ ବିଭିନ୍ନ କ୍ରୀଡ଼ାର ସୁବିଧା ସହ ଏକ ଇଣ୍ଡୋର ଷ୍ଟାଡିୟମ୍ ମଧ୍ୟ ରହିବ ।

ଦୀର୍ଘ ଦିନ ଧରି ବେଗୁନିଆ ଅଞ୍ଚଳର ଯୁବକ-ଯୁବତୀ ଓ କ୍ରୀଡ଼ାପ୍ରେମୀ ମାନଙ୍କର ଏକ ଉନ୍ନତ ଷ୍ଟାଡିୟମ୍ ପାଇଁ ଦାବି ରହିଥିଲା । ସେହି ଦାବିକୁ ଗୁରୁତ୍ୱର ସହ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ପରେ ପ୍ରକଳ୍ପଟି ଅନୁମୋଦନ ପାଇଥିଲା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଯାହାର ଶିଳାନ୍ୟାସ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଷ୍ଟାଡିୟମ୍ ନିର୍ମାଣ ପରେ ବେଗୁନିଆର ଯୁବ ପ୍ରତିଭାମାନେ ନିଜ ଅଞ୍ଚଳରେ ଉନ୍ନତ କ୍ରୀଡ଼ା ସୁବିଧା ପାଇବେ ଏବଂ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି ହେବ ବୋଲି କହିଛନ୍ତି ସାଂସଦ । ପ୍ରକଳ୍ପଟି ଆସନ୍ତା ଦେଢ଼ ବର୍ଷ ଅର୍ଥାତ୍ ୨୦୨୭ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି । ଯାହାକୁ କି ବେଗୁନିଆର କ୍ରୀଡ଼ା ଭିତ୍ତିଭୂମି ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି । ଏହି ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମରେ ବେଗୁନିଆ ଅଞ୍ଚଳର ବିକାଶ କୁ ତ୍ୱରାନ୍ୱିତ କରିବା ସହିତ ଭିତ୍ତିଭୂମିର ବିକାଶ ଓ ସ୍ଥାନୀୟ ଲୋକଙ୍କୁ ରୋଜଗାରକ୍ଷମ କରିବା ପାଇଁ ଲୋକଙ୍କ ଦାବୀ ଏବଂ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ମିଳିତ ପ୍ରୟାସ ରେ ହେଉଥିବା ବିଭିନ୍ନ ପ୍ରକଳ୍ପ ବାବଦରେ ଅବଗତ କରାଇଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ । ଲୋକଙ୍କ ଦାବୀ କୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ବାରମ୍ବାର ଆଲୋଚନା କରିବା ପରେ ବେଗୁନିଆ ଠାରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେବାକୁ ଯାଉଥିବା ସୂଚନା ଦେଇଛନ୍ତି ସାଂସଦ । ଯାହା ମଧ୍ୟରେ ରହିଛି କାଲ୍ଟେରିଜ ଦ୍ୱାରା ୭୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଭାରତ ବର୍ଷର ସବୁଠାରୁ ବଡ଼ ରିଫ୍ରାକ୍ଟରି , ଗଇଝ କମ୍ପାନୀ ର କପଡ଼ା ପ୍ରସ୍ତୁତି କାରଖାନା ଇତ୍ୟାଦି । ଯାହା ଆଗାମୀ ଦିନରେ ସ୍ଥାନୀୟ ନିଯୁକ୍ତି କୁ ବେଶ୍ ପ୍ରୋତ୍ସାହନ ଦେବ । ନିକଟସ୍ଥ ଜଟଣୀ ଅଞ୍ଚଳରେ ଆରମ୍ଭ ହେଉଥିବା କପଡ଼ା କାରଖାନା ଓ ବେଗୁନିଆ କପଡ଼ା କାରଖାନା ଆଦିରେ ପାଖାପାଖି ୭୦୦୦୦ ମହିଳା ଓ ପୁରୁଷ ନିଯୋଜିତ ହେବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ।

ଏଥିସହିତ ବେଗୁନିଆ ଅଞ୍ଚଳର ଲୋକ ମାନଙ୍କ ଦୀର୍ଘ ବର୍ଷ ର ଦାବୀ କୁ ଦୃଷ୍ଟିରେ ରଖି ଅତ୍ରି ଷ୍ଟେସନ୍ ରେ ପାସେଞ୍ଜର ହଲ୍ଟ, ତିନୋଟି ସୋଲାର ଚାଳିତ କୋଲ୍ଡ ଷ୍ଟୋରେଜ କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୪ଟି ରାସ୍ତା କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି ସାଂସଦ ଅପରାଜିତା । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ,ବେଗୁନିଆର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ,ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଏବଂ ଅନ୍ୟାନ୍ୟ ବହୁ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।



# ଆତଙ୍କବାଦୀଙ୍କ କବ୍‌ଜାରେ ଆତଙ୍କୀ ରାଷ୍ଟ୍ର

## ଆକ୍ରମଣରେ ୯ ପୋଲିସ ନିହତ

ଇସଲାମାବାଦ: ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ଆଉ ଏକ ଆତଙ୍କବାଦୀ ଘଟଣା ଘଟିଛି। ଅଧିକାରୀମାନେ କହିଛନ୍ତି ଯେ, ମଙ୍ଗଳବାର ଦିନ ବଲୁଚିସ୍ତାନର ଜିଆରତ ଜିଲ୍ଲାର ମାଙ୍ଗି ଫେଜ୍-୩ ଅଞ୍ଚଳରେ ଏକ ପୁଲିସ ପୋଷ୍ଟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଦୁଇ ବରିଷ୍ଠ ଅଧିକାରୀଙ୍କ ସମେତ ନଅ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ




ଘଟିଛି। ଅନ୍ୟ ପାଞ୍ଚ ଜଣ ପୁଲିସ କର୍ମଚାରୀ ଏବେ ବି ନିଖୋଜ ଅଛନ୍ତି। ନିହତ ପୁଲିସକର୍ମୀଙ୍କ ମୃତଦେହକୁ ଜିଆରତର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ନିଆଯାଇଛି। ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି।ଜିଆରତ ଡେପୁଟି କମିସନର (ଡିସି) ଅବଦୁଲ କୁଦୁସ୍ ଆଚାକଜାଇ ଆକ୍ରମଣକୁ ନିଶ୍ଚିତ କରି କହିଛନ୍ତି, ଏହା ଏକ ଆତଙ୍କବାଦୀ ଘଟଣା ଏବଂ ମାଙ୍ଗି ଡ୍ୟାମ୍ ଅଞ୍ଚଳରେ ଘଟିଛି। ଡେପୁଟି କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ସୁରକ୍ଷା ବାହିନୀ ଅଞ୍ଚଳରେ ଅପରେସନ୍ ଚଳାଇଛନ୍ତି। ଆକ୍ରମଣ ପାଇଁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି।

# ବିଶ୍ୱର ସବୁଠୁ ବ୍ୟୟବହୁଳ ସହର ସିଙ୍ଗାପୁର

ନୂଆଦିଲ୍ଲୀ: ଧନୀମାନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ସିଙ୍ଗାପୁର ବିଶ୍ୱର ସବୁଠୁ ବ୍ୟୟବହୁଳ ସହର। ଲଗାତାର ଚତୁର୍ଥ ବର୍ଷ ପାଇଁ ସିଙ୍ଗାପୁର ଶୀର୍ଷ ସ୍ଥାନ ବଜାୟ ରଖିଛି। ଆବାସିକ ସମ୍ପତ୍ତି ଏବଂ କାର୍ ଦାମ୍ ବୃଦ୍ଧି କାରଣରୁ ସିଙ୍ଗାପୁର ଏହି ସ୍ଥାନରେ ରହିଛି। ବ୍ୟୟବହୁଳ ସହର ତାଲିକାର ଦ୍ୱିତୀୟ ସ୍ଥାନରେ ଗତବର୍ଷ ଲଣ୍ଡନ ଥିବାବେଳେ ଏଥର ଜୁରିକ୍ ସେହି ସ୍ଥାନ ଦଖଲ କରିଛି। ମୋନାକୋ ପ୍ରଥମ ଥର ପାଇଁ ରିପୋର୍ଟରେ ବିଶ୍ୱର ତୃତୀୟ ବ୍ୟୟବହୁଳ ସହରର ସ୍ଥାନ ନେଇଛି ବୋଲି ସ୍ୱିଜରଲାଣ୍ଡର ସମ୍ପତ୍ତି ପରିଚାଳନା ସଂସ୍ଥା ଜୁଲିୟସ ବେୟର ଗ୍ରୁପ୍ ଲିମିଟେଡ ପକ୍ଷରୁ ପ୍ରକାଶିତ ଗ୍ଲୋବାଲ ୱେଲଥ୍ ଆଣ୍ଡ ଲାଇଫଷ୍ଟାଇଲ ରିପୋର୍ଟ ୨୦୨୬ରେ କୁହାଯାଇଛି। ଚଳିତବର୍ଷ ବିଶ୍ୱର ବ୍ୟୟବହୁଳ ସହର ତାଲିକାରେ ଚତୁର୍ଥରୁ ଦଶମ ସ୍ଥାନରେ ଯେଉଁ ସହରଗୁଡ଼ିକ ରହିଛନ୍ତି ସେଗୁଡ଼ିକ ଯଥାକ୍ରମେ ହେଲେ ହଂକଂ, ଲଣ୍ଡନ, ସାଂଘାଇ, ପ୍ୟାରିସ୍, ସିଡ୍ନି, ମିଲନ୍ ଓ ବ୍ୟାଙ୍କକ୍। ଆବାସିକ ସମ୍ପତ୍ତି, କାର୍, ବିଜନେସ୍ ଶ୍ରେଣୀ ବିମାନ ଯାତ୍ରା, ସ୍କୁଲ ଫି ଏବଂ ଭୋଜନ ଭଳି ୨୦ଟି ସାମଗ୍ରୀ ଓ ସେବାର ମୂଲ୍ୟକୁ ନେଇ ଜୁଲିୟସ ବେୟର୍ସ ଲାଇଫଷ୍ଟାଇଲ ଇଣ୍ଡେକ୍ସ ପ୍ରକାଶ କରାଯାଇଛି। ବିଶ୍ୱର ୨୫ଟି ସହରକୁ ଏହି ତାଲିକାରେ ରଖାଯାଇଛି। ତାଲିକାରେ ଭାରତର ଏକମାତ୍ର ସହର ଭାବେ ମୁମ୍ବାଇ ଏଥର ୨୨ତମ ସ୍ଥାନରେ ରହିଛି। ଗତବର୍ଷ ମୁମ୍ବାଇ ବିଂଶ ସ୍ଥାନରେ ରହିଥିଲା। ୩୬୦ ଜଣ ବଡ଼ ଧନୀ ବ୍ୟକ୍ତି, ଯେଉଁମାନଙ୍କର ନିବେଶଯୋଗ୍ୟ ପାରିବାରିକ ସମ୍ପତ୍ତି ଅତିକମରେ ୧ ନିୟୁତ ଡଲାରରୁ ଅଧିକ, ସେମାନଙ୍କୁ ନେଇ ସଂସ୍ଥା ପକ୍ଷରୁ ଚଳିତବର୍ଷ ଫେବ୍ରୁଆରିରୁ ମାର୍ଚ୍ଚ ମଧ୍ୟରେ ସର୍ଭେ କରାଯାଇଥିଲା। ସେଥିରୁ ଏହି ନିର୍ଯ୍ୟାସ ବାହାରିଛି। ୨୦୨୬ରେ ଉନ୍ନତ ଜୀବନଶୈଳୀ ବଜାୟ ରଖିବା ପାଇଁ ଧନୀମାନଙ୍କୁ ଆମେରିକୀୟ ଡଲାର ମୂଲ୍ୟରେ ହାରାହାରି ୧୦.୨ ପ୍ରତିଶତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି। ବ୍ୟୟବହୁଳ ସହରଗୁଡ଼ିକର ର୍ୟାଙ୍କିଂ ଜୁଲିୟସ ବେୟର ଲାଇଫଷ୍ଟାଇଲ ଇଣ୍ଡେକ୍ସ ଅନୁଯାୟୀ କରାଯାଇଛି। ବିଶ୍ୱର ବିଭିନ୍ନ ସହରରେ ବସବାସ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଲୋକ ଓ ପରିବାରଗୁଡ଼ିକର କ୍ରୟଶକ୍ତି ଏବଂ ଆର୍ଥିକ ସ୍ଥିରତା କିଭଳି ପ୍ରଭାବିତ ହେବ ସେ ସମ୍ପର୍କରେ ଉକ୍ତ ରିପୋର୍ଟ ଏକ ଦୃଷ୍ଟିକୋଣ ପ୍ରଦାନ କରିବ ବୋଲି କୁହାଯାଇଛି।

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ହୋଟେଲ ବାହାରେ କାର୍ ବିସ୍ଫୋରଣ

ଦାମାସକସ୍: ସିରିଆର ରାଜଧାନୀ ଦାମାସକସରେ ଏକ ହୋଟେଲ ବାହାରେ ଗୋଟିଏ ପରେ ଗୋଟିଏ ଦୁଇ ଥର ବିସ୍ଫୋରଣ ହୋଇଥିବା ଖବର ମିଳିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଏହି ହୋଟେଲରେ ରହିଛନ୍ତି। ସିରିଆ ରାଷ୍ଟ୍ରପତି ଅଲ୍-ଶାରାଙ୍କ ନିମନ୍ତ୍ରଣରେ ମାକ୍ରନ୍ ଦାମାସକସରେ ଅଛନ୍ତି। ବୋମା ବିସ୍ଫୋରଣରେ ଛଅ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ସିରିଆ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ଯେଉଁଠାରେ ଉଗ୍ରବାଦୀମାନେ ବିସ୍ଫୋରଣ ଘଟାଇଥିଲେ ସେଠାରେ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ପୁଲିସ କର୍ମଚାରୀ। ସେମାନେ ମାକ୍ରନଙ୍କ ସୁରକ୍ଷାରେ ନିୟୋଜିତ ଥିଲେ। ଅଲ୍ ଆରବିୟା ଅନୁଯାୟୀ ,ଯେତେବେଳେ ମାକ୍ରୋନ୍ ଅଲ୍ ଶାରାଙ୍କୁ ଭେଟିବା ପାଇଁ ହୋଟେଲରୁ ବାହାରକୁ ଯାଉଥିଲେ, ସେତେବେଳେ ହୋଟେଲ ବାହାରେ ଏକ ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା। ମାକ୍ରୋନଙ୍କ ସହିତ ଥିବା ଗଣମାଧ୍ୟମ କର୍ମଚାରୀମାନେ ଏହି ଖବର ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ମାକ୍ରନଙ୍କ ହୋଟେଲ ବାହାରେ ହୋଇଥିବା ବିସ୍ଫୋରଣରେ ଏକ କାର୍ ବ୍ୟବହାର କରାଯାଇଥିଲା। ହୋଟେଲ ବାହାରେ ଥିବା ଏକ ଲାଲ ରଙ୍ଗର କାର୍ରେ ବିସ୍ଫୋରଣ ହୋଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଭବନ ଏପର୍ଯ୍ୟନ୍ତ କୌଣସି ବିବୃତି



ଜାରି କରିନାହିଁ। କିନ୍ତୁ ବିସ୍ଫୋରଣ ପରେ ମାକ୍ରନ୍ ଅଲ ଶାରାଙ୍କ ସହ ସାକ୍ଷାତ କରିଥିବା ସୂଚନା ମିଳିଛି। ସିରିଆ ପୁଲିସ ତଦନ୍ତ ଆରମ୍ଭ କରିଛି।ଅଲ୍-ଶାରାଙ୍କ ସରକାର ସମୟରେ ସିରିଆ ଗସ୍ତରେ ଯାଇଥିବା ମାକ୍ରୋନ୍ ହେଉଛନ୍ତି ପ୍ରଥମ ୟୁରୋପୀୟ ସଂଘର ନେତା। ମାକ୍ରୋନ୍ ଦୁଇ ଦିନିଆ ଗସ୍ତରେ ଦାମାସକସ୍ ଯାଇଥିଲେ। ମଙ୍ଗଳବାର ତାଙ୍କ ଗସ୍ତର ଶେଷ ଦିନ ଥିଲା।

# ପ୍ରଧାନମନ୍ତ୍ରୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ

ନୂଆଦିଲ୍ଲୀ: ଇଣ୍ଡୋନେସିଆ ଗସ୍ତର ଏକ ଅଂଶ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଇସ୍ତାନା ମେରଡେକା (ଇଣ୍ଡୋନେସିଆର ରାଷ୍ଟ୍ରପତି ଭବନ) ଠାରେ ଇଣ୍ଡୋନେସିଆ ଗଣରାଜ୍ୟର ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋଙ୍କ ଦ୍ୱାରା ସ୍ନେହପୂର୍ଣ୍ଣ ସ୍ୱାଗତ କରାଯାଇଥିଲା ଏବଂ ଏକ ଔପଚାରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭାରତର ୭୬ତମ ଗଣତନ୍ତ୍ର ଦିବସ ପାଳନର ମୁଖ୍ୟ ଅତିଥି ଭାବେ ଜାନୁଆରି ୨୦୨୫ରେ ରାଷ୍ଟ୍ରପତି ପ୍ରବୋୱୋଙ୍କ ଭାରତ ଗସ୍ତ ପରଠାରୁ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ ଥିଲା।ଦୁଇ ନେତା ସୀମିତ ଏବଂ ପ୍ରତିନିଧି ଦଳ ସ୍ତରୀୟ ଉଭୟ ଫର୍ମାଟରେ ଆନୁଷ୍ଠାନିକ ଆଲୋଚନା କରିଥିଲେ। ସେମାନେ ବାଣିଜ୍ୟ ଏବଂ ବିନିଯୋଗ, ପ୍ରତିରକ୍ଷା ଏବଂ ସୁରକ୍ଷା, ସାମୁଦ୍ରିକ ସହଯୋଗ, ଡିଜିଟାଲ ଏବଂ ଆର୍ଥିକ ପ୍ରଯୁକ୍ତିବିଦ୍ୟା, ଶକ୍ତି, ସ୍ୱାସ୍ଥ୍ୟ ସେବା ଏବଂ ଫାର୍ମାସ୍ୟୁଟିକାଲ୍ସ, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃତ୍ତିକା, ସଂସ୍କୃତି, ପର୍ଯ୍ୟଟନ, କୃଷି ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦାନପ୍ରଦାନକୁ ଅନ୍ତର୍ଭୁକ୍ତ କରୁଥିବା ବ୍ୟାପକ ରଣନୀତିକ ସହଭାଗିତାର ସମଗ୍ର ଦିଗର ସମୀକ୍ଷା କରିଥିଲେ। ଭାରତର ଓପନ ନେଟୱାର୍କ ଫର ଡିଜିଟାଲ କମର୍ସ(ଓଏନଡିସି) ଉପରେ ଆଧାରିତ ଇଣ୍ଡୋନେସିଆ ଓପନ ନେଟୱାର୍କ(ଆଇଓଏନ) ର ଶୁଭାରମ୍ଭକୁ ଦୁଇ ନେତା ସ୍ୱାଗତ



କରିଥିଲେ। ୨୦୨୭ ମସିହାରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଇଣ୍ଡୋନେସିଆ ଗସ୍ତର ଶତାବ୍ଦୀ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଥିଲେ ଯେ ଦୁଇ ଦେଶ ମିଳିତ ଭାବେ ଏହି ଅବସରକୁ 'ସାଂସ୍କୃତିକ ଏବଂ ଶୈକ୍ଷିକ କୂଟନୀତି ପାଇଁ ଟାଗୋର-ଦେବନ୍ତର ବର୍ଷ' ଭାବେ ପାଳନ କରିବେ।ଦୁଇ ରାଷ୍ଟ୍ରନେତା ପାରସ୍ପରିକ ସ୍ୱାର୍ଥ ରହିଥିବା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ନିଜ ନିଜର ଦୃଷ୍ଟିକୋଣ ବିନିମୟ କରିଥିଲେ। ସେମାନେ ଆସିଆନ୍-ଭାରତ ବ୍ୟାପକ ରଣନୀତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଏକ ମୁକ୍ତ ଏବଂ ନିୟମ-ଆଧାରିତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

### ଇଣ୍ଡୋନେସିଆ ସଂସଦରେ ବିଜୁଙ୍କୁ ପ୍ରଶଂସା

ଇଣ୍ଡୋନେସିଆ ସଂସଦରେ ଓଡ଼ିଶା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କଥା କହିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜାକାର୍ତ୍ତାରେ ଥିବା ଇଣ୍ଡୋନେସିଆ ସଂସଦଙ୍କୁ ସମ୍ବୋଧନ କରିବା ବେଳେ ବିଜୁ ବାବୁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିନ୍ଧାଣୀ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବୋଲି ମୋଦି କହିବାକୁ ପଛାଇ ନାହାନ୍ତି। ସେହିପରି ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମଧ୍ୟ ମୋଦି କହିଛନ୍ତି।ତାଙ୍କ କହିବା କଥା ଯେ ଭାରତ ଓ ଇଣ୍ଡୋନେସିଆ ବର୍ତ୍ତମାନ "ସୁବର୍ଣ୍ଣ ଯୁଗ"ରେ ପ୍ରବେଶ କରୁଛନ୍ତି। କିନ୍ତୁ ଏହି ଘନିଷ୍ଠ ଭାରତ–ଇଣ୍ଡୋନେସିଆ ସମ୍ପର୍କର ପ୍ରକୃତ ବିନ୍ଧାଣୀ ହେଉଛନ୍ତି ବିଜୁ ପଟ୍ଟନାୟକ।ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ବିଜୁ ପଟ୍ଟନାୟକ ଜଣେ ପ୍ରଖ୍ୟାତ ପାଇଲଟ୍ ଥିଲେ। ୧୯୪୭ ମସିହାରେ ଡଚ୍ ସେନା ଜାଭା ଉପରେ ଆକ୍ରମଣ କରିଥିଲା। ଏହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଇଣ୍ଡୋନେସିଆର ପ୍ରମୁଖ ନେତୃବୃନ୍ଦଙ୍କୁ ଉଦ୍ଧାର କରିବା ଦାୟିତ୍ୱ ବିଜୁ ପଟ୍ଟନାୟକଙ୍କୁ ଦେଇଥିଲେ।ବିଜୁ ବାବୁ ମଧ୍ୟ ନିଜର ଅସାଧାରଣ ସାହସ ଦେଖାଇ ଯୁଦ୍ଧକ୍ଷେତ୍ରରେ ବିମାନ ଧରି ପହଞ୍ଚି ଯାଇଥିଲେ। ଆଉ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭାରତ ନେଇ ଆସିଥିଲେ। ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ପୁରୁଣା ଅବଦାନକୁ ମନେ ପକାଇଛନ୍ତି। ଭାରତ ଓ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିବା ବିଜୁ ବାବୁଙ୍କୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଦୁଇ ଦେଶ ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ। ଇଣ୍ଡୋନେସିଆ ୧୯୪୫ରେ ଓ ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରସଙ୍ଗରେ ଭାରତ ସର୍ବଦା ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରି ଆସିଛି।ସେହି ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକ ଯେପରି ଭାବେ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହାତ୍ତାଙ୍କୁ ସୁରକ୍ଷିତ ଭାବେ ଭାରତକୁ ଆଣିଥିଲେ, ତାହା ଦୁଇ ଦେଶର ସମ୍ପର୍କକୁ ଅଧିକ ନିବିଡ଼ ଓ ସୁଦୃଢ଼ କରିଥିଲା।"

ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଭାରତର 'ମହାସାଗର' ଭିଜନ ବା ଦୂରଦୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରପତି ପ୍ରବୋୱୋ ୨୦୨୬ ମସିହାରେ ଭାରତର ଜାରି ରହିଥିବା ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଇଣ୍ଡୋନେସିଆର ସୂର୍ଣ୍ଣ ସମର୍ଥନ ଜଣାଇଥିଲେ।ଆଲୋଚନା ପରେ ଦୁଇ ନେତାଙ୍କ ଉପସ୍ଥିତିରେ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃତ୍ତିକା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ନିର୍ବାଚନ ପ୍ରକ୍ରିୟା, ଦୂରସଂଚାର, କୃଷି, ସାମୁଦ୍ରିକ ସୁରକ୍ଷା, ମହାକାଶ, ଇସ୍ପାତ ଯୋଗାଣ ଶୃଙ୍ଖଳା, ବିପର୍ଯ୍ୟୟ ପରିଚାଳନା, ଚିକିତ୍ସା ସାମଗ୍ରୀ ନିୟାମକ, ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ବୁଝାମଣାପତ୍ର ବା ଚୁକ୍ତିନାମା ଗୁଡ଼ିକର ଆଦାନପ୍ରଦାନ ହୋଇଥିଲା।

# ଇମ୍ରାନଙ୍କ ପାଇଁ ମୁହଁ ଖୋଲିଲେ କପିଳ

ନୂଆଦିଲ୍ଲୀ: ରାୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କ୍ରିକେଟ୍‌ର ଇମ୍ରାନ ଖାଁଙ୍କ ପାଇଁ ମୁହଁ ଖୋଲିଛନ୍ତି ଭାରତର କିଂବଦନ୍ତି ଖେଳାଳି କପିଳ ଦେବ। ସେ ଇମ୍ରାନଙ୍କ ଦୁରବସ୍ଥା ପାଇଁ ଦୁଃଖପ୍ରକାଶ କରିବା ସହ ତାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦିଆଯିବା ଉଚିତ୍ ବୋଲି ସେ କହିଛନ୍ତି। କେତେକ ରିପୋର୍ଟ ଅନୁସାରେ ଜେଲରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଇମ୍ରାନଙ୍କ ଡାହାଣ ଆଖିର ପ୍ରାୟ ୮୫ ପ୍ରତିଶତ ଦୃଷ୍ଟିଶକ୍ତି ଲୋପ ପାଇଗଲାଣି। ଏହି କାରଣରୁ ତାଙ୍କ ଚିକିତ୍ସା ପାଇଁ ସେ କହିଛନ୍ତି, "ଇମ୍ରାନ କ'ଣ କରିଛନ୍ତି ତାହା ସେ ଜାଣିନାହାନ୍ତି। ଠିକ କରିଛନ୍ତି ନା ଭୁଲ, ତାହା ବି ଜାଣିନି। କିନ୍ତୁ ସେ ଜଣେ ବଡ଼ କ୍ରିକେଟର ଥିଲେ ଓ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଥିଲେ, ଏଣୁ କିଛି ନୈତିକତା ରହିବା ଆବଶ୍ୟକ, ଏଣୁ ତାଙ୍କ ପାଇଁ ମୁଁ ଦୁଃଖ ଅନୁଭବ କରୁଛି।" ଏକ ପଡ୍‌କାଷ୍ଟରେ ସେ ଆହୁରି ମଧ୍ୟ କହିଛନ୍ତି, " ମୁଁ ଆଇନ ଜାଣିନାହିଁ, ମୁଁ ଜାଣିନି ତାଙ୍କ ବିରୋଧରେ କେଉଁ କାରଣରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେ ପ୍ରଧାନମନ୍ତ୍ରୀ ହେବା ପାଇଁ ୨୦ ବର୍ଷ ପରିଶ୍ରମ କରିଥିଲେ, ଦେଶ ପାଇଁ କିଛି କରିବା ଏବଂ ଦେଶକୁ କିଛି ଫେରାଇ ଦେବାର ଇଚ୍ଛା ତାଙ୍କ ମନରେ ଥିଲା"।

# ଗୁଜରାଟରେ ମୌସୁମୀର ତାଣ୍ଡବ : ୬ ମୃତ

ସୁରଟ/ଅହମଦାବାଦ: ଗୁଜରାଟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ସହ ଗତକାଲିଠାରୁ ପ୍ରବଳ ବର୍ଷା ଜାରି ରହିଛି। ଏହାଫଳରେ ରାଜ୍ୟର ଅନେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ବର୍ଷାଜନିତ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ଏହି ମୃତକଙ୍କ ମଧ୍ୟରେ ସୁରଟରୁ ୪ ଜଣ ଏବଂ ଅମରେଲିରୁ ୨ ଜଣ ରହିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦକ୍ଷିଣ ଗୁଜରାଟରେ ହାଇ-ଆଲର୍ଟ ଜାରି କରାଯାଇଛି।ମଙ୍ଗଳବାର ସକାଳୁ ସୁରଟ ସହରରେ ଅଣାୟତ୍ତ ବର୍ଷା ଯୋଗୁଁ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବସତି ଅଞ୍ଚଳ ଓ ଘର ଭିତରେ ବନ୍ୟା ଜଳ ପ୍ରବେଶ କରିଛି। ଗତକାଲି ୧୪୧ଟି ତାଲୁକାରେ ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁରଟର କାମରେଜରେ ସର୍ବାଧିକ ୮.୫ ଇଞ୍ଚ, ସୁରଟ ସହରରେ ୭ ଇଞ୍ଚ ଏବଂ ପାଲସାନାରେ ୬ ଇଞ୍ଚ ବର୍ଷା ହୋଇଛି।

# ଗାଜାରୁ ହଟିଲା ହମାସ ଶାସନ

## ପ୍ରଶାସନିକ କମିଟିକୁ କ୍ଷମତା ହସ୍ତାନ୍ତର

ଗାଜା ସିଟି: ବିଗତ ପ୍ରାୟ ଦୁଇ ଦଶନ୍ଧି ଧରି ଗାଜା ଷ୍ଟ୍ରିପରେ ଶାସନ ଗାଦି ସମ୍ଭାଳିଥିବା ପାଲେଷ୍ଟାଇନର ସଶସ୍ତ୍ର ସଂଗଠନ "ହାମାସ" ସେଠାରେ ନିଜର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ



ରୂପେ ଭଙ୍ଗ କରିବା ସହ ନିଜର ବେସାମରିକ ପ୍ରଶାସନିକ ଦାୟିତ୍ୱ ଏକ ବୈଷୟିକ (ଟେକ୍ନୋକ୍ରାଟିକ୍) କମିଟିକୁ ହସ୍ତାନ୍ତର କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛି। ଆମେରିକାର ମଧ୍ୟସ୍ଥତାରେ ଗତ ଅକ୍ଟୋବର ମାସରେ ଇସ୍ରାଏଲ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ପରଠାରୁ ହିଁ ହାମାସ ପ୍ରଶାସନିକ ଦାୟିତ୍ୱରୁ ଦୂରେଇ ରହିବାକୁ ବାରମ୍ବାର ସଙ୍କେତ ଦେଇ ଆସୁଥିଲା। ଏହି ଐତିହାସିକ ନିଷ୍ପତ୍ତି ପରେ ଗାଜାରେ ଏକ ନୂତନ ପ୍ରଶାସନିକ ଗଠନ ପାଇଁ ରାସ୍ତା ସଫା ହୋଇଥିଲେ ମଧ୍ୟ, ହାମାସର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପ୍ରସଙ୍ଗ ଏବେ ସୁଦ୍ଧା ଅମୀମାଂସିତ ହୋଇ ରହିଛି। ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ ସରକାରୀ ଜରୁରୀକାଳୀନ କମିଟିର ମୁଖ୍ୟ ମହମ୍ମଦ ଅଲ-ଫାରା ନିଜ ପଦରୁ ଇସ୍ତଫା ଦେବା ସହ ଏହି ସଂଗଠନକୁ ଭଙ୍ଗ କରାଯାଇଥିବା ସ୍ପଷ୍ଟ କରିଛନ୍ତି, ଯାହାଦ୍ୱାରା ନୂତନ ଶାସନ ପ୍ରକ୍ରିୟା ସହଜ ହୋଇପାରିବ।

# ପ୍ରେମିକାଙ୍କୁ ମାରିଲା, ମୃତ ଦେହ ଖଣ୍ଡଖଣ୍ଡ କଲା

ବାରାଣସୀ : ସାମାନ୍ୟ ସନ୍ଦେହରୁ ଘଟିଛି ଭୟଙ୍କର ଘଟଣା। ଜଣେ ୩୮ ବର୍ଷୀୟ ବିବାହିତ ମହିଳାଙ୍କୁ ତାଙ୍କ ପ୍ରେମିକ ନିର୍ମମ ଭାବେ କରିଛନ୍ତି ହତ୍ୟା। ବିବାହିତ ପ୍ରେମିକା ଶୋଇଥିବା ବେଳେ ପ୍ରେମିକ ଜଣଙ୍କ ପ୍ରଥମେ ତାଙ୍କ ତଣ୍ଟି କାଟି ଦେଇଥିଲେ। ସେ ପ୍ରାଣ ହରାଇବା ବେଳେ ତାଙ୍କ ମୃତଦେକୁ ୩ ଖଣ୍ଡ କରି କାଟି ଦେଇଥିଲେ। ଶେଷରେ ଉତ୍ତର ପ୍ରଦେଶ ଜୌନପୁରର ବିଭିନ୍ନ ସ୍ଥାନରେ ୩ ଖଣ୍ଡ କରିଥିବା କରିଥିବା ମୃତଦେହର କିଛି ଅଂଶକୁ ଫିଙ୍ଗିଥିଲେ। କିନ୍ତୁ ବାକି ଅଂଶକୁ ଫିଙ୍ଗିବା ବେଳେ ପୁଲିସ୍ ଏନକାଉଣ୍ଟର କରି ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ପ୍ରେମିକାର ମୋବାଇଲ ଚାଟକୁ ନେଇ ଆରମ୍ଭ ହୋଇଥିବା ବିବାଦ ଏତେ ବଡ଼ ରୂପ ନେଇଥିବା ପୁଲିସ୍ ଜାଣିବାକୁ ପାଇଛି। ଗୁଜରାଟର ମୂଳ ବାସିନ୍ଦା ୪୨ ବର୍ଷୀୟ ହେମାଲ ଖାଖାରିଆ ଓରଫ ଦିଲୀପ। ସେ ଜୌନପୁରର ଟିଚର୍ସ କଲୋନୀରେ ଭଡ଼ାରେ ରହୁଥିଲେ। ତାଙ୍କର ୩୮ ବର୍ଷୀୟ ବିବାହିତ ମହିଳା ରେଶମା ଖାନ ଓରଫ ସାନାଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଦିଲୀପ ବାରାଣସୀର ବାବଟପୁରରୁ ରେଶମାଙ୍କୁ ଜୁଲାଇ ୪ରେ ଟିଚର୍ସ କଲୋନୀରେ ଥିବା ନଜ ଭଡ଼ା ଘରକୁ ଆଣିଥିଲେ। ଉଭୟ ଘରେ ଥିବା ବେଳେ ମୋବାଇଲ ଫୋନରେ ଥିବା ଚାଟକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରେଶମାଙ୍କ ଚରିତ୍ର ଉପରେ ଦିଲୀପ ସନ୍ଦେହ କରିଥିଲେ। ହେଲେ ସେହି ସମୟରେ ଦିଲୀପ କଥା ଆଗକୁ ନ ବଢ଼ାଇ ଘରୁ ଚାଲି ଯାଇଥିଲେ। ରାତିରେ ସେ ଘରକୁ ଫେରିଲା ବେଳକୁ ରେଶମା ଶୋଇ ପଡ଼ିଥିଲେ। ଏହି ସମୟରେ ଦିଲୀପ ଗୋଟିଏ ଛୁରୀରେ ପ୍ରଥମେ ରେଶମାଙ୍କ ତଣ୍ଟି କାଟି ତାଙ୍କୁ ମାରି ଦେଇଥିଲେ। ରେଶମାଙ୍କୁ ହତ୍ୟା କରିବା ପରେ ସେ ସ୍ଥାନୀୟ ଅଞ୍ଚଳରେ ଥିବା ଗୋଟିଏ ମାର୍କେଟକୁ ଯାଇଥିଲେ ଓ କଳା ରଙ୍ଗର ପଲିଥିନ ଆଣିଥିଲେ। ରୁମ ଭିତରେ ସେ ବେଶ ଚତୁରତାର ସହ ମୃତଦେହକୁ ୩ ଖଣ୍ଡ କରି ଦେଇଥିଲେ। ହାତ ଗୋଡ଼ କାଟି ଅଲଗା ଅଲଗା ଭାବେ ପଲିଥିନରେ ପ୍ୟାକିଂ କରିଥିଲେ। ପ୍ରଥମେ ସେ ରାଣୀପୁର ବାଇପାସ୍ରେ ମୁଣ୍ଡ, ହାତ ଓ ଗୋଡ଼ ନଥିବା ଖଣ୍ଡବିଖଣ୍ଡିତ ଶରୀରକୁ ଫିଙ୍ଗି ଦେଇଥିଲେ। ଏହାପରେ ରାମନଗର ବ୍ଲକ କ୍ରସିଂ ନିକଟ କଲଭର୍ଟରେ ଗୋଡ଼ ଓ ଅନ୍ୟ କିଛି ଅଂଶ ଫୋପାଡ଼ିଥିଲେ। ରବିବାର ସକାଳେ ରାଣୀପୁର ବାଇପାସ ନିକଟରେ ଗୋଟିଏ କଳା ରଙ୍ଗର ପଲିଥିନରେ ଖଣ୍ଡବିଖଣ୍ଡିତ ମୃତଦେହର କିଛି ଅଂଶକୁ ସ୍ଥାନୀୟ ଲୋକ ଦେଖି ପୁଲିସ୍କୁ ଖବର ଦେଇଥିଲେ। ପୁଲିସ୍ ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ଓ ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଦୀଲିପ ସମ୍ପର୍କରେ ସୂଚନା ମିଳିଥିଲା। ରବିବାର ସକାଳୁ ଫିଙ୍ଗି ଥିବା ମୃତଦେହର କିଛି ଅଂଶ ପୁଲିସ୍ ଠାବ କରିଥିବା ଜାଣିବାରୁ ଦିଲୀପ ପୂରା ବିଚଳିତ ହୋଇ ଯାଇଥିଲେ। ଏଥିପାଇଁ ରବିବାର ବିଳମ୍ବିତ ରାତିରେ ସେ ବାକି ରହିଥିବା ମୃତଦେହର ଅଂଶବିଶେଷକୁ ଫିଙ୍ଗିବାକୁ ବାହାରିଥିଲେ।

## ପୁଣେ ହତ୍ୟାକାଣ୍ଡର ନୂଆ ମୋଡ଼

# ନିର୍ବନ୍ଧ ପୂର୍ବରୁ ପ୍ରେମିକଙ୍କୁ ବିବାହ କରିଥିଲେ ସିୟା

ପୁଣେ : ପୁଣେର ବହୁ ଚର୍ଚ୍ଚିତ ଲୋହଗଡ଼ ଦୁର୍ଗ ହତ୍ୟାକାଣ୍ଡ ମାମଲାରେ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ୍ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ସହ ନିର୍ବନ୍ଧ ହେବା ପୂର୍ବରୁ ହିଁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଗୁପ୍ତ ଭାବେ ବିବାହ କରିସାରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଚଳିତ ବର୍ଷ ନଭେମ୍ବର ମାସରେ ୨୦ ବର୍ଷୀୟା ସିୟା ଏବଂ ୨୫ ବର୍ଷୀୟ କେତନଙ୍କ ବିବାହ ସ୍ଥିର ହୋଇଥିବା ବେଳେ ଗତ ଜୁନ୍ ୧୮ ତାରିଖରେ ଲୋହଗଡ଼ ଦୁର୍ଗରୁ ଖସିପଡ଼ି କେତନଙ୍କ ମୃତ୍ୟୁ ଘଟିଥିଲା। ଏହି ବିବାହରେ ଅରାଜି ଥିବା ସିୟା ହିଁ କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିବା ନେଇ ପୋଲିସ ପୂର୍ବରୁ ସନ୍ଦେହ କରୁଥିଲା। ଏବେ ପୁଣେ ଗ୍ରାମାଞ୍ଚଳ ପୋଲିସ ହାତରେ ଲାଗିଥିବା ନୂଆ ତଥ୍ୟ ଅନୁଯାୟୀ, ପ୍ରାୟ ଚାରି ମାସ ପୂର୍ବରୁ ସିୟା ଓ ଚେତନ ଏକ ସ୍ଥାନୀୟ ସବ୍-ରେଜିଷ୍ଟ୍ରାର ଅଫିସରେ ଗୁପ୍ତରେ କୋର୍ଟ ମ୍ୟାରେଜ୍ କରିଥିବା ଜଣାପଡ଼ିଛି। ପୋଲିସ ବର୍ତ୍ତମାନ ସ୍ପେଶାଲ ମ୍ୟାରେଜ୍ ଆକ୍ଟ ଅଧୀନରେ ସେମାନଙ୍କର କୌଣସି ବିବହ ପ୍ରମାଣପତ୍ର (ମ୍ୟାରେଜ୍ ସାର୍ଟିଫିକେଟ୍) ରହିଛି କି ନାହିଁ ତାହା ଯାଞ୍ଚ କରୁଛି, ଯାହାଫଳରେ ଗତ ଫେବୃଆରୀ ମାସରେ କେତନଙ୍କ ସହ ହୋଇଥିବା ନିର୍ବନ୍ଧ ଆଇନଗତ ଭାବେ ଅବୈଧ ସାବ୍ୟସ୍ତ ହେବ। ଏହି ଗୁପ୍ତ ବିବାହରେ ସାକ୍ଷୀ ଭାବେ ସ୍ୱାକ୍ଷର କରିଥିବା ସିୟାଙ୍କ ଦୁଇ କଲେଜ ବନ୍ଧୁଙ୍କୁ ମଧ୍ୟ ପୋଲିସ ନିଜ ସ୍କାନରକୁ ନେଇଛି। ଏହାସହ ଅଭିଯୁକ୍ତ ପ୍ରେମୀଯୁଗଳ ବରମାଳା ପିନ୍ଧିଥିବା କେତେକ ଫଟୋ ଏକ ଅବୈଧ ଇଷ୍ଟାଗ୍ରାମ ଆକାଉଣ୍ଟରୁ ଡିଲିଟ୍ କରାଯାଇଥିବା ବେଳେ ପୋଲିସର ବୈଷୟିକ ଦଳ(ଟେକନିକାଲ୍ ଟିମ୍) ତାହାକୁ ରିକୋଭର କରିବାକୁ ଚେଷ୍ଟା କରୁଛି। ଉଦୟପୁରରେ ହେବାକୁ ଥିବା ଡେଷ୍ଟିନେସନ ୱେଡିଂ ପାଇଁ କେତନଙ୍କ ପରିବାର ଲୋକେ ଯେତେବେଳେ ସିୟାଙ୍କ ପରିଚୟପତ୍ର ଓ ଦସ୍ତାବିଜ୍ ମାଗିଥିଲେ, ସେତେବେଳେ ନିଜର ଗୁପ୍ତ ବିବାହ ଧରାପଡ଼ିଯିବା ଭୟରେ ସିୟା ଓ ଚେତନ କେତନଙ୍କୁ ହତ୍ୟା କରିବା ପାଇଁ ଯୋଜନାକୁ ଆହୁରି ତୀବ୍ର କରିଦେଇଥିଲେ। ଗୁପ୍ତ ବିବାହ ପାଇଁ ଜାରି ହେଉଥିବା ବାଧ୍ୟତାମୂଳକ ସରକାରୀ ନୋଟିସକୁ ଏଡ଼ାଇବା ପାଇଁ ଚେତନ କୌଣସି ମଧ୍ୟସ୍ଥିକୁ ଲାଞ୍ଚ ଦେଇଥିଲେ କି ନାହିଁ, ତାହା ଜାଣିବା ପାଇଁ ପୋଲିସ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ କରୁଛି ଏବଂ ବର୍ତ୍ତମାନ ଉଭୟ ସିୟା ଓ ଚେତନ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ଅମରନାଥ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଛି

ଜମ୍ମୁ: ବାର୍ଷିକ ଅମରନାଥ ଯାତ୍ରା ପାଇଁ ଚଳିତ ବର୍ଷ ଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ୩୧ ଜଣ ବିଦେଶୀ ନାଗରିକଙ୍କ ସମେତ ମୋଟ ୮,୮୧୫ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଚଳିତ ବର୍ଷର ସବୁଠାରୁ ବଡ଼ ଦଳ ଜମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପବିତ୍ର ଗୁମ୍ଫା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ମାତ୍ର ପ୍ରଥମ ୪ ଦିନ ମଧ୍ୟରେ ଏହି ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କୁ ଦର୍ଶନ କରିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୯୩,୦୦୦ ଅତିକ୍ରମ କରିସାରିଛି। ୩,୮୮୦ ମିଟର ଉଚ୍ଚତାରେ ଅବସ୍ଥିତ ମହାଦେବଙ୍କ ଏହି ପବିତ୍ର ଗୁମ୍ଫାକୁ ଆଜି ସନ୍ଧ୍ୟା ସୁଦ୍ଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୧ ଲକ୍ଷ ଟପିଯିବ ବୋଲି ପ୍ରଶାସନ ପକ୍ଷରୁ ଆଶା



କରାଯାଉଛି। ଯଦି ଏହା ହୁଏ, ତେବେ ଚଳିତ ବର୍ଷର ରେକର୍ଡ ଭିଡ଼କୁ ଦର୍ଶାଉଛି। ଆଗାମୀ ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ଏହି ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ବାହାରିଥିବା ଏହି ସର୍ବବୃହତ ଦଳରେ ୫,୮୩୧ ଜଣ ପୁରୁଷ, ୨,୧୯୩ ଜଣ ମହିଳା, ୩୧ ଜଣ ଶିଶୁ, ୫୯୮ ଜଣ ସାଧୁ, ୧୩୧ ଜଣ ସାଧ୍ୱୀ ଏବଂ ୩୧ ଜଣ ବିଦେଶୀ ନାଗରିକ ସାମିଲ ଅଛନ୍ତି। ଏହି ସମସ୍ତ ଯାତ୍ରୀ ମୋଟ ୩୬୩ଟି ଗାଡ଼ିର ଏକ ବିଶାଳ ସ୍ୱତନ୍ତ୍ର କନଭେୟରେ ଯାତ୍ରା କରୁଛନ୍ତି, ଯେଉଁଥିରୁ ୧୮୧ଟି ଗାଡ଼ିରେ ୩,୯୮୯ ଜଣ ଯାତ୍ରୀ ଗାନ୍ଦେରବଲ ଜିଲ୍ଲାର ବାଲଟାଲ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଇଥିବା ବେଳେ ୧୮୨ଟି ଗାଡ଼ିରେ ୪,୮୨୬ ଜଣ ଶ୍ରଦ୍ଧାଳୁ ପାରମ୍ପରିକ ଅନନ୍ତନାଗ ଜିଲ୍ଲାର ପହଲଗାମ ରୁଟ୍ ଦେଇ ଯାତ୍ରା କରିଛନ୍ତି। ଚଳିତ ଯାତ୍ରା ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଜମ୍ମୁ ବେସ୍ କ୍ୟାମ୍ପ ଛାଡ଼ିଥିବା ମୋଟ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୩୪,୮୨୯ରେ ପହଞ୍ଚିଛି। ଏହାପୂର୍ବରୁ ଗତ ରବିବାର ସର୍ବାଧିକ ୬,୭୨୧ ଜଣ ଯାତ୍ରୀ ଯାଇଥିବା ବେଳେ ମଙ୍ଗଳବାରର ଏହି ଦଳ ସେହି ରେକର୍ଡକୁ ଭାଙ୍ଗିଛି। ଏହି ଅପ୍ରତ୍ୟାଶିତ ଭିଡ଼କୁ ଦୃଷ୍ଟିରେ ରଖି ଜମ୍ମୁ କଶ୍ମୀର ପ୍ରଶାସନ ପକ୍ଷରୁ ଅଣପଞ୍ଜୀକୃତ ଭକ୍ତମାନଙ୍କୁ ଆସନ୍ତା ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ନିଜର ଯାତ୍ରା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି, କାରଣ ଏହି ସମୟ ପର୍ଯ୍ୟନ୍ତ ସମସ୍ତ ସ୍ଲଟ୍ ସମ୍ପୂର୍ଣ୍ଣ ବୁକ୍ ହୋଇସାରିଛି। କେବଳ ବୈଧ ପଞ୍ଜୀକରଣ ଥିବା ଶ୍ରଦ୍ଧାଳୁଙ୍କୁ ହିଁ କାଶ୍ମୀର ସୀମା ଭିତରକୁ ପ୍ରବେଶ ଅନୁମତି ମିଳୁଛି ଏବଂ ଅନ୍ୟମାନଙ୍କୁ ସ୍ୱତନ୍ତ୍ର ଚେକପଏଣ୍ଟ ନିକଟରେ ଅଟକାଯାଉଛି।

# କ୍ୱାର୍ଟରରେ ବେଲଜିୟମ୍

ଫିଫା ବିଶ୍ୱକପ୍

ସିଟଲ୍: ଚାର୍ଲସ ଡି'କେଟ୍ଲାରେଙ୍କ ଯୁଗଳରେ ବେଲଜିୟମ୍ ଚଳିତ ଫିଫା ବିଶ୍ୱକପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ପ୍ରିକ୍ୱାର୍ଟର ଫାଇନାଲରେ ସହଆୟୋଜକ ୟୁଏସ୍ଏକୁ ୪-୧ ଗୋଲରେ ହରାଇ ଏହି ସ୍ଥାନ ନିଶ୍ଚିତ କରିଛି। ୟୁଏସ୍ଏର ଏହି ପରାଜୟ ପରେ ୟୁଏସ୍ଏ ସହ ଚଳିତ ବିଶ୍ୱକପରୁ ୩ ଆୟୋଜକ ଦେଶର ଅଭିଯାନ ଶେଷ ହୋଇଛି। ପୂର୍ବରୁ କାନାଡ଼ା ଓ ମେକ୍ସିକୋର ଅଭିଯାନ ମଧ୍ୟ ପ୍ରିକ୍ୱାର୍ଟର ଫାଇନାଲରେ ଶେଷ ହୋଇଥିଲା। ମଙ୍ଗଳବାର ସିଟଲ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ନବମ ମିନିଟରେ ନିକୋଲାସ ରାସ୍କିନଙ୍କୁ ପାସ୍କୁ ଡି'କେଟଲାରେ ଗୋଲରେ ପରିଣତ କରି ବେଲଜିୟମକୁ ଆଗରେ ରଖିଥିଲେ। ତେବେ ୩୧ତମ ମିନିଟରେ ଘରୋଇ ଦଳକୁ ମିଳିଥିବା ଫ୍ରିକିକକୁ ମଲିକ୍ ତିଲମାନ ସିଧା ବେଲଜିୟମ୍ ଗୋଲପୋଷ୍ଟକୁ ବଲ୍ ପଠାଇ ସ୍ଥିତି ବରାବର କରିଦେଇଥିଲେ। ଏହାର ୨ ମିନିଟ୍ ପରେ ଲେଣ୍ଡ୍ରୋ ଟ୍ରସ୍ସାର୍ଡଙ୍କ ସହଯୋଗରେ ଡି'କେଟ୍ଲାରେ ଗୋଲ୍ ଦେଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ଦଳକୁ ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଡି'କେଟଲାରେଙ୍କ ସହାୟତାରେ ହନ୍ସ ଭାନାକେନ୍ ଗୋଲ୍ କରି ବେଲଜିୟମକୁ ୩-୧ରେ ଅଗ୍ରଣୀ ଦେଇଥିଲେ। ଶେଷ ଇନଜୁରି ସମୟରେ ଭାନାକେନଙ୍କ ପାସରେ ରୋମେଲୁ ଲୁକାକୁ ଗୋଲ୍ କରି ଦଳକୁ ୪-୧ରେ ବିଜୟ ଭେଟି ଦେଇଥିଲେ। ୩ଟି ଗୋଲରେ ନିଜର ଅବଦାନ ରଖିଥିଲା ଡି'କେଟଲାରେ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବେଲଜିୟମ୍ ଶୁକ୍ରବାର କ୍ୱାର୍ଟରଫାଇନାଲରେ ୟୁରୋପୀୟ ବିଜେତା ସ୍ପେନକୁ ଭେଟିବ।



## ବିଶ୍ୱକପ୍ ପରାଜୟରୁ ଶିକ୍ଷା ନେବୁ : ବ୍ରାଜିଲ୍ ପ୍ରଶିକ୍ଷକ

ନ୍ୟୁ ଜର୍ସି, ୭।୭(ଏଜେନ୍ସି) : ପାଞ୍ଚଥରର ବିଜେତା ବ୍ରାଜିଲ୍ ବିଶ୍ୱକପ୍ର ପ୍ରି-କ୍ୱାର୍ଟର ଫାଇନାଲ୍ ସ୍ତରରୁ ବିଦାୟ ନେବାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଲାଗି ରହିଛି। ତେବେ ଦଳର ପ୍ରଶିକ୍ଷକ କାର୍ଲୋ ଆନ୍ସେଲୋଟି କହିଛନ୍ତି ଯେ ଏହି ବିଶ୍ୱକପରୁ ସହଳ ବିଦାୟକୁ ଏକ ଶିକ୍ଷା ଭାବେ ନେବ ଓ ଭବିଷ୍ୟତରେ ଏହି ଅଭିଜ୍ଞତାକୁ କାମରେ ଲଗାଇବ। ଏହି ହତାଶା ସତ୍ତ୍ୱେ ଦଳ ନିଜର ପ୍ରଦର୍ଶନରେ ଉନ୍ନତି କରିବାକୁ ଉଦ୍ୟମ କରିଚାଲିବ। ମ୍ୟାଚ୍ ପରେ ସେ କହିଛନ୍ତି, "ଏଥର ଆମେ ଯାହା କଲୁ ତାହା ଏକ ଅଭିଜ୍ଞତା ହେବ। ଏହା ଏକ ନିରାଶାଜନକ ଫଳାଫଳ ଓ ଏହା ଆମକୁ ଦୁଃଖ ଦେଇଛି। କିନ୍ତୁ ଏହା ଏକ ମହାନ ଦଳ ଓ ସେଥିପାଇଁ ମୋ ଖେଳାଳିମାନଙ୍କୁ ଧନ୍ୟବାଦ ଦେବି। ସେମାନେ କଠିନ ପରିଶ୍ରମ କରିଥିଲେ। ମୁଁ ଭାବୁନି ସେମାନେ ପରାଜୟର ହକ୍ଦାର, କିନ୍ତୁ ଆମକୁ ଏହାକୁ ଗ୍ରହଣ କରିବାକୁ ହେବ"। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପରାଜୟ ଦଳ ଉପରେ ଏକ ମାନସିକ ଆଘାତ ଦେଇଛି, କିନ୍ତୁ ଦଳକୁ ସକାରାତ୍ମକ ରହିବାକୁ ହେବ। ସୂଚନାଯୋଗ୍ୟ ଯେ ନରୱେର ଏର୍ଲିଂ ହାଲାଣ୍ଡଙ୍କ ଯୁଗଳ ବଦଳରେ ୧-୨ରେ ହାରିଯାଇଥିଲା ବ୍ରାଜିଲ୍।



## ଫିଫାରେ ଟ୍ରମ୍ପଙ୍କ ହସ୍ତକ୍ଷେପ ନେଇ ବିବାଦ

ନ୍ୟୁୟର୍କ : ଫୁଟବଲ ବିଶ୍ୱକପରେ ରାଜନୈତିକ ହସ୍ତକ୍ଷେପକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିବାଦର କେନ୍ଦ୍ରରେ ଅଛନ୍ତି ଖୋଦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ତାଙ୍କ ନିର୍ଦ୍ଦେଶରେ ଆମେରିକା ଫୁଟବଲ ଦଳର ସଦସ୍ୟ ଫୋଲାରିନ୍ ବାଲୋଗନଙ୍କୁ ନିଲମ୍ବନ ଆଦେଶ ଫିଫା ପକ୍ଷରୁ ପ୍ରତ୍ୟାହାର ହୋଇଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ସାନ୍ ଫ୍ରାନ୍ସିସ୍କୋରେ ଅନୁଷ୍ଠିତ ଆମେରିକା ଓ ବୋସନିଆ ହର୍ଜେଗୋଭିନା ମ୍ୟାଚରେ ବାଲୋଗନଙ୍କୁ ଲାଲ୍କାର୍ଡ ପ୍ରଦର୍ଶନ କରାଯାଇ ନିଲମ୍ବନ କରାଯାଇଥିଲା। ଏହି ନିଲମ୍ବନ ଆଦେଶ ମଙ୍ଗଳବାର ସକାଳେ ବେଲ୍ଜିୟମ୍ ବିପକ୍ଷ ଆମେରିକାର ପ୍ରିକ୍ୱାର୍ଟରଫାଇନାଲ୍ ମ୍ୟାଚରେ ବି ଲାଗୁ ହେବାର ଥିଲା। କିନ୍ତୁ ଏହି ମ୍ୟାଚ୍ର ଦିନକ ପୂର୍ବରୁ ଫିଫା ନିଜର ନିଷ୍ପତ୍ତିକୁ ବଦଳାଇ ବାଲୋଗନଙ୍କୁ ଖେଳିବାକୁ ସବୁଜ ସଂକେତ ଦେଇଥିଲା। ଫିଫା ନିଜ ନିଷ୍ପତ୍ତିରେ କହିଥିଲା ଯେ ତାଙ୍କ ଉପରେ ନିଲମ୍ବନ ଆଦେଶ ତୁରନ୍ତ ଲାଗୁ ହେବ ନାହିଁ ଓ ତାଙ୍କୁ ଏକ ବର୍ଷ ପର୍ଯ୍ୟବେକ୍ଷଣ ଅବଧିରେ ରଖାଯାଇଛି। ସୂଚନାଯୋଗ୍ୟ ଯେ ୧୯୬୨ ପରେ ପ୍ରଥମ ଥର ପାଇଁ କୌଣସି ଲାଲକାର୍ଡ ନିଲମ୍ବନ ଆଦେଶ ତୁରନ୍ତ ଲାଗୁ ହୋଇନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜଣେ ଆମେରିକୀୟ ବରିଷ୍ଠ ଅଧିକାରୀ ସ୍ୱୀକାର କରିଛନ୍ତି ଯେ ବାଲୋଗନଙ୍କୁ ନିଲମ୍ବନ ଆଦେଶ ପ୍ରସଙ୍ଗରେ ଟ୍ରମ୍ପ ଫିଫା ମୁଖ୍ୟ ଗିଆନି ଇନଫାଣ୍ଟିନୋଙ୍କୁ ଫୋନ କରିଥିଲେ। ଏହି ଆଲୋଚନା ସମୟରେ ଟ୍ରମ୍ପ ଜାଣିବାକୁ ଚାହିଁଥିଲେ ଯେ ବାଲୋଗନଙ୍କୁ କାହିଁକି ଲାଲକାର୍ଡ ଦେଖାଇ ନିଲମ୍ବନ କରାଗଲା। ଏହି ଆଲୋଚନା ପରେ ହିଁ ଫିଫାର ଏକ ସ୍ୱାଧୀନ ବୋର୍ଡ ନିଜର ନିଷ୍ପତ୍ତିକୁ ବଦଳାଇଦେଇଥିଲା। ନିଲମ୍ବନ ଆଦେଶ ଆସିବା ପରେ ଟ୍ରମ୍ପ ତାହାକୁ 'ଘୋର ଅନ୍ୟାୟ' ବୋଲି କହିଥିବାବେଳେ ନିଲମ୍ବନ ପ୍ରତ୍ୟାହାର ପରେ ଫିଫାକୁ ଟ୍ରମ୍ପ କୃତଜ୍ଞତା ଜଣାଇଥିଲେ।

## ବ୍ରାଜିଲ ରେଫରିଙ୍କୁ ଫିଫାର ସମର୍ଥନ

ନୂଆଦିଲ୍ଲୀ : ୟୁଏସ୍ଏ ଷ୍ଟ୍ରାଇକର୍ ଫୋଲାରିନ୍ ବାଲୋଗନଙ୍କୁ ରେଡକାର୍ଡ ପ୍ରଦାନ ପରେ ରେଫରିଙ୍କୁ ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନା କରିଥିଲେ। ହେଲେ ବ୍ରାଜିଲ ରେଫରି ରାଫେଲ କ୍ଲଜଙ୍କୁ ଏହି ନିଷ୍ପତ୍ତିକୁ ବିଶ୍ୱ ଫୁଟବଲ ସର୍ବୋଚ୍ଚ ସଂସ୍ଥା ଫିଫା ପୂର୍ଣ୍ଣ ସମର୍ଥନ କରିଛି। ବୋସନିଆ ଓ ହାର୍ଜେଗୋଭିନା ବିପକ୍ଷ ରାଉଣ୍ଡ-୩୨ ମ୍ୟାଚ୍ ବେଳେ ବାଲୋଗନ୍ ବିପକ୍ଷ ଖେଳାଳି ତାରିକ ମୁହାରେମୋଭିକଙ୍କୁ ଗୋଇଠିକୁ ବୁଟରେ ମାରି ଦେଇଥିଲେ। କ୍ଲଜ୍ 'ଭାର୍' ଯାଞ୍ଚ ପରେ ବାଲୋଗନଙ୍କୁ ରେଡକାର୍ଡ ଦେଇଥିଲେ। ହେଲେ ଫିଫା ପରବର୍ତ୍ତୀ ସମୟରେ ବାଲୋଗନଙ୍କୁ ରେଡକାର୍ଡ ନିଲମ୍ବନକୁ ବାତିଲ କରିଦେଇଥିଲା। ଟ୍ରମ୍ପ କହିଥିଲେ, ଏହି ନିଷ୍ପତ୍ତି ସମୀକ୍ଷା ହେବାର ଆବଶ୍ୟକ ଥିଲା।

କ୍ଲଜଙ୍କୁ ସିଧାସଳଖ କିଛି ଆକ୍ଷେପ ନକରି, ସେ କହିଥିଲେ 'ଯଦି ତାଙ୍କର ଅତୀତ ଯାଞ୍ଚ କରିବ, ଟିକେ ସନ୍ଦେହଜନକକ'। ଏହାପରେ ଫିଫା ଏକ ବିବୃତ୍ତିରେ କହିଛି ଯେ, ରାଫେଲ କ୍ଲଜ୍ ଜଣେ ପ୍ରମୁଖ ବୃତ୍ତିଗତ ରେଫରି ଏବଂ ବିଶ୍ୱକପରେ ଏଲିଟ୍ ରେଫରି ଗୋଷ୍ଠୀରେ ଅଛନ୍ତି। ତାଙ୍କ ଜୀବନରେ ସେ ସଚ୍ଚୋଟତାର ସହ ପ୍ରଦର୍ଶନ କରିଛନ୍ତି। ପରିଚାଳନା କରିଛନ୍ତି। କ୍ଲଜ୍ ଦ୍ୱିତୀୟ ଫିଫା ବିଶ୍ୱକପରେ ରେଫରି ଦାୟିତ୍ୱ ତୁଲାଇଛନ୍ତି। ସେ ଆମ ସହ ୨୦୨୨ କତରରେ ମଧ୍ୟ



ରେଫରିଙ୍କୁ ଓ ମ୍ୟାଚ୍ ପରିଚାଳନା ନିୟମକୁ ସମ୍ମାନ କରିବା ଉଚିତ। କାରଣ ରେଫରି ବିନା ଫୁଟବଲ ଖେଳ ହୋଇପାରିବନି"। ୪୫ ବର୍ଷୀୟ କ୍ଲଜ୍ ତାଙ୍କ ରେଫରି ଜୀବନରେ ୭୦୦ରୁ ଅଧିକ ମ୍ୟାଚ୍ ଥିଲେ। ତାଙ୍କ ପାଖରେ ବହୁତ ଅଭିଜ୍ଞତା ରହିଛି। ଆମର ତାଙ୍କ ଉପରେ ପୂରା ଭରସା ରହିଛି ବୋଲି ଫିଫାର ମୁଖ୍ୟ ରେଫରି ଅଧିକାରୀ ଓ ରେଫରି କମିଟି ଅଧ୍ୟକ୍ଷ ପିଏର୍ଲୁଇଗି କୋଲିନା କହିଛନ୍ତି।

## ଜିମ୍ବାୱେ ବିପକ୍ଷ ଶୃଙ୍ଖଳା : ସାମସନ୍ ବାଦ୍, ଆଉ ୩ ଜଣଙ୍କୁ ଡାକରା

ମୁମ୍ବାଇ : ଚଳିତ ଜୁଲାଇ ଶେଷ ସପ୍ତାହରେ ଖେଳାଯିବାକୁ ଥିବା ଜିମ୍ବାୱେ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପାଇଁ ଘୋଷିତ ଭାରତୀୟ ଦଳରୁ ୱିକେଟ ରକ୍ଷକ ବ୍ୟାଟର୍ ସଞ୍ଜୁ ସାମସନ ବାଦ୍ ପଡ଼ିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦୁଇଟି ଏବଂ ଇଂଲଣ୍ଡ ବିପକ୍ଷ ଗୋଟିଏ ଟ୍ୱେଣ୍ଟି-୨୦ରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ସଞ୍ଜୁ ଯଥାକ୍ରମେ ୫,୦ ଓ ୧ ରନ୍ କରିବା ପରେ ଚୟନକର୍ତ୍ତାଙ୍କ ଭରସା ତାଙ୍କ ଉପରୁ ଉଠି ଯାଇଛି। ସାମସନଙ୍କ ସ୍ଥାନରେ ଆଇପିଏଲ୍ ଦଳ ପଞ୍ଜାବ କିଙ୍ଗ୍ସର ୱିକେଟ୍ ରକ୍ଷକ ପ୍ରଭସିମରନ୍ ସିଂହ ପ୍ରଥମ ଥର ଲାଗି ଭାରତୀୟ ଟ୍ୱେଣ୍ଟି-୨୦ ଦଳରେ ସୁଯୋଗ ପାଇଛନ୍ତି। ଆଇପିଏଲ୍-୨୦୨୬ରେ ସେ୧୬୮.୮୭ ଷ୍ଟ୍ରାଇକ୍ରେଟରେ ୫୧୦ ରନ୍ କରିଥିଲେ। ସେହିଭଳି ଅଲରାଉଣ୍ଡର୍ ଅକ୍ଷର ପଟେଲଙ୍କ ସ୍ଥାନ ଯୁବ ସ୍ପିନ୍ ଅଲରାଉଣ୍ଡର୍ ହର୍ଷ ଦୁବେ ନେଇଥିଲା ବେଳେ ୱାସିଂଟନ୍ ସୁନ୍ଦରଙ୍କ ସ୍ଥାନରେ ରିଙ୍କୁ ସିଂହ ଭାରତୀୟ ଦଳକୁ ଫେରିଛନ୍ତି। ପେସ୍ ଆକ୍ରମଣରେ ଯୁବ ଖେଳାଳିଙ୍କ ଉପରେ ଭରସା କରିଛନ୍ତି ଚୟନକର୍ତ୍ତା। ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଖେଳୁଥିବା ପ୍ରିନ୍ସ ଯାଦବଙ୍କ ସହ ଦୀର୍ଘ ବ୍ୟବଧାନ ପରେ ଆହତ ଜର୍ଜରିତ ଦ୍ରୁତ ବୋଲର ମୟଙ୍କ ଯାଦବ ଦଳକୁ ଫେରିଛନ୍ତି। ସେହିପରି ଯଶ ଠାକୁର ଓ ଆଶୋକ ଶର୍ମା ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଶ୍ରେୟସ ଆୟର ଦଳର ଅଧିନାୟକ ହୋଇଥିବା ବେଳେ ତିଳକ ବର୍ମାଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ନିଜ ସ୍ଥାନ ବଜାୟ ରଖିଛନ୍ତି। ଏହି ଅବସରରେ ବିସିସିଆଇ ଇଂଲଣ୍ଡ ବିପକ୍ଷ ଦିନିକିଆ ଦଳରୁ ଆହତ ଯୋଗୁଁ ନୀତୀଶ କୁମାର ରେଡ୍ଡୀଙ୍କୁ ବାଦ୍ ଦେଇ ଶିବମ୍ ଦୁବେଙ୍କୁ ସାମିଲ କରିଥିବା ଘୋଷଣା କରିଛି। ଭାରତୀୟ ଦଳ: ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଳକ ବର୍ମା (ଉପଅଧିନାୟକ), ଈଶାନ କିଶନ (ୱିକେଟକିପର), ଶିବମ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ରିଙ୍କୁ ସିଂହ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ଯଶ ଠାକୁର, ଆଶୋକ ଶର୍ମା, ମୟଙ୍କ ଯାଦବ ଏବଂ ପ୍ରଭସିମ୍ରନ ସିଂହ (ୱିକେଟକିପର)।




## ଏସୀୟ କ୍ରୀଡ଼ାରେ ଲକ୍ଷ୍ମଣ ପ୍ରଶିକ୍ଷକ

ନୂଆଦିଲ୍ଲୀ : ଭାରତର ବ୍ୟସ୍ତ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଯୋଗୁଁ ବିସିସିଆଇ ପୁଣି ଥରେ ପ୍ରଶିକ୍ଷଣ ଦାୟିତ୍ୱ ବିଭାଜନ କରିବାକୁ ଚିନ୍ତା କରିଛି। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସ୍ଥାନରେ ଜିମ୍ବାୱେ ଗସ୍ତ ଓ ଏସୀୟ କ୍ରୀଡାରେ ବିସିସିଆଇ ଉତ୍କର୍ଷ କେନ୍ଦ୍ର (ସିଓଇ)ର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ। ଏସୀୟ କ୍ରୀଡ଼ାର ଶେଷ ସମୟରେ ଭାରତ ଗସ୍ତରେ ଆସିବ ୱେଷ୍ଟଇଣ୍ଡିଜ୍। ଫଳରେ ଭାରତୀୟ ବରିଷ୍ଠ ଦଳ ସହ ଗୌତମ ଗମ୍ଭୀର ରହିବେ। ଅନ୍ୟ ଦଳ ସହ ଜିମ୍ବାୱେ ଓ ଜାପାନ ଗସ୍ତ କରିବେ ଲକ୍ଷ୍ମଣ। ଜିମ୍ବାୱେ ଗସ୍ତ ସମୟରେ ଲକ୍ଷ୍ମଣଙ୍କ ସହ ପୂର୍ବତନ ଭାରତୀୟ ସ୍ପିନର୍ ସୁନିଲ ଜୋଶୀ (ବୋଲିଂ ପ୍ରଶିକ୍ଷକ) ଓ ପୂର୍ବତନ ବ୍ୟାଟର୍ ହୃଷିକେଶ କାନିତକର (ବ୍ୟାଟିଂ ପ୍ରଶକ୍ଷକ) ପ୍ରଶିକ୍ଷଣ ଦାୟିତ୍ୱରେ ରହିବେ। ଏହି ପ୍ରଶିକ୍ଷଣ ଗୋଷ୍ଠୀ ଏସୀୟ କ୍ରୀଡ଼ାରେ ମଧ୍ୟ କାର୍ଯ୍ୟ କରିବାର ସମ୍ଭବନା ରହିଛି।



## ଦୁଃଖରେ ମ୍ରିୟମାଣ ବ୍ରାଜିଲ ପ୍ରଶଂସକ

ନୂଆଦିଲ୍ଲୀ: ଚଳିତ ଫିଫା ଫୁଟ୍ବଲ୍ ବିଶ୍ୱକପରେ ଆଉ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୂର୍ବରୁ ଜର୍ମାନୀ ବିଦାୟ ନେଇ ସାରିଥିଲା ବେଳେ ରବିବାର ବିଶ୍ୱକପ୍ ଇତିହାସର ସଫଳତମ ତଥା ଲୋକପ୍ରିୟ ଦଳ ବ୍ରାଜିଲର ଅଭିଯାନ ଅଧାରେ ଅଟକି ଯାଇଛି। ରାଉଣ୍ଡ ଅଫ୍ ୧୬ରେ ଅନ୍ୟତମ ବଡ଼ ବିପର୍ଯ୍ୟୟ ସୃଷ୍ଟି କରି ନରୱେ ୨-୧ ଗୋଲ୍ରେ ବିଜୟୀ ହୋଇଛି। ତା' ସହିତ ଲାଟିନ ଆମେରିକୀୟ ମହାଶକ୍ତି ବ୍ରାଜିଲକୁ ବିଦାୟର ପଥ ଦେଖାଇ ଦେଇଛି। ଫଳରେ ସାରା ବିଶ୍ୱର କୋଟିକୋଟି ବ୍ରାଜିଲପ୍ରେମୀଙ୍କ ହୃଦୟ ଭାଙ୍ଗି ଚୂରମାର୍ ହୋଇଯାଇଛି। ବ୍ରାଜିଲର ତାରକା ଖେଳାଳି ନେମାରଙ୍କ ବିଶ୍ୱକପ୍ ଜିତିବା ସ୍ୱପ୍ନ ମଧ୍ୟ ଅଧୁରା ରହିଯାଇଛି। ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମର ଦର୍ଶକ ଷ୍ଟାଣ୍ଡରେ ବସି ଅନେକ ବ୍ରାଜିଲ ପ୍ରଶଂସକ ଗଭୀର ଦୁଃଖରେ କାନ୍ଦୁଥିବା ବି ଦେଖିବାକୁ ମିଳିଛି। ଏହି ଘଟଣାବହୁଳ ମୁକାବିଲାର ପ୍ରଥମାର୍ଦ୍ଧରେ ଉଭୟ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିଥିଲେ। ନରୱେର ଏକ ଗୋଲ୍ ଅଫ୍ ସାଇଡ୍ ହୋଇଥିଲା ବେଳେ ବ୍ରାଜିଲ ମଧ୍ୟ କେତେକ ଭଲ ସୁଯୋଗକୁ ହାତଛଡ଼ା କରିଥିଲା। ୧୪ତମ ମିନିଟରେ ମାଥେଉସ୍ କୁନହାଙ୍କୁ କ୍ରିଷ୍ଟୋଫର ଆଏର୍ ଫାଉଲ୍ ମାରିବା ପରେ ଭିଏଆର୍ ଯାଞ୍ଚ ଆଧାରରେ ବ୍ରାଜିଲକୁ ପେନାଲ୍ଟି ମିଳିଥିଲା। କିନ୍ତୁ ବ୍ରୁନୋ ଗୁଇମାରେସଙ୍କ ପେନାଲ୍ଟିକୁ ନରୱେ ଗୋଲକିପର ଓର୍ଜାନ୍ ନାଇଲାଣ୍ଡ ଅତ୍ୟନ୍ତ ଚମତ୍କାର ଭାବେ ବଞ୍ଚାଇ ଦଳକୁ ବଡ଼ ବିପଦରୁ ରକ୍ଷା କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ନରୱେ ନୂଆ ଉନ୍ମାଦ ଓ ଉତ୍ସାହ ନେଇ ପଡ଼ିଆକୁ ଓହ୍ଲାଇଥିଲା। ବିଶେଷ କରି ଛୋଟ ପାସରେ ବ୍ରାଜିଲକୁ ଚକ୍କା ଦେବାକୁ ନରୱେ ଖେଳାଳିମାନେ ସଫଳ ହୋଇଥିଲେ। ମ୍ୟାଚର ନିର୍ଣ୍ଣାୟକ ମୋଡ଼ ଆସିଥିଲା ୬୦ ମିନିଟରେ, ଯେତେବେଳେ ବ୍ରାଜିଲର ୧୯ ବର୍ଷୀୟ ଖେଳାଳି ଏଣ୍ଡ୍ରିକ୍ସ ଏକ ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିଥିଲା।

## ଭାରତୀୟ ବାଳିକା ୫ଏସ୍ ହକି ଶିବିରରେ ଓଡ଼ିଶାରୁ ୪

ଭୁବନେଶ୍ୱର : ଓମାନରେ ହେବାକୁ ଥିବା ବାଳିକା ୫ ଏସ୍ ହକି ଏସୀୟ ପ୍ରତିଯୋଗିତାକୁ ନଜରରେ ରଖି ଭୋପାଳସ୍ଥିତ ମଧ୍ୟପ୍ରଦେଶ ରାଜ୍ୟ ସୁଟିଂ ଏକାଡେମୀଠାରେ ଚଳିତ ମାସ ୪ରୁ ଆରମ୍ଭ ହୋଇଛି ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର। ୧୮ ତାରିଖ ପର୍ଯ୍ୟନ୍ତ ଭାରତ ପୂର୍ବତନ ଅଧିନାୟିକା ରାଣୀଙ୍କ ତତ୍ତ୍ୱାବଧାନରେ ୧୫ ଜଣ ଖେଳାଳିଙ୍କୁ ନେଇ ଏହି ଶିବିର ଚାଲିବ। ଏହି ୧୫ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ରହିଛନ୍ତି। ସେମାନେ ହେଲେ ରୁବିନା ବକ୍ସଲା, କିରଣ ଏକ୍କା, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ। ଏହି ୪ ଜଣ ୧୮ ବର୍ଷରୁ କମ୍ ଏସୀୟ କପ୍ କାଂସ୍ୟବିଜେତା ଭାରତୀୟ ଦଳର ସଦସ୍ୟ ରହିଥିଲେ। ବାଳିକା ଦଳ: ରଶ୍ମିନ କୌର, ରୁବିନା ବକ୍ସଲା, ନାନ୍ସି ସରୋହା, ପୁଷ୍ପା ମାଝି, ଖଲି କୁମାରୀ କିରଣ ଏକ୍କା, ସ୍ୱିଟି କୁଜୁର, ସ୍ନେହା ଦାବେ୍ଡ଼, ନୌସିନ୍ ନାଜ, ଶ୍ରୁତି କୁମାରୀ, ନିଲମ ଟପ୍ପୋ, ପ୍ରିୟଙ୍କା ମିଞ୍ଜ, ଦିୟା, ସନ୍ଦୀପା କୁମାରୀ, ମହକ ପରିହାର।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ୧୦ ନକ୍ଆଉଟ୍ ମ୍ୟାଚ : ଗୋଟିଏ ଗୋଲ୍

### ଅଲୋଡା ରେକର୍ଡର ଅଧିକାରୀ ରୋନାଲ୍ଡୋ

ନୂଆଦିଲ୍ଲୀ : ବିଶ୍ୱର ତାରକା ଫୁଟବଲ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବିଶ୍ୱକପ୍ ଅଭିଯାନ ଶେଷ ହୋଇଛି। ସୋମବାର ତାଙ୍କ ଦଳ ପର୍ତ୍ତୁଗାଲ ରାଉଣ୍ଡ-୩୨ରେ ସ୍ପେନଠୁ ହାରି ବିଦାୟ ନେଇଥିଲା। ପର୍ତ୍ତୁଗାଲର ଏହି ପରାଜୟ ମ୍ୟାଚରେ ରୋନାଲ୍ଡୋ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲେ। ବିଶ୍ୱ ଫୁଟବଲରେ ଅନେକ ରେକର୍ଡର ଅଧିକାରୀ ହୋଇଥିବା ରୋନାଲ୍ଡୋ ୬ଟି ବିଶ୍ୱକପରେ ୧୦ ନକ୍ଆଉଟ୍ ମ୍ୟାଚ୍ ଖେଳିଥିଲା ବେଳେ କେବଳ ଗୋଟିଏ ଗୋଲ୍ କରିବାକୁ ସକ୍ଷମ ହୋଇଛନ୍ତି। ନକ୍ଆଉଟ୍ ମ୍ୟାଚରେ ୭୪୧ ମିନିଟ୍ ପଡ଼ିଆରେ ଥିଲା ବେଳେ କେବଳ ଗୋଟିଏ ପେନାଲ୍ଟି ଗୋଲ୍ କରିବାକୁ ସକ୍ଷମ ହୋଇଥିଲା ବେଳେ ଗୋଟିଏ ଗୋଲରେ ବି ସହଯୋଗ କରି ନାହାନ୍ତି। ଏହି ୪୧ ବର୍ଷୀୟଙ୍କ ଏକମାତ୍ର ନକ୍ଆଉଟ୍ ଗୋଲ୍ ଚଳିତ ପ୍ରତିଯୋଗିତାର କ୍ରୋଏସିଆ ବିପକ୍ଷ ରାଉଣ୍ଡ-୩୨ରେ ଆସିଥିଲା। ଏଥିସହ ସେ ଶେଷରେ ବିଶ୍ୱକପ୍ ନକ୍ଆଉଟରେ ଦୁଇ ଦଶନ୍ଧି ଧରି ଚାଲିଥିବା ଗୋଲ୍ ମରୁଡ଼ିର ଅନ୍ତ ଘଟାଇଥିଲେ। ସ୍ପେନ୍ ବିପକ୍ଷ ମ୍ୟାଚ୍ ପରେ ୫ ଥରର ବାଲନ ଡି'ଓର୍ ବିଜେତା ଆଉ ବିଶ୍ୱକପ୍ ଖେଳିବେନି ବୋଲି ଘୋଷଣା କରିଥିଲେ। ସେ କହିଥିଲେ, ମୁଁ ଠିକ୍ ଅଛି, ଏହିପରି ବିଶ୍ୱକପ୍ ଛାଡ଼ିବା ଦୁଃଖର ବିଷୟ। କିନ୍ତୁ ମୁଁ ମୋର ଶ୍ରେଷ୍ଠ ଦେଇଛି। ଏବେ ବିଶ୍ୱକପରୁ ବିଦାୟ ନେଉଛି। ଏହା ଜଣେ ଫୁଟବଲ୍ ଖେଳାଳିଙ୍କ ଜୀବନ। କେତେବେଳେ ଆମେ ଜିତିଥାଉ ତ କେତେବେଳେ ହାରିଯାଉ। ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ସତ ହେଉଛି ଏହା ମୋର ଶେଷ ବିଶ୍ୱକପ୍ ଥିଲା। ଏବେ ମୁଁ ମୋ ପରିବାରକୁ ସମୟ ଦେଇପାରିବି'। ଆର୍ଜେଣ୍ଟିନାର ଲିଓନେଲ ମେସି (୩୦)ଙ୍କ ପରେ ରୋନାଲ୍ଡୋ (୨୭) ବିଶ୍ୱକପରେ ସର୍ବାଧିକ ମ୍ୟାଚ୍ ଖେଳିଛନ୍ତି। ସେ ୧୧ ଗୋଲ୍ କରିବା ସହ ପ୍ରଥମ ଖେଳାଳି ଭାବେ ୬ ଫିଫା ବିଶ୍ୱକପ୍ ଖେଳିଥିଲେ। ଚଳିତ ବିଶ୍ୱକପରେ ସେ ୩ ଗୋଲ୍ କରିଥିଲେ। ବିଶ୍ୱକପ୍ ଟ୍ରଫି ଧରିବାର ସୌଭାଗ୍ୟ ପାଇ ନଥିବା ରୋନାଲ୍ଡୋ ୨୦୦୬ ବିଶ୍ୱକପ୍ ପଦାର୍ପଣରେ ପର୍ତ୍ତୁଗାଲକୁ ସେମିଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି